

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୩ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 JULY 2021

Vol.No. 32 ■ No. 177 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିନା ଭକ୍ତରେ ହେଲା ବିଶ୍ୱନିୟନ୍ତାଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା

## ନିର୍ଦ୍ଧାରିତ ସମୟ ପୂର୍ବରୁ ଶରଧା ବାଲିରେ ଲାଗିଲେ ତିନି ରଥ

ପୁରୀ,୧୨/୦୭(ନି.ପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଦୁଲର୍ଭ ଦୃଶ୍ୟକୁ ଅପେକ୍ଷା କରିଥିଲା ସାରା ବିଶ୍ୱ । କରୋନା ଯୋଗୁଁ ସ୍ୱଚକ୍ଷୁରେ ଦେଖି ନପାରିଲେ ମଧ ଟିଭି ମାଧ୍ୟମରେ ହେଉ କି ଡିଜିଟାଲ ମିଡିଆରେ ଅଗଣିତ ଶ୍ରଦ୍ଧାଳୁ ଅପେକ୍ଷା କରିଥିଲେ ସେହି ମୁହୂର୍ତ୍ତକୁ । ତେବେ ଭକ୍ତର ମନକଥା ବୁଝି ନିର୍ଘଣ୍ଟ ସମୟ ପୂର୍ବରୁ ରତ୍ନ ସିଂହାସନରୁ ଓହ୍ଲାଇ ଆସିଥିଲେ ଭାବର ଠାକୁର କାଳିଆ ସାଆନ୍ତ । ସକାଳ ସାଢ଼େ ୮ଟାରେ ପହଁଣ୍ଡି ହେବାକୁ ନୀତି ନିର୍ଘଣ୍ଟ ହୋଇଥିଲେ ବି ପ୍ରାୟ ଦେଢ଼ ଘଣ୍ଟା ଆଗରୁ ଆରମ୍ଭ ହୋଇଯାଇଥିଲା ପହଁଣ୍ଡି । ଆନନ୍ଦ ବଜାର ଦେଇ ଧାଡି ପହଣ୍ଡି ହୋଇଆସିଥିଲେ ଚତୁର୍ଦ୍ଧାମୁରତି । ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ବାଇଶପାହାଚରେ ସେବାୟତଙ୍କ ବାହୁରେ ଝୁଲ ଝୁଲି ବଡଦାଣ୍ଡକୁ ଆସିଥିଲେ । ଟାହିଆ ହଲୁଥାଏ, ଘଣ୍ଟଘଣ୍ଟାରେ ପ୍ରକମ୍ପିତ ହେଉଥାଏ ପୂରା ପରିବେଶ । ଏହାରି ଭିତରେ



୯ଟା ୪୦ ସୁଦ୍ଧା ପହଣ୍ଡି ସରିବା ପରେ ମଦନମୋହନ, ରାମକୃଷ୍ଣ ବୀଜେ ନୀତି କରାଯାଇ ଠାକୁରମାନଙ୍କ ବେଶ କରାଯାଇଥିଲା । ସଅଳ ସଅଳ ଠାକୁରଙ୍କ ବେଶ ଶେଷ ହେବା ପରେ ସୁସଜ୍ଜିତ ପାଲିଙ୍କିରେ ଆସିଥିଲେ ଗଜପତି ମହାରାଜ ଦିବ୍ୟସିଂହ ଦେବ । ତିନି ରଥରେ ପରମ୍ପରା ଅନୁସାରେ ଆରମ୍ଭ ହୋଇଥିଲା ଛେରା ପହଁରା । ଗତବର୍ଷ କରୋନା ଯୋଗୁଁ ଠାକୁର ରାଜା ଛେରାପହଁରା କରିନଥିଲେ । ତାଙ୍କ ପ୍ରତିନିଧି ମୁଦିରସ୍ତ ସେବାୟତ ରଥ ଉପରେ ଏହି ନୀତି ସଂପାଦନ କରିଥିଲେ । ଏ ବର୍ଷ ସ୍ନାନଯାତ୍ରାରେ ମଧ ମୁଦିରସ୍ତ ଛେରା ପହଁରା କରିଥିବା ବେଳେ ରଥରେ ଛେରାପହଁରା କରିଛନ୍ତି ମହାପ୍ରଭୁଙ୍କ ଆଦ୍ୟସେବତ ଗଜପତି ମହାରାଜ ଦିବ୍ୟସିଂଦ ଦେବ । ଆଉ ଏକ ପରମ୍ପରା ବିଧି ମୁତାବକ ରଥ ଉପରେ ବିଗ୍ରହଙ୍କ ଦର୍ଶନ କରିଥିଲେ ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ । ଶଙ୍କରାଚାର୍ଯ୍ୟ ଦର୍ଶନ କରି ସାରିବା ପରେ ଚାରମାଳ ଫିଟା ଯାଇ ରଥଟଣା ଆରମ୍ଭ ହୋଇଥିଲା । ମଧ୍ୟାହ୍ନ ୧୨ଟା ୫ରେ ନୀତି ନିର୍ଘଣ୍ଟର ପ୍ରାୟ ୩ଘଣ୍ଟା ଆଗରୁ ଆରମ୍ଭ ହୋଇଥିଲା ରଥଟଣା । ପ୍ରଥମେ ବଡଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟାଣି ନେଇଥିଲେ ସେବାୟତ । ତାପରେ ବଡଦାଣ୍ଡରେ ଗଡିଥିଲା ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ । ବଡ ଭାଇ ଓ ଭଉଣୀଙ୍କୁ ପଠାଇବା ପରେ ନିଜେ ଗୁଣ୍ଡିଚା ମନ୍ଦିରକୁ ବାହାରିଥିଲେ କାଳିଆ ସାଆନ୍ତେ । ନନ୍ଦିଘୋଷ ରଥରେ ରଥାରୂଢ କଳା ଠାକୁରଙ୍କୁ ଟାଣି ନେଇଥିଲେ ସେବାୟତ । କରୋନା କଟକଣା ଯୋଗୁଁ ବଡଦାଣ୍ଡକୁ ସାଧାରଣ ଭକ୍ତ ଆସିବା ଉପରେ କଟକଣା ଲାଗିଥିଲେ ବି ପରମ୍ପରା ଅନୁସାରେ ଚାଲିଥିଲା ଓଡିଶୀ ନୃତ୍ୟ । ସେହିପରି ଦେବତାଙ୍କ ରୂପରେ ନିଜକୁ ସଜାଇ ନୃତ୍ୟ କରୁଥିଲେ ଭକ୍ତ । ଦୃଶ୍ୟ ଦେଖିଲେ, ଲାଗୁଥିଲା ସତେ ଯେମିତି ବଡଦାଣ୍ଡରେ ଚାଲିଛି ବିଶ୍ୱନିୟନ୍ତାଙ୍କ ଲିଳାଖେଳା । ବଡଦାଣ୍ଡକୁ ବଡଠାକୁର ଓହ୍ଲାଇ ଆସିଥିଲେ ବି କଟକଣା ଯୋଗୁଁ ଭକ୍ତ ଶୂନ୍ୟ ଥିଲା ବଡଦାଣ୍ଡ । କୋଭିଡ୍ କଟକଣାକୁ ମାନି କେହି ଶ୍ରଦ୍ଧାଳୁ ବଡଦାଣ୍ଡକୁ ଆସିନଥିଲେ ।

# ଆସନ୍ତା କାଲି ଉତ୍ତର-ପୂର୍ବ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସ୍ଥିତି ନେଇ ବୈଠକ

ନୂଆଦିଲ୍ଲୀ,୧୨/୦୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି କରୋନା ସ୍ଥିତି ନେଇ ଉତ୍ତର-ପୂର୍ବ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଆଲୋଚନା କରିବେ । ଆସାମ, ନାଗାଲାଣ୍ଡ, ତ୍ରିପୁରା,ସିକ୍କିମ, ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ ଓ ମିଜୋରମର ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଆସନ୍ତାକାଲି ସକାଳ ୧୧ ରେ ବୈଠକ ହେବ ବୋଲି ସୂଚନା ମିଳିଛି । ଏହି ଆଲୋଚନାରେ ରାଜ୍ୟମାନଙ୍କରେ କରୋନା ସଂକ୍ରମଣର ସ୍ଥିତି ଓ ତାହାକୁ ମୁକାବିଲା କରିବା ସହ ଆସୁଥିବା ତୃତୀୟ ଲହରକୁ କିଭଳି ମୁକାବିଲା କରାଯାଇ ପାରିବ ତାହା ଉପରେ ପ୍ରଧାନମନ୍ତ୍ରୀ କିଛି ନିର୍ଦ୍ଦେଶ ଦେଇ ପାରନ୍ତି । କହିରଖୁ କି ଅରୁଣାଚଳ ପ୍ରଦେଶରେ ଗତ ୨୪ ଘଂଟା ମଧରେ ୨୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି ।



ରବିବାର ଦିନ ଆସାମରେ ୧୫୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୧୬ ଜଣଙ୍କର ମୃତ୍ୟୁ ହୋଇଥିଲା । ସେହିଭଳି ରବିବାର ଦିନ ନାଗାଲାଣ୍ଡରେ ୭୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୫,୯୭୬ ରେ ପହଂଚିଥିବା ବେଳେ ମୃତକଙ୍କ ସଂଖ୍ୟା ୫୦୭ କୁ ବୃଦ୍ଧି ପାଇଛି । ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଏବେ ଟିକେ କମିଥିବା ବେଳେ ବି କିଛି ରାଜ୍ୟରେ ଏବେ ବି ସଂକ୍ରମଣ ହାର ୧୦ ପ୍ରତିଶତ ଉପରେ ରହିଛି । ଏହାକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ଚିନ୍ତା ପ୍ରକଟ କରିଛି । ଏହାର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ କିଛି ରାଜ୍ୟକୁ କେନ୍ଦ୍ରୀୟ ଟିମ ପଠାଇ ବଢୁଥିବା ସଂକ୍ରମଣର କାରଣ ଓ ନିରାକରଣ ଉପରେ ଅନୁଧ୍ୟାନ କରୁଛି । ଏଭଳି ସ୍ଥଳେ ଆସନ୍ତା କାଲି ଉତ୍ତର-ପୂର୍ବ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ବେସ୍ ଗୁରୁତ୍ୱ ବହନ କରୁଛି ।

# ସେପ୍ଟେମ୍ବର ୧୨ରେ ନିଟ୍(ୟୁଜି) ପରୀକ୍ଷା

## ଆଜିଠୁ ଅନଲାଇନ୍‌ରେ ଆବେଦନ, ଟ୍ୱିଟ୍ କରି ସୂଚନା ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୨/୦୭ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧୨ ତାରିଖରେ କୋଭିଡ୍ ନିୟମକୁ ପାଳନ କରି ସାରା ଭାରତବର୍ଷରେ ଚଳିତବର୍ଷର ନିଟ୍(ୟୁଜି) ପରୀକ୍ଷା ଅନୁଷ୍ଠିତ ହେବ ଏବଂ ଏଥିପାଇଁ ଆସନ୍ତାକାଲି (ମଙ୍ଗଳବାର) ଅପରାହ୍ଣ ୫ଟାରୁ ଏନଟିଏ ୱେବସାଇଟ୍ ଜରିଆରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ସାମାଜିକ ଦୂରତା ନିୟମକୁ ସୁନିଶ୍ଚିତ କରିବା



ପରିପ୍ରେକ୍ଷୀରେ ପରୀକ୍ଷା ହେବାକୁ ଥିବା ସହର ସଂଖ୍ୟା ୧୫୫ରୁ ୧୯୮କୁ ବୃଦ୍ଧି କରାଯାଇଛି । ଗତବର୍ଷ ୩ ହଜାର ୮୬୨ଟି ପରୀକ୍ଷା କେନ୍ଦ୍ର ବ୍ୟବହାର ହୋଇଥିବା ବେଳେ ଚଳିତ ବର୍ଷ ମଧ ପରୀକ୍ଷା କେନ୍ଦ୍ରକୁ ମଧ ବୃଦ୍ଧି କରାଯିବ। କୋଭିଡ୍ ନିୟମକୁ ମଧ ପାଳନ କରାଯିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କୁ ମାସ୍କ ପ୍ରଦାନ କରାଯିବ । ସେହିପରି ପରୀକ୍ଷାର୍ଥୀଙ୍କ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ସମୟ ନିର୍ଦ୍ଧାରଣ କରାଯିବା ସହ କଂଟାକ୍ଟଲେସ୍ ପଞ୍ଜିକରଣ, ପରୀକ୍ଷା କେନ୍ଦ୍ରର ସାନିଟାଇଜେସନ ଏବଂ ପରୀକ୍ଷା ହଲରେ ସାମାଜିକ ଦୂରତା ରକ୍ଷା କରାଯିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି। ପରୀକ୍ଷା ପୂର୍ବରୁ ଏବଂ ପରେ ପରୀକ୍ଷା କେନ୍ଦ୍ରକୁ ସାନିଟାଇଜ୍ କରାଯିବା ନେଇ ମଧ ନିଷ୍ପତି ହୋଇଛି । ଉଲ୍ଲେଖନୀୟ ଯେ, ପୂର୍ବରୁ ଅଗଷ୍ଟ ୧ରେ ଏହି ପରୀକ୍ଷା କରିବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା ।

# ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ପରୀକ୍ଷା

ବାଲେଶ୍ୱର,୧୨/୦୭ (ନି.ପ୍ର): ଚାନ୍ଦିପୁର ସ୍ଥିତ 'ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ' (ଡିଆରଡିଓ) ପକ୍ଷରୁ ଋଷ ଓ ଭାରତର ମିଳିତ ସହଯୋଗରେ ନିର୍ମିତ କ୍ରୁଜ୍ କ୍ଷେପଣାସ୍ତ୍ର 'ବ୍ରହ୍ମୋସ'ର ପରୀକ୍ଷା ହୋଇଯାଇଛି। ୧୨ହଜାରସ୍ଥିତ ଆଇଟିଆର୫ ନଂ ଲଞ୍ଚ କମ୍ପ୍ଲେକ୍ସରୁ ଆଜି ସକାଳ ୧୦ଟା ୧୫ ମିନିଟରରେ ଉତକ୍ଷେପଣ କରାଯାଇଥିଲା।୨୦୦୧ ମସିହାରେ ପ୍ରଥମ ଥର ପାଇଁ ପରୀକ୍ଷା କରାଯାଇଥିଲା ଏହି କ୍ଷେପଣାସ୍ତ୍ର। ଏହି ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର 'ବ୍ରହ୍ମୋସ'ର ଲମ୍ବ ୨୮ ଫୁଟ, ମୋଟେଇ ୨ ଫୁଟ ଅଟେ। ଏହା ୨୦୦ରୁ ୩ ୦୦ କିଲୋଗ୍ରାମ ଓଜନର ଉଭୟ ପରାମ୍ପାରିକ ଓ



ଆଣବିକ ଯୁଦ୍ଧାସ୍ତ୍ର ବହନ କରି ୮ଶହ କିଲୋମିଟର ପର୍ଯ୍ୟନ୍ତ ଦୂରକୁ ଲକ୍ଷ୍ୟଭେଦ କରିଥାଏ। ତେବେ ଆଜିର ଏହି ପରୀକ୍ଷା ବେଳେ ପ୍ରଥମଥର ପାଇଁ ସୃଷ୍ଟି ହୋଇଥିବା ବିକଟାଳ ଶବ୍ଦ ଓ ପର୍ଯ୍ୟାପ୍ତ ଧୂଆଁକୁ ଦେଖି ସ୍ଥାନୀୟ ଅଞ୍ଚଳର ଲୋକେ କିଛି ସମୟ ପାଇଁ ଭୟଭୀତ ହୋଇ ଯାଇଥିଲେ। କ୍ଷେପଣାସ୍ତ୍ରଟି ଲଞ୍ଚ କମ୍ପ୍ଲେକ୍ସର ୧୦୦ ମିଟର ଉପରକୁ ଉଠିବା ପରେ ସେଇଠି ଖସିପଡ଼ିଥିଲା ବୋଲି ପାଖରେ ଥିବା ଚିଙ୍ଗିଡ଼ି ଘେରିର ଲୋକେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଜେଡ଼ି କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର,୧୨/୦୭ (ନି.ପ୍ର): ଆଜି ପବିତ୍ର ରଥଯାତ୍ରାରେ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ନୂତନ କାର୍ଯ୍ୟାଳୟ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ସେ ଏହି ଅବସରରେ କହିଛନ୍ତି ଯେ ଏହି କାର୍ଯ୍ୟାଳୟରେ ଓଡ଼ିଶାବାସୀଙ୍କ ସେବା ପାଇଁ ବିଭିନ୍ନ ଶାଖା କାର୍ଯ୍ୟକ୍ଷମ ହେବା ସହିତ ରକ୍ତଦାନ ଏବଂ ଅନ୍ୟାନ୍ୟ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଚାଲୁ ରହିବ । ଏହା କେବଳ ଦଳୀୟ କାର୍ଯ୍ୟାଳୟ ହେବ ନାହିଁ, ବରଂ ଏହା ଓଡ଼ିଶାର ଲୋକଙ୍କ ପାଇଁ ସେବା ଓ ସମର୍ପଣର ପ୍ରତୀକ ହେବ । ଓଡ଼ିଶା ସ୍ୱାଭିମାନର ଜାଗ୍ରତ ପ୍ରହରୀ ଭାବେ ମଧ ଏହା କାର୍ଯ୍ୟ କରିବ । ସମସ୍ତଙ୍କ ବିପୁଳ ସମର୍ଥନ ଯୋଗୁଁ କୋଟିଏରୁ ଅଧିକ ସଦସ୍ୟ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଦଳର ଯୁବ ଓ ▶▶ପୃଷ୍ଠା ୭

# ଉତ୍ତରପ୍ରଦେଶ, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ବଜ୍ରପାତ ହେତୁ ୬୦ରୁ ଅଧିକ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୨/୦୭: ଉତ୍ତରପ୍ରଦେଶ, ରାଜସ୍ଥାନ ଓ ମଧପ୍ରଦେଶରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଛି । ଏହି ବଜ୍ରପାତରେ ଉତ୍ତରପ୍ରଦେଶରେ ୩୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜସ୍ଥାନରେ ୨୦ଜଣଙ୍କ ଓ ମଧ୍ୟପ୍ରଦେଶରେ ୭ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ରହିଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ କହିବା ସହିତ ମୁଖ୍ୟମନ୍ତ୍ରୀ ଯୋଗୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବଜ୍ରପାତ ଯୋଗୁଁ ପ୍ରାଣ ହରାଇଥିବା ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆହତଙ୍କୁ ୫୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଛି । ଏତଦ ବ୍ୟତୀତ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗହଲେଟ ମୃତକଙ୍କ ପରିବାର ଲୋକଙ୍କୁ ୫-୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । ଜୟପୁରର ଆମେର ପ୍ୟାଲେସ ସମ୍ମୁଖରେ ଥିବା ୱାଚ ଟାୱାରରେ ବଜ୍ରପାତରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ପର୍ଯ୍ୟଟକ ସେଲଫି ନେଉଥିବା ସମୟରେ ଏହି ଅଘଟଣ ଘଟିଥିବା କୁହାଯାଉଛି। ମୃତକଙ୍କ ମଧ୍ୟରେ ଅନେକ ପର୍ଯ୍ୟଟକ ବି ସାମିଲ ଅଛନ୍ତି ।

# ଜୁଲାଇ ୧୯ ରୁ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ସଂସଦରେ ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ,୧୨/୦୭: ଜୁଲାଇ ୧୯ ରୁ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଲୋକସଭାରେ ମୌସୁମୀ ଅଧିବେଶନ ଅନୁଷ୍ଠିତ ହେବ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା ସୂଚନା ଦେଇଛନ୍ତି । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଓମ୍ ବିର୍ଲା କହିଛନ୍ତି କି କରୋନା ମହାମାରୀ ସମୟରେ ସଂସଦରେ ମୋଟ ୩ ଟି ବୈଠକ ଅନୁଷ୍ଠିତ ହୋଇଛି । ଏହାସହ ବହୁ ସଂଖ୍ୟାରେ ସାଂସଦ ଏହି ବୈଠକରେ ଯୋଗ ଦେଇଥିଲେ । ଏହି ଅବସରରେ ସେ କହିଛନ୍ତି କି ନୂଆ ସଂସଦ ଭବନର କାର୍ଯ୍ୟ ୨୦୨୧ ଅକ୍ଟୋବର ମାସରେ ଶେଷ ହେବା ନେଇ ଆଶା କରାଯାଉଛି । ଏହାସହ ୨୦୨୨ ମସିହାରେ ନୂଆ ସଂସଦ ଭବନରେ ଅଧିବେଶନ ହେବ ।





କରୋନା କାଳରେ ମୌସୁମୀ ଅଧିବେଶନ ବସୁଥିବାରୁ ଶ୍ରୀ ବିର୍ଲା କହିଛନ୍ତି କି କୋଭିଡ-୧୯ କଟକଣା ଭିତରେ ଅଧିବେଶନ କରାଯିବାକୁ ଚେଷ୍ଟା କରାଯାଉଛି । ଏହାସହ ୩୧୧ ଜଣ ସାଂସଦ କୋଭିଡ ଟିକାର ଦ୍ୱିତୀୟ ଡୋଜ ନେଇସାରିଥିବା କଥା ସେ କହିଛନ୍ତି । ଅନ୍ୟପଟେ ୨୩ ଜଣ ସାଂସଦ ଟିକା ନେଇ ନାହାନ୍ତି । ଅନ୍ୟପଟେ ସାଂସଦଙ୍କ କର୍ମଚାରୀମାନଙ୍କ ପାଇଁ ବି ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା କରାଯାଇଥିବା କଥା ସେ କହିଛନ୍ତି । ସଂସଦ ଅଧିବେଶନ ପୂର୍ବରୁ ଜୁଲାଇ ୧୮ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଏହାସହ ସଂସଦରେ ବସିବାକୁ ଥିବା ମୌସୁମୀ ଅଧିବେଶନରେ ସବୁ ରାଜନୈତିକ ଦଳର ସାଂସଦମାନେ ସହଯୋଗ କରିବେ ବୋଲି ସେ ଆଶା କରିଛନ୍ତି । ସେପଟେ ବାଚସ୍ପତି କହିଛନ୍ତି କି ଯେଉଁ ସାଂସଦମାନେ କୋଭିଡ-୧୯ ଟିକାର ଦୁଇଟି ଖୋରାକ ନେଇଛନ୍ତି ସେମାନଙ୍କୁ ସଂସଦ ଭବନ ଭିତରେ ପଶିବା ପୂର୍ବରୁ ଆରଟିପିସିଆର ଟେଷ୍ଟ ଦେବାକୁ ପଡିବ ନାହିଁ ।

# ରାଜ୍ୟରେ କରୋନାରେ ଆଉ ୬୩ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୨/୦୭(ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୪୬୬୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ୧୩ ଜଣଙ୍କର ମୃତ୍ୟୁ ଘଟିଛି । ବରଗଡ ଜିଲ୍ଲାରେ ୭, ମୟୁରଭଂଜ ଜିଲ୍ଲାରେ ୬ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଗଂଜାମ, ପୁରୀ ଜିଲ୍ଲାରେ ୫-୫ ସଂକ୍ରମିତ ମୃତ୍ୟୁବରଣ କରିଥିବା ବେଳେ ଢେଙ୍କାନାଳ, କେନ୍ଦ୍ରାପଡା ଜିଲ୍ଲାରେ ୪ ଜଣ ଲେଖାଏ ମୃତ୍ୟୁବରଣ କରିଛନ୍ତି । ବୌଦ୍ଧ, ନୟାଗଡ ଓ ଯାଜପୁର ଜିଲ୍ଲାରେ ୩-୩ ଜଣ, ବାଲେଶ୍ୱର, ଜଗତସିଂହପୁର ଓ କେନ୍ଦୁଝର ଜିଲ୍ଲାରେ ୨-୨ ଜଣ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ, ବଲାଙ୍ଗୀର, ଗଜପତି. କନ୍ଧମାଳ ଜିଲ୍ଲାରେ ୧-୧ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ପିଲାମାନଙ୍କ ପାଇଁ କୋଭିଡ ଟିକା ଆସିବା ହୋଇପାରେ ଡେରି

ଭୁବନେଶ୍ୱର,୧୨/୦୭(ନି.ପ୍ର): ଗୁଜୁରାଟ ସ୍ଥିତ ଫାର୍ମାସ୍ୟୁଟିକାଲ କମ୍ପାନୀ ଜାଇଡସ କାଡିଲା ପିଲାମାନଙ୍କ ପାଇଁ ପ୍ରସ୍ତୁତ କରୁଥିବା କରୋନା ଟିକା ଜାଇକୋଭି-ଡି କୁ ଭାରତରେ ଜରୁରୀକାଳୀନ ବ୍ୟବହାର ପାଇଁ ମଞ୍ଜୁରୀ ମିଳିବାକୁ ଆଉ କିଛି ସମୟ ଲାଗିପାରେ । କମ୍ପାନୀ ପକ୍ଷରୁ ଜୁଲାଇ ୧ ତାରିଖରେ ଟିକାର ଜରୁରୀକାଳୀନ ବ୍ୟବହାର ପାଇଁ ଡିସିଜିଆଇକୁ ଅନୁମତି ମାଗିଥିଲା । କମ୍ପାନୀ ପକ୍ଷରୁ ଭାରତର ୫୦ରୁ ଅଧିକ କେନ୍ଦ୍ରରେ ୨୮ ହଜାର ଲୋକଙ୍କ ଉପରେ କ୍ଲିନିକାଲ ପରୀକ୍ଷଣ କରିଛି । ପରୀକ୍ଷଣ ପରେ ପ୍ରସ୍ତୁତ କରାଯାଇଥିବା ଅନ୍ତରୀଣ ଡାଟାରେ ଏହା ସୁରକ୍ଷିତ ଓ କରୋନା ପ୍ରତିରୋଧକାରୀ ବୋଲି କୁହାଯାଇଛି । ଡାଟା ମୁତାବକ ଜବକୋଭି-ଡି ୧୨ ରୁ ୧୮ ବର୍ଷର ପିଲାମାନଙ୍କ ପାଇଁ ସୁରକ୍ଷିତ । କମ୍ପାନୀ ପକ୍ଷରୁ ପ୍ରତିବର୍ଷ ୧୨ କୋଟି ଟିକା ▶▶ପୃଷ୍ଠା ୭

# ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁନାହାଁନ୍ତି ଡାକ୍ତର

ଧର୍ମଶାଳା,୧୨/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମୟରେ ଡାକ୍ତର ରହୁ ନଥିବା ଅଭିଯୋଗ ହୋଇଛି । ଫଳରେ ଏଠାକୁ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ମରଣ ମୁଖରେ ପଡୁଛନ୍ତି । ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ଅବସ୍ଥିତ ଏହି ଡାକ୍ତରଖାନା ଯାଜପୁର ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନା । ଦୁର୍ଘଟଣାଜନିତ ଗୁରୁତର ରୋଗୀ ଏଠାକୁ ଅଧିକ ସଂଖ୍ୟାରେ ଆସୁଥିବା ବେଳେ ବିଳମ୍ବିତ ରାତି କିମ୍ବା ଭୋର ସମୟରେ ସେମାନଙ୍କୁ ଆବଶ୍ୟକ ଚିକିତ୍ସାସେବା ମିଳୁନଥିବା ଅଭିଯୋଗ ହେଉଛି । ଆଜି ସକାଳ ୮.୧୫ରୁ ୮.୫୦ ପର୍ଯ୍ୟନ୍ତ ଏଠାରେ କେହି ଡାକ୍ତର ନଥିବା ବେଳେ ରାତି ୯ଟା ପରେ ମଧ୍ୟ ଏଠାରେ କୌଣସି ଡାକ୍ତର ନଥିବା ଦେଖିବାକୁ ମିଳିଛି । ଏ ସଂପର୍କରେ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏହା ସମ୍ଭବ ହୋଇନଥିଲା । ଏଠାରେ ୨୪ଘଂଟିଆ ଡାକ୍ତରୀସେବା ଯୋଗାଇ ଦେବାପାଇଁ ଅଂଚଳବାସୀ ଦାବି କରିଛନ୍ତି ।

# ଦୁର୍ଘଟଣାରେ ମା'ର ମୃତ୍ୟୁ: ବାପାର ଗୋଡ କଟିଲା

## ୧୩ ବର୍ଷର ଝିଅ ଉପରେ ପରିବାରର ଦାୟିତ୍ୱ, ସରକାରୀ ସହାୟତା ଅପେକ୍ଷାରେ ପରିବାର

ନୂଆପଡା,୧୨/୭ (ନି.ପ୍ର): ଦୁର୍ଘଟଣାରେ ମାଁ ଚାଲିଗଲା । ପାଦ କଟି ସବୁଦିନ ପାଇଁ ଅକ୍ଷମ ହୋଇଗଲା ବାପା । ୩ ଭାଇ ଭଉଣୀକୁ ସାହା ହେବା ପାଇଁ କେହି ନାହିଁ, କି ଆହା ହେବା ପାଇଁ କେହି ନାହିଁ । ଝିଅ କାଜଳ (୧୩) ଉପରେ ଭିନ୍ନକ୍ଷମ ବାପା ଓ ଦୁଇ ଭାଇଭଉଣୀଙ୍କ ଗୁରୁଦାୟିତ୍ୱ । ଯେଉଁ ବୟସ ଖେଳିବା ବୁଲିବାର ବୟସ, ଯେଉଁ ବୟସରେ ବହିପତ୍ର ଧରି ବିଦ୍ୟାଳୟ ଯିବାର ବୟସ, ସେହି ବୟସରେ ପରିବାରର ଦାୟିତ୍ୱ ନେବାକୁ ପଡୁଛି କାଜଳକୁ । ଗତ ଜାନୁୟାରୀ ମାସ ୯ ତାରିଖ ଖଡିଆଳ ବ୍ଲକ ଅନ୍ତର୍ଗତ ଗଡ୍ରାମୁଣ୍ଡା ଗ୍ରାମର ନମିତା ହଂସ ରାତ୍ରୀ ଭୋଜନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପାଖରେ ବସିଥିଲେ ସ୍ୱାମୀ ନରେଶ ହଂସ । ଦୁହେଁ ସୁଖ ଦୁଃଖ ହେଉଥିବା ବେଳେ ହଠାତ ଦୁଃଖର ବ୍ରଜପାତ ପଡିଲା । ଭାରସାମ୍ୟ ହରାଇ ବୋଲୋରୋ ଗାଡି ମାଡଗଲା ଘର ଭିତରକୁ । କେହି କିଛି ବୁଝିବା ପୂର୍ବରୁ ଚାଲିଗଲା ନମିତାଙ୍କ ଜୀବନ । ଗୁରୁତର ଅବସ୍ଥାରେ ନରେଶଙ୍କୁ ଡାକ୍ତରଖାନାରେ ଭର୍ତୀ କରାଯାଇଥିଲା ଓ ତାଙ୍କର ପାଦ କାଟିବାକୁ ପଡିଲା । ସମସ୍ତେ ଆସିଲେ କିନ୍ତୁ କେହି ସହଯୋଗ କଲେନି । ନିଜ ସ୍‌ତ ୫୦ ହଜାର ଟଙ୍କା ଚିକିତ୍ସାରେ ଖର୍ଚ୍ଚ କଲେ ନରେଶ । ଏବେ ଦୟନୀୟ ଅବସ୍ଥାରେ ଜୀବନ ଜିଇଁବାକୁ ପଡୁଛି । ଏକ ହୁଇଲ ଚେୟାରରେ ବସି ଭଙ୍ଗାଦଦରା ଗୁହାଳରେ ବସି ନିରବରେ ଅଶ୍ରୁପାତ କରିବା ସାର ହେଉଛି । ୩ ପୁଅ ଝିଅଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ନରେଶ । ପରିବାରର ଏହି ଦୁର୍ଦ୍ଦିନରେ କିନ୍ତୁ ହାର ମାନୁନାହାନ୍ତି ବଡଝିଅ କାଜଳ । ଭିନ୍ନକ୍ଷମ ବାପାଙ୍କ ସେବା ଶୁଶ୍ରୁଷା ସହ ଦୁଇ ଭାଇ ସୁପେଶ (୧୦) ବର୍ଷ ଓ ଲଳିତ ମୋହନ (୬) ବର୍ଷଙ୍କ ସବୁ ଦାୟିତ୍ୱ ନିଜ ମୁଣ୍ଡ ଉପରକୁ ନେଇଛି ସେ । ଘରର ଯାବତୀୟ କାର୍ଯ୍ୟ ସମ୍ପାଦନ ସହ ଭାଇ ମାନଙ୍କୁ ପଢିବାରେ ମଧ୍ୟ ସହଯୋଗ କରୁଛି । ଏହି ପରିବାରକୁ କିନ୍ତୁ ପ୍ରଶାସନ କୌଣସି ସହଯୋଗ କରୁନି । ଭ । ଖଣ୍ଡେ ମିଳିପାରିନି କି ଘର ଖଣ୍ଡେ ମିଳି ପାରିନି । ପ୍ରଶାସନ ଏ ନେଇ ତୁରନ୍ତ ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନରେଶ ହଂସ ଅନୁରୋଧ କରିଛନ୍ତି ।

# ଏନ.ୱାଇ.କେ ପକ୍ଷରୁ ସ୍ୱେଚ୍ଛାସେବୀ ତାଲିମ କାର୍ଯ୍ୟକ୍ରମ

କନ୍ଧମାଳ,୧୨/୭ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଓଡିଶାର ସ୍ୱେଚ୍ଛାସେବୀ ମାନଙ୍କର ତାଲିମ କାର୍ଯ୍ୟକ୍ରମ ଜୁମ ମିଟିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ବିଶେଶ୍ୱର ଟୁଡୁ ସମ୍ମାନୀୟ ରାଜ୍ୟ ଆଦିବାସୀ ଜଳଶକ୍ତି ଓ ବ୍ୟାପାର ମନ୍ତ୍ରୀ ଭାରତ ସରକାର ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିବା ବେଳେ ଏନୱାଇକେର ପଶ୍ଚିମାଂଚଳ ନିର୍ଦ୍ଦେଶକ ନବୀନ ଶାହା,ମୟୁରଭଞ୍ଜର ଏନ ଏସ ଏସ ପ୍ରୋଗ୍ରାମ ଓଫିସର ଡଃ ଶ୍ମୃତି ରଞ୍ଜନ ଦାସ ଏବଂ ପ୍ରତ୍ୟେକ ଜିଲ୍ଲାର ଯୁବ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶାର ୧୦୦୦ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ସ୍ୱେଚ୍ଛାସେବୀ ମାନଙ୍କର ଦକ୍ଷତା ବୃଦ୍ଧି ଉପରେ ବିଭିନ୍ନ ବିଷୟ ବସ୍ତୁ ଉପରେ ତାଲିମ ପ୍ରଦାନ କରାଯାଇଥିଲା ବୋଲି ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ନଭନିତ କୁମାର ପ୍ରକାଶ କରିଥିଲେ । ବୈଠକରେ ଆଂଚଳିକ ନିର୍ଦ୍ଦେଶକ ନବୀନ ନାୟକ ସ୍ୱାଗତ କରିଥିବା ବେଳେ ଡେପୁଟି ଡାଇରେକ୍ଟର ଏନୱାକେ ଓଡିଶା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୋରା ମଦ ବେପାରକୁ ନେଇ ଧର୍ମଶାଳାରେ ଛକାପଞ୍ଝା: ବେପାରୀମାନଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା

ଧର୍ମଶାଳା,୧୨/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅଂଚଳରେ ଚୋରା ମଦ ବେପାରକୁ ନେଇ ଏବେ ବେପାରୀଙ୍କ ମଧ୍ୟରେ ଛକାପଂଝା । ଚାଲିଛି ପ୍ରତିଯୋଗିତା । ଜଣେ ମଦ ବିକିଲେ ତାକୁ ଅନ୍ୟ ଜଣେ ବେପାରୀ ପୁଲିସ୍ କିମ୍ବା ଅବକାରୀ ଅଧିକାରୀଙ୍କୁ କହି ଧରାଇ ଦେଉଛି । ଏମିତି ଅନେକ ଥର ଏଭଳି ଘଟଣା ଦେଖିବାକୁ ମିଳୁଛି । କୋଭିଡ୍ କଟକଣା ସତ୍ତ୍ୱେ ଲକ୍ ଡାଉନ୍ ସମୟରେ ଚୋରାମଦ ବେପାର ଉପରେ କୌଣସି ପ୍ରଭାବ ପଡିଲା ନାହିଁ । ଲାଇସେନ୍ସପ୍ରାପ୍ତ ମଦ ଦୋକାନମାନଙ୍କରେ ସିଧାସଳଖ ବିକ୍ରୟକୁ ବାରଣ କରାଯାଇଛି । ହେଲେ ଗ୍ରାମାଚଂଳରେ ଥମୁନି ଚୋରା କାରବାର । ଦୈନନ୍ଦିନ ଲୁଚା ଛପାରେ ହେଉଛି ଲକ୍ଷଲକ୍ଷ ଟଙ୍କାର ମଦ ବେପାର । ଚାଲିଛି ଖୁଲମ୍‌ଖୁଲା ମଦ ବେପାର । ଲକ୍ ଡାଉନ୍ ସମୟରେ ମଦ ଦୋକାନ ଗୁଡିକ ବନ୍ଦ ରହିଥବା ବେଳେ ଗ୍ରାମାଚଂଳକୁ ଲକ୍ଷ ଲକ୍ଷ ଟଙ୍କାର ମଦ ଆସୁଛି କେଉଁଠୁ, ତାକୁ ନେଇ ଉଠିଛି ପ୍ରଶ୍ନ । ଏପଟେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କ ମଧ୍ୟରେ ମାସିକିଆ ବିକ୍ରୟ ଲକ୍ଷ୍ୟ ପୂରଣ ପାଇଁ ଚାଲିଛି ପ୍ରତିଦ୍ୱନ୍ଦିତା । କାହାର କେତେ ବିକ୍ରୟ ହେବ ଓ କାହା ଏରିଆରେ କିଏ ପ୍ରବେଶ କରି ଗାଁ ବେପାରୀଙ୍କୁ ମଦ ଯୋଗାଇବ ତାକୁ ନେଇ ଆରମ୍ଭ ହୋଇଛି ପ୍ରତିଯୋଗିତା । ଏପରିକି ଧର୍ମଶାଳା ବ୍ଲକରେ ପଡୋଶୀ ବ୍ଲକର ବ୍ୟବସାୟୀମାନଙ୍କ ମଦ ବେପାର ମଧ୍ୟ ବେଶ୍ ଭଲରେ ଚାଲିଛି । ଚୋରା ବେପାରୀଙ୍କୁ ଆକୃଷ୍ଟ କରିବା ପାଇଁ ଏମାନେ ନିଜ ଗାଡିରେ ରାତିଅଧିଆ ମଦ ଆଣି ଶସ୍ତାରେ ଯୋଗାଇ ଦେଉଛନ୍ତି । ସୂଚନା ଅନୁଯାୟୀ, ଧର୍ମଶାଳା ବ୍ଲକର ପ୍ରତି ପଂଚାୟତରେ ରହିଛନ୍ତି ଏକାଧିକ ଚୋରା ବେପାରୀ । ଏମାନଙ୍କୁ ମଦ ଯୋଗାଉଛନ୍ତି ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀ । ଏହି ବ୍ଲକରେ ୨ଟି ଦେଶୀ, ୫ଟି ବିଦେଶୀ ଓ ୨ଟି ମଦ ବାର୍ ରହିଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ, ଯଦି କୌଣସି ଚୋରା ବେପାରୀ କେଉଁ ଲାଇସେନ୍ସପ୍ରାପ୍ତ ଦୋକାନରୁ ମଦ ଆଣିଲା, ତା ବିପକ୍ଷ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ଏହି ଚୋରା ବେପାରୀକୁ ଯେମିତି ହେଲେ ଧରାଇବାକୁ ଉଦ୍ୟମ କରୁଛି । ଯାହା ଦ୍ୱାରା ଦୋକାନୀ ଲାଭାଂଶ ପାଉଥିବା ବେଳେ ଅନେକ ସମୟରେ କ୍ଷତି ସହୁଛନ୍ତି ଗାଁରେ ଥିବା କୋଚିଆ ବେପାରୀ । ଖବର ପାଇ ପୁଲିସ୍ କିମ୍ବା ଅବକାରୀ ବିଭାଗ ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ପାଖରେ ଥିବା ମଦକୁ ଜବତ କରି ନେଉଛି । ଫଳରେ ଲାଭ ପାଇବା ବଦଳରେ ମୂଳ ଟଙ୍କାବି ହରାଉଛନ୍ତି ସେମାନେ । ଦୋକାନରୁ ମଦ କିଣିକି ଘରେ ନପହଁଚିବା ପୂର୍ବରୁ ଏପଟେ ପୁଲିସ୍ କିମ୍ବା ଅବକାରୀ ବିଭାଗ ପକ୍ଷରୁ ଘରେ ଚଢଉ କରାଯାଉଛି । ଏଥିପାଇଁ ଅକାରଣରେ ବାଃବାଃ ନେଉଛି ପୁଲିସ୍ ଓ ଅବକାରୀ ବିଭାଗ । ପୁଲିସ କିମ୍ବା ଅବକାରୀ ବିଭାଗ ହାତରେ ଗାଁ ବେପାରୀ ବାରମ୍ବାର ଧରାପଡୁଥିବା ବେଳେ ଲକ୍ ଡାଉନ୍ ସମୟରେ ଆଗ ବନ୍ଦ ପଛ ମେଲାରେ ମଦ ବିକ୍ରି କରୁଥିବା ଲାଇସେନ୍ସପ୍ରାପ୍ତ ଦୋକାନ ଉପରେ କୌଣସି ଦିନଟିଏ ପାଇଁ ଚଢଉ ହେଉନାହିଁ । ସେପଟେ ଲକ୍ଷ ଲକ୍ଷ ଟଙ୍କାର ମଦ କିଣି କ୍ଷତିରେ ପଡୁଛନ୍ତି ଗାଁ ବେପାରୀ । ଫଳରେ ମଦ ବ୍ୟବସାୟକୁ ନେଇ ଦୋଛକିରେ ଏବେ ଗାଁ ଚୋରା ମଦ ବେପାରୀ । ଏହି ଚୋରା ବ୍ୟବସାୟ ପଛରେ କେଉଁ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀଙ୍କ ପ୍ରଚ୍ଛନ୍ନ ହାତ ରହିଛି ଓ କେଉଁ ବ୍ୟବସାୟୀ ପୁଲିସ୍ ହାତରେ ଧରାଇବା ପାଇଁ ଷଡଯନ୍ତ୍ର କରିଛନ୍ତି ତାକୁ ନେଇ ସେମାନଙ୍କ ମ୍ନରେ ଛକାପଂଝା ଆରମ୍ଭ ହୋଇଛି । ତେବେ ଅବକାରୀ ବିଭାଗ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କ ଷ୍ଟକ୍ ରେଜିଷ୍ଟର ଉପରେ ନଜର ପକାଇଲେ ହୁଏତ ଏହି କଳା କାରନାମା ଉପରୁ ପରଦା ହଟିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# କନ୍ଧମାଳରେ ରାଷ୍ଟ୍ରୀୟ ଲୋକ ଅଦାଲତ: ୮୧ ଲକ୍ଷ ୮୦ ହଜାର ୧୦୦ ଟଙ୍କା ଆଦାୟ

କନ୍ଧମାଳ,୧୨/୭ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ ସଂଯୋଜନାରେ ଫୁଲବାଣୀ ସମେତ ଜିଲ୍ଲାର ବାଲିଗୁଡା, ଜି.ଉଦୟଗିରି,କୋଟଗଡ ଏବଂ ଦାରିଙ୍ଗବାଡି କୋର୍ଟରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୧୩୯୭ଟି ମାମଲାର ବିଚାର ପାଇଁ ପଦକ୍ଷେପ ନିଆଯାଇଥିବା ବେଳେ ୨୦୭ଟି ମାମଲାର ଫଇସଲା କରାଯାଇ ଜରିମାନା ଓ ଋଣ ପରିଶୋଧ ବାବଦକୁ ୮୧ଲକ୍ଷ ୮୦ହଜାର ୧୦୦ଟଙ୍କା ଆଦାୟ କରାଯାଇଛି । ୧୦୭ଟି ପ୍ରି ଲିଟିଗେସନ ବ୍ୟାଙ୍କ ପରିଶୋଧ ମାମଲା ବାବଦକୁ ୧୪ଲକ୍ଷ ୯ହଜାର ୩ଶହ ଟଙ୍କା ଆଦାୟ କରାଯାଇଛି । ସେହିପରି ଅନ୍ୟାନ୍ୟ ୧୯ଟି ଫୌଜଦାରୀ ଓ ସିଭିଲ ମାମଲାର ଫୈସଲା କରାଯାଇ ୩ଲକ୍ଷ ୨୪ହଜାର ଟଙ୍କା ଆଦାୟ କରାଯାଇଛି । ଅନ୍ୟାନ୍ୟ ୭୯ଟି ମାମଲାର ଫୈସଲା କରାଯାଇ ୬୪ଲକ୍ଷ ୪୬ହଜାର ୮ଶହ ଟଙ୍କା ଆଦାୟ କରାଯାଇଛି । ସେଥି ମଧ୍ୟରୁ ବ୍ୟାଙ୍କ ଋଣ ଖିଲାପକାରୀ ମାନଙ୍କଠାରୁ ୨୧ଲକ୍ଷ ୧୮ହଜାର୮୦୦ଟଙ୍କା ଆଦାୟ କରାଯାଇଥିବା ବେଳେ ମୋଟରଯାନ ସଡକ ଦୁର୍ଘଟଣା ଜନିତ ମାମଲାର ବିଚାର କରାଯାଇ ୪୨ଲକ୍ଷ ୯୦ହଜାର ଟଙ୍କା କ୍ଷତିପୁରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବୈବାହିକ ବିବାଦ ବାବଦରେ ୩୮ହଜାର ଟଙ୍କା ଆଦାୟ କରାଯାଇଛି । ଏହି ଲୋକ ଅଦାଲତକୁ ଜିଲ୍ଲା ଦୌରାଜଜ୍ ଶାରଦା ପ୍ରସାଦ ନାୟକ, ଏଡିଜେ କମ ଭିଜିଲାନ୍ସ ଜଜ୍ ଶୁଭଦର୍ଶୀ ପଟ୍ଟନାୟକ, ପାରିବାରିକ ଅଦାଲ ଜଜ୍ ସ୍ମୃତିଲେଖା ବାରିକ,ଫାଷ୍ଟ ଟ୍ରାକ କୋର୍ଟ ଏଡିଜେ ଭାସ୍କର ଚନ୍ଦ୍ର ସାହୁ,ଏଡିଜେ ପୋକ୍ସ ସ୍ୱତନ୍ତ୍ର କୋର୍ଟ ସୌମ୍ୟକ ପାତ୍ର ,ସ୍ଥାୟୀ ଲୋକଅଦାଲତ ଜଜ୍ ସନ୍ତୋଷ କୁମାର ନାୟକ,ସିଜେଏମ ରଞ୍ଜିତା ଜ୍ୟୋତିଶ୍ରୀ,ଏସଡିଜେମ ରମାଦେବୀ ସୋରେନ, ଜେଏମଏଫସି ବିରଜା ପ୍ରସାଦ ପଣ୍ଡା ଓ ପ୍ରେରଣାଶ୍ରୀ ଦେଓ ,ଏଏସଜେ କମ ମହିଳା କୋର୍ଟ ଜଜ୍ ଶିବାନୀ ଆଚାର୍ଯ୍ୟ ,ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପତଞ୍ଜଳୀ ସାହୁ ପ୍ରମୁଖ ପରିଚାଳାନା କରିଥିଲେ ।

# ଧର୍ମଶାଳା ମିଡ଼ିଆ କ୍ଲବ ଗଠିତ

ଧର୍ମଶାଳା,୧୨/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠିତ ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଧର୍ମଶାଳା ମିଡିଆ କ୍ଲବ ଗଠିତ ହୋଇଛି । କ୍ଲବରେ ଜାରକା, ଜେନାପୁର, ଗଡମଧୁପୁର, କବାଟବନ୍ଧ, କଂଟିଗଡିଆ, ବ୍ରହ୍ମବରଦା ଓ ଚଢେଇଧରା ପ୍ରଭୃତି ଅଂଚଳର ପ୍ରତିନିଧିମାନେ ସଦସ୍ୟ ରହିଛନ୍ତି । ଏହାର ସଭାପତି ଭାବେ ବିମଳ ପତି ଓ ସୁଧାକର ରାଉତଙ୍କୁ କାର୍ଯ୍ୟକାରୀ ସଭାପତି, ବସନ୍ତ ନାୟକ ଉପ-ସଭାପତି, ଆନନ୍ଦ ମହାରଣା ସାଧାରଣ ସମ୍ପାଦକ, ସେକ୍ ଦଲଦାର ଚାନ୍ଦ, କୋଷାଧକ୍ଷ ଭାବେ ସେକ୍ ଆଲାଉଦ୍ଦିନ, ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ସୁଶାନ୍ତ କୁମାର ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଛି । କ୍ଲବର ସଦସ୍ୟଭାବେ ଚିନ୍ମୟ ନାୟକ, ସୁଶାନ୍ତ ନାୟକ, ଦୀପକ ଦାସ, ସୁଶାନ୍ତ ଗୋଛାୟତ ଓ ଅୟସକାନ୍ତ ରାଉତ ପ୍ରମୁଖ ସଦସ୍ୟ ରହିଛନ୍ତି ।

# ନାଗରିକ ସମ୍ମିଳନୀ: କରୋନା ବିରୁଦ୍ଧରେ ଆହ୍ୱାନ

ନୂଆପଡା,୧୨/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ କଲ୍ୟାଣ ମଣ୍ଡପ -୨ ଠାରେ କରୋନା ବିରୁଦ୍ଧରେ ଆହ୍ୱାନ କରି ନାଗରିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଜେପି ଜିଲ୍ଲା ସଭାପତି ସୁବ୍ରତ କୁମାର ଠାକୁର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗଦେଇ କୋଭିଡର ପ୍ରଥମ ଏବଂ ଦ୍ୱିତୀୟ ଲହରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ସୁନିଶ୍ଚିତ ପଦକ୍ଷେପ ପରିଚାଳନା କରିଥିବା ବେଳେ ଜୀବନ ଜିବିକା ସୁରକ୍ଷିତ କରିଛନ୍ତି । ଜନତାଙ୍କୁ ଅନୁଭବ ଅବଗତ କରିବାକୁ ଆହ୍ୱାନ କରିଛନ୍ତି । ଦେଶରେ ୧୬ ଲକ୍ଷ ବେଡ ଛୋଟବଡ କରି ୨୦ ହଜାର ସ୍ୱାସ୍ଥ୍ୟକେନ୍ଦ୍ର, ମାଗଣା ଖାଦ୍ୟ ଯୋଜନା ମାଗଣାରେ ଟିକାକରଣ ଯୋଜନା, ଭେ ିଲେଟର, ଅକ୍ସିଜେନ ଏବଂ ଅକ୍ସିଜେନ କନସେନଟେଟର ଭଳି ପଦକ୍ଷେପ ଉପରେ ଜନତାଙ୍କୁ ଅବଗତ କରିଥିଲେ । ଏହି ବୈଠକରେ ପୂର୍ବତନ ବିଧାୟକ ହିତେଶ ବଗର୍ତୀ, ଶିକ୍ଷାବିତ କାଳିଚରଣ ଦୁବେ, ବିଜେପି ବରିଷ୍ଠ କାର୍ଯ୍ୟକର୍ତା ଦେବ ଦେବ ସିଂ ଦେଓ, ଜିଲ୍ଲା ସମ୍ପାଦକ ନେତ୍ରାନନ୍ଦ ମନହିରାଙ୍କ ସମେତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସମେତ ବିଜେପିର ଅନେକ ବରିଷ୍ଠ କାର୍ଯ୍ୟକର୍ ା ସାମିଲ ଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୭୨ ମାମଲା ଫଇସଲା

କେନ୍ଦ୍ରାପଡ଼ା,୧୨/୭ (ନି.ପ୍ର): କେନ୍ଦ୍ରାପଡା କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୭୨ ଟି ମାମଲା ଫଇସଲା ହୋଇ ମୋଟ ୧ କୋଟି ୯ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡିଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମାନ୍ୟବର ଜିଲ୍ଲା ଓ ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମୋହନ ରାଓ ଦୋରା, ଜିଲ୍ଲାଜଜ୍ (ଫାଷ୍ଟଟ୍ରାକ୍ ପୋକ୍ସ) ଟିକେ ଚିନାରା, ପରିବାର ଅଦାଲତ ଜଜ୍ ବିକାଶ କୁମାର ଦେ, ସିଜିଏମ୍ ବିବସ୍ୱତ ଗୌତମ , ରେଜିଷ୍ଟାର ପୁଣ୍ୟଶ୍ଳୋକ ରଥଙ୍କ ସମେତ ସମସ୍ତ ବିଚାରପତି ଉପସ୍ଥିତ ଥିଲେ । ପଟ୍ଟାମୁଣ୍ଡାଇ ଓ ରାଜନଗରରେ ମଧ ଏହି ଅଦାଲତ ଅନୁଷ୍ଠିତ ହୋଇଥିଲା । ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସଙ୍ଗିତା ପାଣି ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ ।

# ପୌରାଂଚଳର ବିକାଶ ଅବ୍ୟାହତ: ୪ ମିଶନଶକ୍ତି ୧ ପରିଚୟ ଗୃହ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୧୨/୭ (ନି.ପ୍ର): ପବିତ୍ର ରଥଯାତ୍ରା ଅବ୍ୟାହିତ ପୂର୍ବରୁ ଆଜି କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ମହିଳା ସଶକ୍ତି କରଣ ଓ ମିଶନ ଶକ୍ତି ଯୋଜନାରେ ପୌରସଂସ୍ଥାର ୫ଟି ୱାର୍ଡରେ ୪ଟି ମିଶନଶକ୍ତି ଓ ୧ ପରିଚୟ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏ ସମସ୍ତ ଗୃହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଲୋକାର୍ପଣ କରିଥିଲେ । ରବିବାର ଅପରାହ୍ନରେ ୨ନଂ ୱାର୍ଡରେ ବାରଙ୍ଗେଇ ଠାକୁରାଣୀଙ୍କ ନିକଟରେ, ୫ନଂ ୱାର୍ଡରେ ଗୋପ ଗ୍ରାମରେ ସିଦ୍ଧ ମହାପୁରୁଷଙ୍କ ନିକଟରେ, ୮ନଂ ୱାର୍ଡରେ ମହାଦେବଙ୍କ ନିକଟରେ, ୧୧ନଂ ୱାର୍ଡରେ ପୌରସଂସ୍ଥା ନିକଟରେ ଓ ୨୧ନଂ ୱାର୍ଡରେ ତହସିଲ ଅଫିସ ସମ୍ମୁଖରେ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ମୀଶନ ଶକ୍ତି ଗୃହ ଗୁଡିକୁ ଉଦ୍‌ଘାଟନ କରାଯାଇଛି । ମିଶନଶକ୍ତି ଯୋଜନାକୁ କାର୍ଯ୍ୟକାରୀ କରିବା ତଥା ପୋରାଂଚଳର ବିକାଶ କାର୍ଯ୍ୟ ଅବ୍ୟାହତ ରହିବ ବୋଲି ବିଧାୟକ ଶ୍ରୀ ବେହେରା ସୂଚନା ଦେଇଥିଲେ । କେନ୍ଦ୍ରାପଡା ସହରର କଳେବର ପରିବର୍ତନ କରିବା ଦିଗରେ ପୌରସଂସ୍ଥା ସହଯୋଗରେ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି । ଖୁବ ଶିଘ୍ର ପୁରୁଣା ବସଷ୍ଟାଣ୍ଡରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ । ପୌରସଂସ୍ଥାର ଅନେକ ସମସ୍ୟା ଥିଲେ ମଧ ବିକାଶ ସହ ସେହିସବୁ ସମସ୍ୟାର ଦୀର୍ଘ ମିଆଦି ସମାଧାନ କରାଯିବ ବୋଲି ଶ୍ରୀ ବେହେରା ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଏମ୍ଇ ଦିଲିପ କୁମାର ସେଠୀ, ଜେଇଇ ଅବନୀ ମହାନ୍ତି, ସୁଦର୍ଶନ ବେହେରା, ସୁଧିର ରାଉତ, ଅତନୁ କୁମାର ଦାସ, ସଂଜୀବ ମହାନ୍ତି, ଭୁବନ ମୋହନ କାନୁନଗୋ ପ୍ରମୁଖ, ସିଇଓ ସୁଚିସ୍ମିତା ଜେନା, ତପସ୍ୱନୀ ଦାସଙ୍କ ସମେତ ଦୁର୍ଗା ପ୍ରସାଦ ପତି, ପୂର୍ବତନ ଚେୟାରମ୍ୟାନ ଧିରେନ ସାହୁ, ଜ୍ୟୋସ୍ନା ସାହୁ, ପୂବତନ କାଉନସିଲର ରଞ୍ଜିତ କୁମାର ସାହୁ, ଦେବଦାସ ମହାନ୍ତି, ପ୍ରକାଶ ପରିଡା, କାଳୀ ପ୍ରସାଦ ମିଶ୍ର, ମଙ୍ଗଳ ବରଣ ସିଂହ, ବିଜୟ ପତି, ନଗର ସଭାପତି ଜଜାତି ମହାନ୍ତି, ମାନସ ସେଠୀ, ସଂଜୟ ଜେନା ଉପସ୍ଥିତ ଥିଲେ ।

# ଫୋକଟପଡା ରାସ୍ତା ମରାମତି ପାଇଁ ଦାବି

ନୂଆପଡା,୧୨/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଗଡ୍ରାମୁଣ୍ଡା ପ ାୟତରେ ରହିଛି ଫୋକଟପଡା । ଯଦିଓ ପଂଚାୟତ ଅଧିନରେ ଉକ୍ତ ପଡା ଆସୁଥିଲେ ମଧ୍ୟ ଖଡିଆଳ ସହରରେ ରହୁଥିବାରୁ ଖଡିଆଳ ସମେତ ଅନେକ ପରିବାର ବାହାରରୁ ଭଡାରେ ରହିଥାନ୍ତି । ବୋଡେନ ଛକ ଠାରୁ ଏହି ପଡାକୁ ଯାଇଥିବା ରାସ୍ତାକୁ ବର୍ଷ ବର୍ଷ ଧରି ମରାମତି କରାଯାଉନି । ଅନେକ ଖାଲ ଖମାର ସହ ବର୍ଷା ଦିନରେ ପାଣି ଜମା ରହୁଛି । ପ୍ରତିଦିନ ଶତାଧିକ ଲୋକ ଏହି ରାସ୍ତାରେ ଯାତାୟତ କରିଥାଏ । କିନ୍ତୁ କୌଣସି ଅଧିକାରୀଙ୍କ ଦୃଷ୍ଟିରେ ଏହି ରାସ୍ତା ପଡୁନାହିଁ । ଏନେଇ ଖଡିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁଙ୍କୁ ଅବଗତ କରାଇବାରୁ ଅତିଶୀଘ୍ର ଉକ୍ତ ରାସ୍ତା ମରାମତି ପାଇଁ ବିଭାଗୀୟ କର୍ମକର୍ ାଙ୍କୁ କହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଲକ୍ଷାଧିକ ଟଙ୍କାର ସୁନା, ରୂପା ଚୋରି

କୋରେଇ,୧୨/୭ (ନି.ପ୍ର): ପାଣିକୋଇଲି ମହାବର କଲୋନୀରୁ ଗତ କାଲି ରାତ୍ରୀରେ ଦୁର୍ବୃତ ମାନେ ଝରକା ଭାଙ୍ଗି ଭିତରୁ କବାଟ ବନ୍ଦ କରି ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଅଳଙ୍କାର ଲୁଟି ନେଇଛନ୍ତି । ଏ ନେଇ ଅଭିଯୋଗ ପରେ ଘଟଣାସ୍ଥଳେ ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ପ୍ରକାଶଯେ ପାଣିକୋଇଲିର ମହାବୀର କଲୋନୀର ଶିକ୍ଷାବିତ୍ ବିଦ୍ୟାଧର ନାୟକ ସବୁଦିନ ପରି ରାତ୍ରିରେ ଖାଇପିଇ ସପରିବାରେ ଶୋଇଥିଲେ । ତାଙ୍କ ସ୍ତ୍ରୀ ସକାଳୁ ଉଠି ଦେଖିବାରୁ ତାଙ୍କ ସାନ ପୁଅର ଘର ଭିତରୁ ବନ୍ଦ ଥିଲା । ସାନ ପୁଅ ଓ ବୋହୁ ଘରେ ନଥିବାରୁ ଘର କେମିତି ବନ୍ଦ ରହିଲା ବୋଲି ପରିବାରକୁ ଜଣାଇଥିଲେ । ବଡ ପୁଅ ପ୍ରଶାନ୍ତ ଉଠି ଦେଖିବା ବେଳକୁ ତାଙ୍କ ଘରର ଝରକା ଭଙ୍ଗାଯାଇଥିବା ସହ ଭିତର ପଟୁ କବାଟ ବନ୍ଦ ଥିଲା । ଏନେଇ ପ୍ରଶାନ୍ତ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ଭଙ୍ଗା ଝରକା ପଟେ ଗୋଟିଏ ପିଲାକୁ ଘର ଭିତରକୁ ପୁରାଇବା ପରେ ସେ ଭିତର ପଟୁ କବାଟ ଖୋଲିଥିଲା । କବାଟ ଖୋଲିବା ପରେ ଘରେ କେହି ଦୁର୍ବୃତ ପଶି କଳାକନା ବୁଲାଇବା ଦେଖିବାକୁ ମିଳିଥିଲା । ଦୁର୍ବୃତ ଘରର ଝରକା ଦେଇ ପଶି କବାଟ ଭିତରୁ ବନ୍ଦ କରି କରି ଗଡରେଜ ଭାଙ୍ଗି ୧୮ ଭରି ସୁନା, କୋଡିଏ ଭରି ରୂପା ଓ ଦାମି ଶାଢୀ ଚୋରାଇ ନେଇଥିବା ଦେଖିବାକୁ ମିଳିଥିଲା । ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଗୁଗୁଲ ମିଟରେ ଓଡିଶା ସାମ୍ବାଦିକ ୟୁନିୟନର ସାଧାରଣ ପରିଷଦ ବୈଠକ

କନ୍ଧମାଳ,୧୨/୭ (ନି.ପ୍ର): ଓଡିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ର ଏକ ସାଧାରଣ ପରିଷଦ ବୈଠକ ଗୁଗୁଲ ମିଟ୍ ଜରିଆରେ ଅନୁଷ୍ଠିତ ହୋଇଯାଇଛି । ଓୟୁଜେର ରାଜ୍ୟ ସଭାପତି ପ୍ରଶନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ନନ୍ଦ ପ୍ରରମ୍ଭିକ ସୂଚନା ଦେବା ସହିତ ଆଜି ଆୟୋଜିତ ବୈଠକର ଉଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ଏଥିରେ ଜାତୀୟ ସାମ୍ବାଦିକ ୟୁନିୟନ(ଏନ.ୟୁ.ଜେ)ର ସଭାପତି ରାସ ବିହାରୀ ଯୋଗ ଦେଇ ରାଜ୍ୟର ସାମ୍ବଦିକ ମାନଙ୍କ କାର୍ଯ୍ୟକ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିବା ସହିତ ଓୟୁଜେକୁ ଶିଘ୍ର ଜାତୀୟ ପ୍ରେସ୍ କାଉନସିଲରେ ସାମିଲ କରାଯିବ ବୋଲି ସୂଚନା ଦେଇଥିଲେ । କୋଭିଡ କାଳରେ ସଂଗଠନର ସମସ୍ତ ରାଜ୍ୟ ଏବଂଜିଲ୍ଲା ସ୍ଥରୀୟ ସଦସ୍ୟ ମାନେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବାରେ ଖବର ପ୍ରସାରଣ କରିବାରେ ଆଗଭର ହେବା ସହିତ କରୋନା କାଳରେ ଅସୁବିଧାରେ ଥିବା ସାମ୍ବାଦିକ ମାନଙ୍କୁ ସଂଘମତ ନିର୍ବିଶେଷରେ ସହାୟତା କରିଛନ୍ତି ସେଥିପାଇଁ ସେମାନଙ୍କୁ ସାଧୁବାଦ ଦେଇଥିଲେ । ତେବେ ସରକାର ସାମ୍ବାଦିକ ମାନଙ୍କ ପାଇଁ ରାଜ୍ୟ ସରକାର ପ୍ରଦାନ କରିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ରହିଥିବା ୪ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିବାରୁ ଓୟୁଜେର ଦାବୀରେ କୋଭିଡ ସଂକ୍ରମଣ କାଳରେ ସାମ୍ବାଦିକ ମାନଙ୍କୁ କୋଭିଡ ଯୋଦ୍ଧାର ଭାବରେ ଘୋଷଣା କରିବା ସହିତ କୋଭିଡରେ ମୃତ ସାମ୍ବାଦିକ ମାନଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତି ପୁରଣ ପ୍ରଦାନ କରିଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶନ୍ନ ମହାନ୍ତି କୃତଜ୍ଞତା ଜ୍ଞାପନ କରିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କ୍ଷତି ପୁରଣ ସମେତ କୋଭିଡରେ ମୃତ ସାମ୍ବାଦିକ ମାନଙ୍କ ପରିବାରକୁ କେନ୍ଦ୍ର ସରକାରଙ୍କ ତରଫରୁ ମଧ୍ୟ ୫ ଲକ୍ଷ ଟଙ୍କାର କ୍ଷତି ପୁରଣ ପ୍ରଦାନ କରାଯାଉଛି । ଏହାକୁ ମଧ୍ୟ ମୃତ ସାମ୍ବାଦିକଙ୍କ ପରିବାର ଲୋକେ ପାଇବା ନିମନ୍ତେ ଆବେଦନ କରିବାର ଦରକାର ବୋଲି କହିବା ସହିତ କୌଣସି ସାମ୍ବାଦିକଙ୍କ ପରିବାର ଏହା ପାଇ ନଥିଲେ ଓୟୁଜେ ଏଥିରେ ସହାୟତା କରିବାକୁ ହାତ ବଢାଇବ ବୋଲି କହିଥିଲେ । ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସ୍ୱାବାସ୍ଥ୍ୟ ବୀମା ଯୋଜନାର ବୀମାରାଶିକୁ ୪ଲକ୍ଷ ଟଙ୍କାରୁ ବୃଦ୍ଧି କରି ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହିତ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ଆଣିବା ଏବଂ ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ କରାଯିବା ଦାବୀରେ ମୁଖ୍ୟ ମନ୍ତ୍ରୀଙ୍କୁ ରାଜ୍ୟର ସମସ୍ତ ସଦସ୍ୟମାନେ ଟ୍ୱିଟ୍ ଜରିଆରେ ଦାବୀ କରାଯିବା ନେଇ ରାଜ୍ୟ ସଭାପତି ପ୍ରଶନ୍ନ ମହାନ୍ତି ପ୍ରସ୍ତାବ ଆଗତ କରିଥିଲେ ଏହାକୁ ଯୋଗ ଦେଇଥିବା ସମସ୍ତ ରାଜ୍ୟ ଏବଂ ଜିଲ୍ଲାର ସଭାପତି ଏବଂ ସାଧାରଣ ସମ୍ପାଦକ ମାନେ ସମର୍ଥନ କରିଥିଲେ । ଏହାସହିତ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ଓୟୁଜେ ପକ୍ଷରୁ ସାମ୍ବାଦିକ ମାନଙ୍କପାଇଁ ରେଳ ଯାତ୍ରାରେ ରିହାତୀ ପ୍ରଦାନ କରିବାକୁ ମଧ୍ୟ ପ୍ରସ୍ତାବ ଆଗତ କରାଯାଇଥିଲା । ଏଥିରେ ଓୟୁଜେର ଉପସଭାପତି କିଶାନ ରାଉତ,ଉପନ ସାହୁ,କୋଷାଧ୍ୟକ୍ଷ ଅମୁଲ୍ୟ ସ୍ୱାଇଁ,ସମ୍ପାଦକ ରବିନ୍ଦ୍ର ମିଶ୍ର,କଳାହାଣ୍ଡି ଜିଲ୍ଲା ସଭାପତି କମ୍ବୁପାଣି ମିଶ୍ର,ସୁନ୍ଦରଗଡର ସଭାପତି ସଞ୍ଜିବ ପାତ୍ର,ଜାପୁରର ଅଜିତ ମେହେରଦା,କନ୍ଧମାଳ ଜିଲ୍ଲାର ସଭାପତି ପ୍ରଶାନ୍ତ କୁମାର ବେହେରା ଏବଂ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ପ୍ରଦୀପ କୁମାର ବେହେରା,ସମ୍ବଲପୁରର ପ୍ରଭାତ ବେହେରା,ସୁନ୍ଦରଗଡର ସଞ୍ଜିବ ମହାପାତ୍ର,ବରଗଡର ସୁରେଶ ଦାସ,ଝାର୍ସୁଗୁଡାର ଭରତ ପାତ୍ର,କଟକର ପ୍ରଫୁଲ୍ଲ ମହାନ୍ତି,ବାଲେଶ୍ୱରର ଗଙ୍ଗାଧର ରାଉତ,ଖୋର୍ଦ୍ଧାର ପ୍ରଶନ୍ନ ପାଇକରାୟ,ନୟାଗଡର ଆଚାର୍ଯ୍ୟ ବିଶ୍ୱରଞ୍ଜନଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲାର ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇ ସେମାନଙ୍କୁ ସୁଚିନ୍ତିତ ମତାମତ ଦେଇଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଷ୍ଠୀ ସଂଘର୍ଷ ଦୁଇ ମୃତ: ୭ ଆହତ

ଜୟପୁର,୧୨/୭ (ନି.ପ୍ର): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଦୁମ୍ବାଗୁଡ଼ା ପଚାଂୟତ ହାତୀମୁଣ୍ଡା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ଗତକାଲି ରାତିରେ ସଂଗଠିତ ଗୋଷ୍ଠୀ ସଂଘର୍ଷରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି । ଦୁଇ ପରିବାର ମଧ୍ୟରେ ବଚସାରୁ ହୋଇଥିଲା ସଙ୍ଘର୍ଷ । ମୃତକ ଦ୍ୱୟ ହେଲେ ଧନପତି ଜାନୀ (୩୫) ଓ ସହଦେବ ଜାନୀ (୪୫) । ଆହତ ମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତି କରାଯାଇଥିବା ବେଳେ ତନ୍ମଧ୍ୟରୁ ଗୁରୁତର ଦୁଇ ଜଣଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତି କରାଯାଇଛି । ଖବର ପାଇ କୋରାପୁଟ ଡିଏସପି ନିରଞ୍ଜନ ବେହେରା ଘଟଣାସ୍ଥଳରେ ପହଂଚି ତଦନ୍ତ କରି ଫେରିଛନ୍ତି ।

## ବିନା ଭକ୍ତେ ଗୁଣ୍ଡିଚା ଯାତ



ଦିଲ୍ଲୀପ କୁମାର ସାହୁ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲିଳାର ଅପୂର୍ବ ନିଦର୍ଶନ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ସ୍ୱବିଗ୍ରହରେ ଚତୁର୍ଦ୍ଧାମୂର୍ତ୍ତି ଦିବ୍ୟ ରଥରେ ବିଜେକରି ଯାଆନ୍ତି ଜନ୍ମବେଦୀ ଗୁଣ୍ଡିଚାଘରକୁ । ଶ୍ରୀମନ୍ଦିର ଇତିହାସରେ ୨୦୨୦ ର ରଥଯାତ୍ରା କିନ୍ତୁ ଥିଲା ଏକ ନୂଆ ଅଧ୍ୟାୟ । କରୋନା ମହାମାରୀର ସଂକ୍ରମଣ ଦୃଷ୍ଟିରୁ ପ୍ରଥମେ ମାନ୍ୟବର ସର୍ବୋଚ୍ଚ ନାୟାଳୟଙ୍କ ପକ୍ଷରୁ ରଥଯାତ୍ରା ନକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଜଗନ୍ନାଥ ପ୍ରେମିମାନଙ୍କ ବିନମ୍ର ନିବେଦନ ଫଳରେ ଶେଷ ମୂହୁର୍ତ୍ତରେ ଠିକ୍ ଶ୍ରୀଗୁଣ୍ଡିଚାର ପୂର୍ବଦିନ ମାନ୍ୟବର ସର୍ବୋଚ୍ଚ ନାୟାଳୟ ତାଙ୍କ ନିଷ୍ପତ୍ତିରେ ସାମାନ୍ୟ ପରିବର୍ତ୍ତନ କରି କଟକଣା ଭିତରେ ରଥଯାତ୍ରା ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶକୁ ସମସ୍ତେ ସାଦରେ ସ୍ୱାଗତ କରିଥିଲେ ଏବଂ ବିନା ଭକ୍ତ ସମାବେଶରେ ଓ ସୀମିତ ସେବାୟତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ୨୦୨୦ର ଐତିହାସିକ ରଥଯାତ୍ରା ।

ପ୍ରତିବର୍ଷ ନୂଆ ରଥରେ ଦିଅଁମାନେ ଗୁଣ୍ଡିଚା ଯାତ୍ରା କରିଥାନ୍ତି । ତେଣୁ ରଥ ନିର୍ମାଣ ପାଇଁ ସରସ୍ୱତୀ ପୂଜାଠାରୁ କାଠ କଟା ଆରମ୍ଭ ହୁଏ ଓ ପର୍ଯ୍ୟାୟ କ୍ରମେ ଶ୍ରୀକ୍ଷେତ୍ରକୁ ଆସିଥାଏ । ଚନ୍ଦନ ଯାତ୍ରାର ଆରମ୍ଭ ଦିନ ଅର୍ଥାତ ଅକ୍ଷୟତୃତୀୟା ତିଥିରେ ରଥ ଅନୁକୂଳ ବା ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ତାଲାବନ୍ଦ କଟକଣା ଯୋଗୁ ୨୦୨୦ର ରଥ ଅନୁକୂଳ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଶ୍ରୀମନ୍ଦିର ମଧ୍ୟରେ ଥିବା ଚାହାଣି ମଣ୍ଡପ ନିକଟରେ । ଅବଶ୍ୟ ପରେ କେନ୍ଦ୍ର ସରକାର ରଥ ନିର୍ମାଣ ପାଇଁ ଅନୁମତି ପ୍ରଦାନ କଲେ । ପ୍ରତିବର୍ଷ ପରି ଗଜପତି ମହା ରାଜାଙ୍କ ଶ୍ରୀନଅର ସମ୍ମୁଖରେ ରଥଖଳା ପ୍ରତିଷ୍ଠା କରାଯାଇ ଆରମ୍ଭ ହେଲା ରଥ କାମ । ରଥଖଳାରେ ସର୍ବସାଧାରଣଙ୍କ ପ୍ରବେଶକୁ ଅଙ୍କୁଶ ଲଗାଇବା ନିମନ୍ତେ ଏହାକୁ ଶ୍ୱେତ ବସ୍ତ୍ରରେ ଆବୃତ୍ତ କରି ରଖାଗଲା ।

ଶିଳ୍ପୀ, ସେବକ ଓ କାରିଗରମାନେ ସମସ୍ତ ନିତି ନିୟମକୁ ମାନି ରଥଗଢା କାର୍ଯ୍ୟରେ ଲାଗିପଡିଲେ । କାର୍ଯ୍ୟ ଆରମ୍ଭ ଡେରି ହୋଇଥିବାରୁ ଅଧିକ ସେବକଙ୍କୁ ଏଥିରେ ନିୟୋଜିତ କରାଗଲା । ସମସ୍ତେ ନିୟମ ଅନୁସାରେ ନାକ ମୁହଁକୁ ଘୋଡ଼େଇ କାର୍ଯ୍ୟ କଲେ ଓ ସାମାଜିକ ଦୂରତା ମଧ୍ୟ ରକ୍ଷା କଲେ । ଦୀର୍ଘଦିନ ଧରି ନୀରବି ଯାଇଥିବା ରଥଖଳା ପୁଣି ଚଳଚଞ୍ଚଳ ହୋଇଉଠିଲା । ଭୋଇ ସେବକ ମାନେ ଲମ୍ବା ଲମ୍ବା କାଠ ଗୁଡିକୁ ଝୁଲେଇ ଝୁଲେଇ ବୋହିବାର ଦୃଶ୍ୟ ମନ ମୋହି ନେଲା । ସକାଳୁ ସଞ୍ଜଯାଏ ବିଶ୍ୱକର୍ମା ମାନଙ୍କ ନିହାଣର ଠକ୍ ଠକ୍ ଶବ୍ଦ, ଶାନ୍ତ ପରିବେଶରେ ତୋଳିଲା ଅପୂର୍ବ ମୂର୍ଚ୍ଛନା ।

ରଥଯାତ୍ରାର ପ୍ରଥମ ସୋପାନ ସ୍ନାନ ଉତ୍ସବ ଯାହାକି ସ୍ନାନ ପୂର୍ଣ୍ଣିମା ବା ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଥାଏ । ସେହିଦିନ ସ୍ୱବିଗ୍ରହରେ ଚୁତୁର୍ଦ୍ଧା ମୂର୍ତ୍ତି ଙ୍କୁ ସ୍ନାନ ବେଦୀକୁ ଅଣାଯାଏ । ସେଠାରେ ପବିତ୍ର ସୁବାସିତ ଜଳରେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଅନୁଷ୍ଠିତ ହୋଇଥାଏ ।

କରୋନା ସଂକ୍ରମଣର ଆଶଙ୍କାକୁ ଆଖିଆଗରେ ରଖି ଖୁବ୍ ସତର୍କତାର ସହ ୨୦୨୦ର ସ୍ନାନ ଯାତ୍ରା ଆୟୋଜନ ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା ।

ସ୍ନାନ ଯାତ୍ରାରେ ପୂର୍ବ ଅପେକ୍ଷା ଯଥେଷ୍ଟ କମ୍ ସେବକଙ୍କୁ ନିୟୋଜିତ କରାଗଲା । ଯେଉଁ ସେବକ ଏଥିରେ ଅଂଶଗ୍ରହଣ କଲେ ସମସ୍ତଙ୍କର କୋଭିଡ୍ ପରୀକ୍ଷା କରାଗଲା ଓ କୋଭିଡ୍ ନେଗେଟିଭ୍ ସେବକମାନଙ୍କୁ ସ୍ନାନ ଯାତ୍ରା ପରିଚାଳନା ପାଇଁ ଅନୁମତି ପ୍ରଦାନ କରାଗଲା । କରୋନା ସଂକ୍ରମଣ ଠାରୁ ଦୂରେଇ ରହିବା ନିମନ୍ତେ ଅନୁମତିପ୍ରାପ୍ତ ସେବକମାନଙ୍କୁ ପୃଥକ ଭାବରେ ରଖାଗଲା । ସ୍ନାନ ଯାତ୍ରା ଦେଖିବା ନିମନ୍ତେ ସ୍ଥାନୀୟ ଲୋକଙ୍କର ବେଶ୍ ଗହଳି ହୋଇଥାଏ । ତେଣୁ ଏହି ଗହଳି ଯେପରି ନହେବ ସେଥିପାଇଁ ପୁରୀ ସହର ଓ ଏହାର ଆଖପାଖ ଅଞ୍ଚଳରେ ୧୪୪ ଧାରା ଜାରି କରାଗଲା ଓ ପୁରୀକୁ ରେଳ ମଟର ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ କରିଦିଆଗଲା । ତେଣୁ ସେଦିନ ସାରା ସହର ହୋଇଗଲା ଶୁନ୍ଶାନ୍ । ଯେଉଁ ବଡଦାଣ୍ଡରେ ସ୍ନାନ ଉତ୍ସବ ଦେଖିବା ପାଇଁ ଶ୍ରଦ୍ଧାଳୁ ଥାଟପଟାଳି ଭାଙ୍ଗନ୍ତି, ସେହି ବଡଦାଣ୍ଡରେ କାଉ ଉଡୁଥାନ୍ତି, ପାରାମାନେ ନିର୍ଭୟରେ ବିଚରଣ କରୁଥାନ୍ତି ।

ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଏହି ଦିବ୍ୟ ଲିଳା ଦେଖିବାରୁ ବଞ୍ଚିତ ନହେବା ନିମନ୍ତେ କେବଳ ଦୂରଦର୍ଶନକୁ ଏହାର ସିଧା ପ୍ରସାରଣ ଦାୟିତ୍ୱ ଦିଆଯାଇଥିଲା । ଅନ୍ୟ ଓଡ଼ିଆ ଚାନେଲ୍‌ମାନେ ଦୂରଦର୍ଶନଠାରୁ ସିଗନାଲ ନେଇ ପ୍ରସାରଣ କରିଥିଲେ ।

ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଧାଡି ପହଣ୍ଡିରେ ଅଣାଯାଇ ଶ୍ରୀମନ୍ଦିରର ଦକ୍ଷିଣ ପୂର୍ବ କୋଣରେ ଥିବା ସ୍ନାନ ବେଦୀରେ ଅବସ୍ଥାପିତ କରାଯାଇଥିଲା । ସକାଳର ସମସ୍ତ ଦୈନିକ ପୂଜା ସେହିଠାରେ ଅନୁଷ୍ଠିତ ହୋଇଥିଲା ।

ଏହାପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଇଁ ୧୦୮କଳସ ପାଣି ଆଣି ସେବକମାନେ ବେଦୀ ଉପରେ ସ୍ଥାପନ କରିଥିଲେ । ପୂଜକ ମାନେ ସେହି ପାଣିକୁ ସୋଧନ କଲାପରେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଅନୁଷ୍ଠିତ ହୋଇଥିଲା ।

ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ପରେ ଗଜପତି ମହାରାଜା ସ୍ନାନ ବେଦୀକୁ ଆସି ପୂଜାର୍ଚ୍ଚନା କରିବାର ବିଧି ରହିଛି । କିନ୍ତୁ ଏହି ନିଆରା ସ୍ନାନଯାତ୍ରାରେ ଗଜପତିଙ୍କ ପ୍ରତିନିଧିତ୍ୱ କରିଥିଲେ ତାଙ୍କର ପ୍ରତିନିଧି ମୁଦିରଥ ।

ସ୍ନାନ ଉତ୍ସବର ମୁଖ୍ୟ ଆକର୍ଷଣ ମହାପ୍ରଭୁଙ୍କ ହାତୀ ବେଶ । ଶ୍ରଦ୍ଧାଳୁମାନେ ସ୍ନାନବେଦୀ ଉପରକୁ ଆସି ଦିଅଁ ମାନଙ୍କର ଏହି ବେଶ ଦର୍ଶନ କରିଥାନ୍ତି । କରୋନା କଟକଣା ପାଇଁ ମହାପ୍ରଭୁଙ୍କର ଏହି ଅନନ୍ୟ ବେଶକୁ ଦର୍ଶନ କରିବା ନିମନ୍ତେ ଶ୍ରଦ୍ଧାଳୁମାନଙ୍କୁ ଅନୁମତି ଦିଆଯାଇନଥିଲା ।

ସ୍ନାନଯାତ୍ରା ସରିଲା । ଚତୁର୍ଦ୍ଧା ମୂର୍ତ୍ତି ଅଣସର ଘରେ ରହିଲେ । ସମସ୍ତଙ୍କ ଅପେକ୍ଷା ରହିଲା ରଥଯାତ୍ରାକୁ । ସେହି ସମୟରେ ମାନ୍ୟବର ସର୍ବୋଚ୍ଚ ନାୟାଳୟ ରଥଯାତ୍ରା ଉପରେ ରୋକ୍ ଲଗାଇଲେ ଓ ରଥଯାତ୍ରାର ଠିକ୍ ପୂର୍ବଦିନ ଆଦେଶରେ ପରିବର୍ତ୍ତନ କରି କଟକଣା ମଧ୍ୟରେ ଯାତ୍ରା ପରିଚାଳନା ପାଇଁ ନିର୍ଦ୍ଦେଶ ଦେଲେ ।

ରଥଯାତ୍ରା ଦିନ ମହାପ୍ରଭୁଙ୍କ ସ୍ୱୟଂଲିଳା ଦେଖିବା ନିମନ୍ତେ ସାରା ବିଶ୍ୱରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ଶ୍ରୀ କ୍ଷେତ୍ରରେ । କିନ୍ତୁ ଏହି ଐତିହାସିକ ରଥଯାତ୍ରା ଦିନ ସାରା ପୁରୀ ସହର ନୀରବ ନିଷ୍ପନ୍ଦ ହୋଇଯାଇଥିଲା । ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଅଟ୍ଟାଳିକା ଉପରେ ମଧ୍ୟ କେହି ଜଣେ ହେଲେ ନଥିଲେ ରଥଟଣା ଦେଖିବା ପାଇଁ । କେବଳ ସେବକ, ପୋଲିସ ଓ ପ୍ରଶାସନ ଅଧିକାରୀ ମାନଙ୍କୁ ଦେଖିବାକୁ ମିଳିଥିଲା ବଡଦାଣ୍ଡରେ । ମାସ୍କ ପରିଧାନ କରି ସମସ୍ତେ ସେମାନଙ୍କ ଦାୟିତ୍ୱ ପାଳନ କରୁଥାନ୍ତି ।

ଶ୍ରୀଗୁଣ୍ଡିଚା ଦିନ ପ୍ରତ୍ୟୁଷରୁ ଶ୍ରୀମନ୍ଦିର ରେ ଆରମ୍ଭ ହୋଇଯାଇଥିଲା ସମସ୍ତ ନିତି । ଠିକ୍ ସକାଳ ସାତଟାର ଆରମ୍ଭ ହୋଇଥିଲା ପହଣ୍ଡି । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡି ପହଣ୍ଡିରେ ଅଣାଯାଇଥିଲା ରଥ ଅଭିମୁଖେ । ପରମ୍ପରା ଅନୁଯାୟୀ ପ୍ରଥମେ ଦାରୁରୂପୀ ଚକ୍ର ସୁଦର୍ଶନ ଙ୍କୁ ପହଣ୍ଡିରେ ଅଣାଯାଇ ଦେବଦଳନ ରଥ ବା ମାଆ ସୁଭଦ୍ରାଙ୍କ ରଥରେ ଅବସ୍ଥାପିତ କରାଯାଇଥିଲା । ତାପରେ ଆସିଥିଲେ ବଡଭାଇ ବଳଭଦ୍ର । ସୁଶୋଭିତ ଟାହିଆ ପରିଧାନ କରି ପାହୁଣ୍ଡ ପକାଇ ପକାଇ ଆସିଥିଲେ ପ୍ରଭୁ । ବଳଭଦ୍ରଙ୍କ ପଛକୁ ଶୂନ୍ୟ ପହଣ୍ଡିରେ ଅର୍ଥାତ ମାଆଙ୍କୁ ସେବକମାନେ ଶୂନ୍ୟରେ ଝୁଲାଇ ଝୁଲାଇ ଆଣି ରଥାରୂଢ କରିଥିଲେ । ଶେଷରେ ହାତୀ ପରି ଝୁଲିଝୁଲି ହଲିହଲି ଆସିଥିଲେ କାଳିଆ ସାଆନ୍ତ, କଳାଠାକୁର, ଜଗତର ନାଥ, ମହାପ୍ରଭୁ ଶ୍ରୀଜଗନ୍ନାଥ ।

ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ ହେବାପରେ ଆଦିଗୁରୁ ପୁରୀ ଶଙ୍କରାଚାର୍ଯ୍ୟ ତିନି ରଥକୁ ଯାଇ ଦିଅଁ ମାନଙ୍କୁ ଦର୍ଶନ କରିଥିଲେ ।

ପ୍ରାୟ ମଧ୍ୟାହ୍ନ ବେଳକୁ ଆରମ୍ଭ ହୋଇଥିଲା ରଥଯାତ୍ରାର ଅନ୍ୟତମ ଆକର୍ଷଣ ଛେରାପହଁରା । ମହାପ୍ରଭୁଙ୍କ ପ୍ରଥମ ସେବକ ଗଜପତି ମହାରାଜା ମାସ୍କ ପରିଧାନ ପୂର୍ବକ, ତାମ୍ଜାନ୍‌ରେ ଆସି ତିନି ରଥରେ ଏହି ନୀତି ସମ୍ପାଦନ କରିଥିଲେ ।

ଗଜପତି ପ୍ରଥମେ ବଳଭଦ୍ରଙ୍କ ରଥ ତାଳଧ୍ୱଜରେ ଛେରାପହଁରା କରିଥିଲେ । ତାଳଧ୍ୱଜ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଛେରାପହଁରା ନୀତି ଅନୁଷ୍ଠିତ ହୋଇଥିଲା । ଶେଷରେ ମାଆ ଶୁଭଦ୍ରାଙ୍କ ଦେବଦଳନ ରଥରେ ଛେରା ପହଁରା କରାଯାଇଥିଲା ।



ଛେରାପହଁରା ପରେ ଆରମ୍ଭ ହୋଇଥିଲା ରଥ ଟଣା । ପ୍ରତିବର୍ଷ ସେବକମାନେ ରଥ ଉପରେ ବସନ୍ତି ଓ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ରଥ ଟାଣିଥାନ୍ତି । କିନ୍ତୁ ୨୦୨୦ର ସେହି ଐତିହାସିକ ରଥଯାତ୍ରାରେ ରଥ ଟାଣିଥିଲେ କେବଳ ସେବକ ।



ଅନ୍ୟ ବର୍ଷ ମାନଙ୍କରେ ପ୍ରତି ରଥର ଚକ ସଂଖ୍ୟା ଯେତିକି ସେତିକି ସଂଖ୍ୟାର ଘଣ୍ଟୁଆ ରହୁଥିଲେ ରଥ ଉପରେ । ଏ ରଥଯାତ୍ରାରେ କିନ୍ତୁ ରଥ ଉପରେ ଥିଲେ ଦୁଇଜଣ ଲେଖାଏଁ ଘଣ୍ଟୁଆ ।

ସେଦିନ ବଡଦାଣ୍ଡରେ ଯିଏ ଉପସ୍ଥିତ ଥିଲେ ସମସ୍ତେ ମୁହଁକୁ ମାସ୍କ ଅବା ଗାମୁଛାରେ ଘୋଡାଇ ରଖିଥିଲେ ଓ ପରସ୍ପରଠାରୁ ଦୁଇ ଗଜ ଦୂରତା ରକ୍ଷା କରୁଥିଲେ ।

ସେହି ଐତିହାସିକ ରଥଯାତ୍ରାରେ ପ୍ରତିବର୍ଷ ପରି ପ୍ରଥମେ ଟଣାଯାଇଥିଲା ବଡଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥ । ତାଳଧ୍ୱଜ ରଥ କିଛି ବାଟ ଗଡିଗଲାପରେ ମାଆ ସୁଭଦ୍ରାଙ୍କ ଦେବଦଳନ ରଥ ଟଣା ଆରମ୍ଭ ହୋଇଥିଲା । ଶେଷରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ସେବକ ମାନେ ଟାଣି ଟାଣି ନେଇଥିଲେ । ଅପରାହ୍ନ ପାଞ୍ଚଟା ସୁଦ୍ଧା ତିନି ରଥ ପହଞ୍ଚି ଯାଇଥିଲେ ପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିର ସମ୍ମୁଖସ୍ଥ ଶରଧା ବାଲିରେ । ଶ୍ରୀଗୁଣ୍ଡିଚା ଦିନ ଅପରାହ୍ନ ସୁଦ୍ଧା ଶରଧା ବାଲିରେ ତିନି ରଥ ପହଞ୍ଚିବା ଥିଲା ଏକ ବିରଳ ଘଟଣା । ଶ୍ରୀଗୁଣ୍ଡିଚା ପରଦିନ ଦିଅଁ ମାନଙ୍କୁ ପହଣ୍ଡି କରାଯାଇ ଜନ୍ମବେଦୀକୁ ନିଆଯାଇଥିଲା । ବର୍ଷ ସାରା ଖାଲିପଡିଥିବା ଗୁଣ୍ଡିଚା ମନ୍ଦିର ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ପାଇ ଚଳଚଞ୍ଚଳ ହୋଇ ଉଠିଥିଲା । ହେଲେ ଭକ୍ତ ମାନଙ୍କୁ ଅନୁମତି ମିଳିନଥିଲା ଜନ୍ମବେଦୀରେ ଦିଅଁ ମାନଙ୍କୁ ଦର୍ଶନ କରିବା ନିମନ୍ତେ ।

ଆଷାଢ଼ ଶୁକ୍ଳ ଦଶମୀ । ବାହୁଡା ଦଶମୀ ଭାବରେ ଖ୍ୟାତ ଏହି ପବିତ୍ର ତିଥିରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କ ଫେରିବାର ଦିନ । ପ୍ରତ୍ୟୁଷରୁ ଆରମ୍ଭ ହୋଇଗଲା ବାହୁଡା ନୀତି । ସକାଳ ଆଠଟାରୁ ଆରମ୍ଭ ହେଲା ବାହୁଡା ପହଣ୍ଡି ଓ ତାପରେ ରଥଟଣା । ବଡଦାଣ୍ଡ ଥିଲା ଭକ୍ତ ଶୂନ୍ୟ । ଶ୍ରୀଗୁଣ୍ଡିଚା ପରି ସେଦିନ ମଧ୍ୟ ସେବକମାନେ ଟାଣିଲେ ରଥ ।

ପ୍ରାୟ ଅପରାହ୍ନ ତିନିଟା ବେଳକୁ ରଥମାନେ ଶ୍ରୀମନ୍ଦିରର ସିଂହ ଦ୍ୱାରରେ ପହଞ୍ଚି ଯାଇଥିଲେ ।

ବାହୁଡା ପରଦିନ ଅନୁଷ୍ଠିତ ହୋଇଥିଲା ରଥଯାତ୍ରାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପଯାତ୍ରା ସୁନାବେଶ । ମହଣ ମହଣ ସୁନାରେ ସଜେଇ ଦିଆଯାଇଥିଲା ତିନି ଠାକୁରଙ୍କୁ । ଦିଅଁ ମାନଙ୍କୁ ଶ୍ରୀପୟର ବା ସୁନାର ପାଦ ଓ ଶ୍ରୀଭୂଜ ବା ସୁନାର ହାତରେ ସଜେଇ ଦିଆଯିବା ପରେ ଅଧାଗଢା ଦିଅଁ ପାଲଟି ଯାଇଥିଲେ ପୂର୍ଣ୍ଣବ୍ରହ୍ମ ।

ସର୍ବାଲଙ୍କାର ଭୂଷିତ ଦିଅଁ ମାନଙ୍କୁ ରଥ ଉପରେ ଦର୍ଶନ କରିବା ନିମନ୍ତେ ଶ୍ରଦ୍ଧାଳୁମାନେ ଥାଟପଟାଳି ଭାଙ୍ଗନ୍ତି । ଶୋରିଷ ବୁଣିବାକୁ ଯାଗା ମିଳେନି । ୨୦୨୦ର ସେହି ସୁନାବେଶ ଅବସରରେ ଚଉଦିଗ ଲାଗୁଥିଲା ଖାଲିଖାଲି । କୁହାଯାଏ ମହାପ୍ରଭୁଙ୍କ ସହ ଅନେକ ଅଶରୀରି ରଥଯାତ୍ରାରେ ଆସିଥାନ୍ତି । ତେଣୁ ସେମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ବାହୁଡାର ତୃତୀୟ ଦିନରେ ଅନୁଷ୍ଠିତ ହୁଏ ଅଧରପଣା ଉତ୍ସବ । ପ୍ରତି ରଥରେ ଦିଅଁ ମାନଙ୍କ ଅଧରକୁ ଛୁଇଁଲାଭଳି ତିନିଗୋଟିକରି ମାଟି ପାତ୍ରରେ ସୁସ୍ୱାଦୁ ପଣା ରଖାଯାଏ ଓ ପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଏ । ଏହାପରେ ପାତ୍ର ଗୁଡିକୁ ଭାଙ୍ଗିଦିଆଯାଇ ଅଶରୀରି ମାନଙ୍କୁ ଉତ୍ସର୍ଗ କରାଯାଇଥାଏ । ଅଧରପଣାରୁ କଣାଏ ପାଇବା ପାଇଁ ଭକ୍ତମାନେ ଥାଟପଟାଳି ଭାଙ୍ଗନ୍ତି । କିନ୍ତୁ ଭକ୍ତ ଶୂନ୍ୟ ଭାବରେ ଅନୁଷ୍ଠିତ ହୋଇଥିଲା ଅଧରପଣା ନୀତି ।

ରଥ ଯାତ୍ରାର ଅନ୍ତିମ ପର୍ବ ନୀଳାଦ୍ରି ବିଜେ । ତାହା ଅଧରପଣା ପରଦିନ ଅନୁଷ୍ଠିତ ହୁଏ । ସେଦିନ ବଡଦାଣ୍ଡରେ ବସେ ସ୍ୱାଦିଷ୍ଟ ରସଗୋଲାର ହାଟ । ରଙ୍ଗିନ ଆତାସବାଦୀ ଓ ବନାଟି ଖଳରେ ସିଂହଦ୍ୱାର ଝଲସି ଉଠେ । ୨୦୨୦ ନୀଳାଦ୍ରି ବିଜେ ଦିନ ସବୁ କିନ୍ତୁ ବନ୍ଦ ଥିଲା । କଟକଣା ଯୋଗୁ ସୀମିତ ସେବକଙ୍କୁ ନେଇ ଗୋଟି ପହଣ୍ଡିରେ ଅନୁଷ୍ଠିତ ହୋଇଥିଲା ନୀଳାଦ୍ରି ବିଜେ । ପହଣ୍ଡି ପୂର୍ବରୁ ଗଜପତି ମହାରାଜାଙ୍କ ପ୍ରତିନିଧି ମୁଦିରଥ ରଥ ଉପରେ ରାଜନୀତି ବନ୍ଦାପନା କରିଥିଲେ । ମୁଦିରଥଙ୍କ ସେବାପରେ ଆରମ୍ଭ ହୋଇଥିଲା ପହଣ୍ଡି । ପ୍ରଥମେ ସୁଦର୍ଶନଙ୍କୁ ପହଣ୍ଡିରେ ନିଆ ଯାଇଥିଲା ମନ୍ଦିର ଭିତରକୁ । ସୁଦର୍ଶନଙ୍କ ପରେ ବଡଭାଇ ବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ବଳଭଦ୍ରଙ୍କ ପରେ ଶୂନ୍ୟ ପହଣ୍ଡିରେ ମାଆ ଶୁଭଦ୍ରା ମନ୍ଦିର ମଧ୍ୟରେ ପ୍ରବେଶ କରିଥିଲେ । ଶେଷରେ ଆରମ୍ଭ ହୋଇଥିଲା କଳା ସାଆନ୍ତଙ୍କ ପହଣ୍ଡି । ମହାପ୍ରଭୁ ଚାରମାଳ ଉପରକୁ ଆସି ଟାହିଆ ପିନ୍ଧିବା ବେଳକୁ ମାଆ ଲକ୍ଷ୍ମୀ ଆସି ଭେଟ ମଣ୍ଡପରେ ଉପସ୍ଥିତ ହୋଇସାରିଥିଲେ । ସେହିଠାରୁ ଚାରି ଚକ୍ଷୁର ମିଳନ ହୋଇଥିଲା । ଅପୂର୍ବ ଥିଲା ସେଦିନର ସେହି ଲକ୍ଷ୍ମୀ ନାରାୟଣ ଭେଟର ଦୃଶ୍ୟ । ଚାରି ଚକ୍ଷୁ ମିଳନ ପରେ ଭେଟ ମଣ୍ଡପରେ ମାଆଙ୍କ ନିକଟରେ ଓ ଚାରମାଳ ଉପରେ ମହାପ୍ରଭୁଙ୍କ ନିକଟରେ ଆଳତୀ ଅର୍ପଣ କରାଯାଇଥିଲା । ଆଳତୀପରେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ପହଣ୍ଡି । ଏଣେ ମାଆ ଲକ୍ଷ୍ମୀ ସିଂହ ଦ୍ୱାର ନିକଟକୁ ଯାଇ ଅଭିମାନରେ କବାଟ କିଳି ଦେଇଥିଲେ । ଶ୍ରୀଜଗନ୍ନାଥ ହଲିହଲି ଝୁଲିଝୁଲି ସିଂହ ଦ୍ୱାରରେ ପହଞ୍ଚିଥିଲେ ଓ କବାଟ ଖୋଲିବା ନିମନ୍ତେ ମାଆଙ୍କୁ ଅନୁରୋଧ କରିଥିଲେ । ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା କଥା କଟାକଟି । ମିଠା କଥା କହି ମହାପ୍ରଭୁ ମାଆଙ୍କ ମାନ ଭାଙ୍ଗି ଥିଲେ । ମାଆ କବାଟ ଖୋଲିଥିଲେ ଓ ମହାପ୍ରଭୁ ଶ୍ରୀ ମନ୍ଦିରରେ ପ୍ରବେଶ କରିଥିଲେ । ଶେଷ ହୋଇଥିଲା କରୋନାର ଭୟାଭୟତା ଭିତରେ ୨୦୨୦ର ଐତିହାସିକ ରଥଯାତ୍ରା ବିନା ଭକ୍ତେ ଗୁଣ୍ଡିଚା ଯାତ ।

କରୋନାର କବଳରେ ଏବେ ମଧ୍ୟ କବଳିତ ସାରା ସଂସାର । ଏବେବି ସବୁଠି ସଙ୍କ୍ରମଣର ଭୟ । ସେହି ଦୃଷ୍ଟିରୁ ଚଳିତ ବର୍ଷ ମଧ୍ୟ କଟକଣା ଭିତରେ ଆୟୋଜିତ ହେଉଛି ମହାପ୍ରଭୁଙ୍କ ରଥଯାତ୍ରା । ସେହି କାଳିଆ ସାଆନ୍ତଙ୍କୁ ଜଣା କେବେ ଦୂରହେବ ଏ ଭୟ ଓ ଆତଙ୍କ ଏବଂ କେବେ ଭକ୍ତକୁ ମିଳିବ ଅନୁମତି ତା ଦିଅଁଙ୍କୁ ଦେଖିବାପାଇଁ ।


+ଶଙ୍କରପୁର
ଚାରବବାଟିଆ,କଟକ
ମୋ-୯୮୬୧୧୨୬୧୯୭




## ଗଡିବ ରଥ ନଥିବେ ଭକ୍ତ



ସୌଭାଗ୍ୟ ରଞ୍ଜନ ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅପାର ଲୀଳାର ନିୟନ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷ ଯାତ୍ରାର ଏହି ମହାନ ନିର୍ଘୋଷ ଆମ ହୃଦୟ କନ୍ଦରରେ ଅହରହ ପ୍ରକମ୍ପିତ ହେଉ - "ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବ ତୁମେ" । ଜାତି, ଧର୍ମ, ଜ୍ଞାନ ଗରିମାରେ ଭେଦଭାବ ଭୂଲି ଦେଶ ବିଦେଶର ଲକ୍ଷ ଲକ୍ଷ ମୋକ୍ଷ ପିପାସୁ ଯାତ୍ରୀଙ୍କ ସମାବେଶ ହୋଇଥାଏ ସେ ଦିନ ବଡ ଦାଣ୍ଡରେ । ବଡ ଦାଣ୍ଡର ଧୂଳି ମୁଣ୍ଡରେ ବୋଲି ଭକ୍ତ ତାକୁ ଚନ୍ଦନ ବୋଲି ମନେ କରି ଜଗନ୍ନାଥଙ୍କର କାଣିଚାଏ କୃପା ପାଇବା ପାଇଁ ବ୍ୟାକୁଳ ହୋଇଉଠେ । ବଡ ଦାଣ୍ଡ କହେ ମୁଁ ବଡ । ଖାଲିତ ଜଗନ୍ନାଥ ମହାପ୍ରଭୁ ରଥା ରୁଢ଼ ହେଲେ ତ ଚଳିବ ନାହିଁ । ରଥ ଚକା ଗଡିବା ଦରକାର । ଯେଉଁ ବଡ ଦାଣ୍ଡରେ ରଥ ଘଡ ଘଡ ଶବ୍ଦ ଗଡି ଚାଲେ, ରଥଯାତ୍ରାର ପୂର୍ଣ୍ଣତା ଆଣିଥାଏ । ରଥାସୀନୀ ଦାରୁବ୍ରହ୍ମ ପୁରୁଷୋତମଙ୍କୁ ଦର୍ଶନ କରି ସେ ମର୍ତ୍ତ୍ୟଲୋକରୁ ମୁକ୍ତି ପାଇବ, ମୋକ୍ଷ ଲାଭ କରିବାକୁ ବ୍ୟାକୁଳତାର ସହ ଚାହିଁ ବସିଥାଏ ଭକ୍ତ । ଏହି ପବିତ୍ର ଦିନଟିକୁ । ଏହି ଦିନ ରଥାରୋହଣ କରି ଶ୍ରୀ ଜଗନ୍ନାଥ ମହାପ୍ରଭୁ ବାହାରି ପଡନ୍ତି ବଡ ଦାଣ୍ଡରେ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ । ପଥ(ବଡ-ଦାଣ୍ଡ) ମଧ ରଥ ଠାରୁ କୌଣସି ଗୁଣରେ କମ୍ ନୁହେଁ । ତିନି ଠାକୁରଙ୍କୁ ଧରି ତିନି ରଥ ଗଡି ଚାଲେ ବଡ ଦାଣ୍ଡରେ । ଏଣୁ ଏହି କ୍ଷେତ୍ରରେ ରଥର ଭୂମିକା ଯେତିକି ପଥର ଭୂମିକା ବି ସେତିକି । ଭକ୍ତମାନଙ୍କ ଟଣାଓଟରା ଖାଇଖାଇ ବଡ ଦାଣ୍ଡରେ ଗଡି ଚାଲିଥାଏ ଶ୍ରୀ ଗୁଣ୍ଡିଚା ମନ୍ଦିର ଆଡକୁ । ଏତେଦିନ ପରେ ବଡ ଦେଉଳ ଛାଡି ତିନି ଠାକୁର ଆସିଛନ୍ତି ମାଉସୀ ଘରକୁ ସେଠାରେ ସେମାନ୍‌ଙ୍କର ବେଶ୍ ଚର୍ଚ୍ଚା ହୁଏ । କିନ୍ତୁ ଏପଟେ ଶ୍ରୀ ମନ୍ଦିର ଶ୍ରୀ ଜଗନ୍ନାଥଙ୍କ ବିହୁନେ ଶ୍ରୀହୀନ ଜଣାପଡୁଥାଏ ରତ୍ନ ସିଂହାସନ ଠାରୁ ଅରୁଣ ସ୍ତମ୍ଭ ପର୍ଯ୍ୟନ୍ତ ସମସ୍ତେ ଝୁରି ଥାଆନ୍ତି ଶ୍ରୀ ଜଗନ୍ନାଥଙ୍କୁ । ସୃଷ୍ଟି ଅଚଳ ହୋଇପଡିଲା ଭଳି ଲାଗେ । ରତ୍ନ ସିଂହାସନ ଆଉ ବେଶି ଦିନି ଶୂନ୍ୟ କରିବାକୁ ନଦେଇ ଭକ୍ତମାନେ ପୁଣି ଲାଗିପଡନ୍ତି ତିନି ଠାକୁରଙ୍କୁ ସ୍ୱସ୍ଥାନକୁ ଫେରାଇ ଆଣିବାକୁ । ପୁଣି ସଜବାଜ ଚାଲେ । ପୁଣି ତିନି ରଥରେ ବସାଇ ତିନି ଠାକୁରଙ୍କ ଇଚ୍ଛା ଅନିଚ୍ଛା ବାଛ ବିଚାର ନକରି ସେମାନଙ୍କୁ ଭକ୍ତଗଣ ବଡ ଦାଣ୍ଡରେ ଟାଣି ଟାଣି ନେଇ ଆସନ୍ତି ଶ୍ରୀମନ୍ଦିରକୁ । ବଡ ଦେଉଳ ପୁଣି କୋଳାହଳରେ ପୁରି ଉଠେ । ଯେଉଁ ରଥମାନେ ନିଜକୁ ବଡ ବୋଲି କହନ୍ତି-ନନ୍ଦିଘୋଷର ଉଚ୍ଚତା ୪୫ଫୁଟ, ଚକ ସଂଖ୍ୟା-୧୬, ଚକର ବ୍ୟାସ ୭ଫୁଟ ରଥାବୃତ କପଡାର ରଙ୍ଗ ଲାଲ ଓ ହଳଦୀ, ପାର୍ଶ୍ୱଦେବତାଙ୍କ ସଂଖ୍ୟା-୯, ରଥର ଘୋଡା ସଂଖା-୬ ସାରଥୀ ନାମ ମାତଳି । ସେହିଭଳି ତାଳଧ୍ୱଜର ଉଚ୍ଚତା-୪୪ଫୁଟ, ଚକ ସଂଖ୍ୟା -୧୪, ଚକବ୍ୟାସ -୭ଫୁଟ, ରଥାବୃତ କପଡାର ରଙ୍ଗ-ଲାଲ ଓ ନୀଳ, ପାର୍ଶ୍ୱଦେବତାଙ୍କ ସଂଖ୍ୟା-୯, ରଥର ଘୋଡା ସଂଖ୍ୟା-୪, ସାରଥିଙ୍କ ନାମ-ଦାରୁକ, ସେହିଭଳି ଦେବଦଳନ ରଥର ଉଚ୍ଚତା-୪୩ଫୁଟ, ଚକସଂଖ୍ୟା-୧୨, ଚକବ୍ୟାସ-୭ଫୁଟ, ରଥାବୃତ କପଡାର ରଙ୍ଗ-ଲାଲ ଓ କଳା, ପାର୍ଶ୍ୱଦେବତାଙ୍କ ସଂଖ୍ୟା-୯, ରଥରେ ଯୋଚା ଘୋଡା ସଂଖ୍ୟା-୪, ସାରଥିଙ୍କ ନାମ-ଅର୍ଜୁନ । ରଥଯାତ୍ରା ଦିନି ଶ୍ରୀମନ୍ଦିରରେ ପ୍ରାତଃକାଳରେ ଚତୁର୍ଦ୍ଧାମୂର୍ତୀ ଶ୍ରୀ ଜଗନ୍ନାଥଙ୍କର ମଙ୍ଗଳ ଆଳତି, ମଇଲମ ଓ ଚାପ ଭଉଁରୀ ବେଶ, ଅବକାଶ, ଅବକାଶ ପରେ ମଇଲମ ଓ ବେଶ ଓ ଭୋଗ ହେବା ପରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ରଥ ଉପରକୁ ବିଜେ କରନ୍ତି । ଇତି ମଧ୍ୟରେ ରଥରେ ଧ୍ୱଜ ପୂଜା ପରେ ଧ୍ୱଜ ଲଗା ହୋଇଥାଏ ଓ ଶ୍ରୋତ୍ରିୟ ବ୍ରାହ୍ମଣମାନେ ରଥ ପ୍ରତିଷ୍ଠାର ହୋମ ସଂପାଦନ ପୂର୍ବକ ରଥ ପ୍ରତିଷ୍ଠା କରି ସାରିଥାନ୍ତି । ଦୟିତା ପତି, ସେବକ, ଅନ୍ୟମାନଙ୍କ ସହାୟତାରେ ଗୋଟି ପହଣ୍ଡିରେ ପ୍ରଥମ ସୂଦର୍ଶନ, ତାପରେ ବଳଭ୍ରଦ, ତାପରେ ସୂଭଦ୍ରା ଏବଂ ଶେଷର ଶ୍ରୀଜଗନ୍ନାଥ - ଏହି କ୍ରମରେ ଦାରୁ ବିଗ୍ରହମାନଙ୍କ ପହଣ୍ଡି କରାଇ ସ୍ୱ ସ୍ୱ ରଥରେ ଅବସ୍ଥାପିତ କରାଇଥାନ୍ତି ରାମକୃଷ୍ଣ ଏବଂ ମଦନ ମୋହନଙ୍କ ଧାତୁ ମୂର୍ତୀକୁ ମଧ୍ୟ ଯଥାକ୍ରମେ ବଳଭ୍ରଦ ଏବଂ ଜଗନ୍ନାଥଙ୍କ ରଥରେ ଅବସ୍ଥାପିତ କରାଯାଇଥାଏ । ଏହାପରେ ପୁରୀର ମହାରାଜ ଗଜପତି ଦିବ୍ୟ ସିଂହ ଦେବ ପ୍ରଥମେ ବଳଭ୍ରଦଙ୍କ ରଥ, ତାପରେ ଜଗନ୍ନାଥଙ୍କ ରଥ ଏବଂ ଶେଷରେ ସୂଭଦ୍ରା ସୂଦର୍ଶନଙ୍କର ରଥରେ ଛେରା ପହଁରା କରନ୍ତି । ସୁବାସିତ ଚନ୍ଦନ ଜଳ ସିଂଚନ କରାଯାଇ ଛେରା ପହଁରା କରାଯାଇଥାଏ । ରଥସ୍ଥ ଦେବଦେବୀଙ୍କୁ ପ୍ରଣାମ ପୂର୍ବକ ପୁଷ୍ପାଞ୍ଜଳୀ ଦେଇ ଅନ୍ୟାନ୍ୟ କାର୍ଯ୍ୟର ଅର୍ଥାତ୍ ଚିତା ଲାଗି ଏବଂ ମାଳ ଚୁଳ ସମାପନ କରି ସାରଥିମାନଙ୍କୁ ରଥ ଉପରକୁ ବହନ କରାଯାଇ ଚାରମାଳ ଫିଟାଯାଇ ଘୋଡା ଯୋଚାଯାଇ ରଥ ଟଣା ଆରମ୍ଭ ହୁଏ ।

(ସମାପ୍ତ)


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୩ ଜୁଲାଇ ୨୦୨୧, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜନୈତିକ ହିଂସା...

ଆଫଗାନିସ୍ତାନରେ ପ୍ରତି ମୁହୂର୍ତ୍ତରେ ନିରାପତ୍ତା ସ୍ଥିତିରେ ଦ୍ରୁତ ଅବନତି ଘଟିଚାଲିଛି ଏବଂ ସେ ଦେଶ ପୁଣି ଥରେ ତାଲିବାନ ଉଗ୍ରବାଦୀମାନଙ୍କ କବଜାକୁ ଚାଲିଯାଉଛି। ନିରାପତ୍ତା କାରଣକୁ ଦୃଷ୍ଟିରେ ରଖି ଭାରତ ତା'ର କାନ୍ଦାହାରସ୍ଥିତ ବାଣିଜ୍ୟ ଦୂତାବାସକୁ ସାମୟିକ ଭାବେ ବନ୍ଦ କରି ସେଠାରେ କାର୍ଯ୍ୟରତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦୂତାବାସ ଅଧିକାରୀ, କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କୁ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ଲେଉଟାଇ ଆଣିଛି। ଆଫଗାନିସ୍ତାନ ପୁଣିଥରେ ୨୦୦୧ ମସିହା ପୂର୍ବର ଅବସ୍ଥାକୁ ଫେରିଯାଉଛି ବୋଲି ଏବେ ସେ ଦେଶବାସୀ ତଥା ବିଶ୍ୱ ସମୁଦାୟ ଆଶଙ୍କା କରୁଛନ୍ତି। କେବଳ ଭାରତ ନୁହେଁ, ଅନ୍ୟ ରାଷ୍ଟ୍ରମାନେ ମଧ୍ୟ ସେମାନଙ୍କର ଦୂତାବାସ ଓ କୂଟନୈତିକ କାର୍ଯ୍ୟାଳୟ ବନ୍ଦ୍ କରିବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତି ଉତ୍ପନ୍ନ ହେବାର କାରଣ, ପ୍ରାୟ ଦୁଇ ଦଶନ୍ଧି ଧରି ସେଠାରେ ଯୁଦ୍ଧ କରିଆସୁଥିବା ମାର୍କିନ୍ ସେନାଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଫେରାଇ ନେବାଲାଗି ଘୋଷଣା କରିଛନ୍ତି ଏବଂ ସେହି କାର୍ଯ୍ୟ ଅଗଷ୍ଟ ୩୧ ତାରିଖ ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ସେ ବଦ୍ଧ ପରିକର। ରାଷ୍ଟ୍ରପତି ବାଇଡେନ୍ ଅତି ସ୍ପଷ୍ଟ ସ୍ୱରରେ ସେନା ଅପସାରଣର କାରଣ ଦର୍ଶାଇ କହିଛନ୍ତି ଯେ ଆଫଗାନିସ୍ତାନ ରାଷ୍ଟ୍ର ନିର୍ମାଣ କରିବା ଉଦ୍ଦେଶ୍ୟରେ ସେଠାକୁ ମାର୍କିନ୍ ସେନାଙ୍କୁ ପଠାଯାଇନଥିଲା। ଆଫଗାନିସ୍ତନର ନିରାପତ୍ତା ଦାୟିତ୍ୱ ସେ ଦେଶବାସୀଙ୍କ ଉପରେ ନ୍ୟସ୍ତ। ନିଜପାଇଁ ସେମାନେ ଯେପରି ଚାହିଁବେ ସେପରି ଭବିଷ୍ୟତ ଗଢ଼ିପାରିବେ। ଅଲ୍ କାଏଦା ମୁଖ୍ୟ ଓସାମା ବିନ୍ ଲାଡେନଙ୍କୁ ଧରିବା ଓ ମାରିବା ସହିତ ମାର୍କିନ୍ ସେନା ସେମାନଙ୍କର ଅଭିଯାନ ହାସଲ କରିସାରିଛନ୍ତି ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ବାଇଡେନଙ୍କ ଏଭଳି ମନ୍ତବ୍ୟ କେବଳ ଆଫଗାନିସ୍ତାନର ନିରାପତ୍ତା ନୁହେଁ ସମଗ୍ର ଦକ୍ଷିଣ-ପଶ୍ଚିମ ଏସିଆ କ୍ଷେତ୍ରର ସୁରକ୍ଷାକକୁ ଏକ ଅନିଶ୍ଚିତତା ଭିତରକୁ ଠେଲି ଦେଇଛି। ଏବେ ତାଲିବାନ୍‌ମାନେ ଦେଶର ପ୍ରାୟ ୮୫ ଭାଗ ଅକ୍ତିଆର କରିସାରିଲେଣି ଏବଂ ଖୁବ୍‌ଶୀଘ୍ର ସେମାନେ କାନ୍ଦାହାର, କାବୁଲ, ମଜାର-ଏ-ସରିଫ୍, ହେରାତ, ତେରଘୁଣ୍ଡି, ଘୋର, ବାଦଘିସ୍, ନିମରୋଜ, ଫାରା, ହେଲମନ୍ଦ୍ ଭଳି ପ୍ରମୁଖ ସହରକୁ ଅକ୍ତିଆର କରିନେବା ପ୍ରାୟ ଜଳଜଳ ଦିଶୁଛି। କାରଣ ଆଫଗାନ ସେନା ତାଲିବାନ ଉଗ୍ରବାଦୀମାନଙ୍କୁ ପ୍ରତିହତ କରିବାକୁ ସଂପୂର୍ଣ୍ଣ ଅସମର୍ଥ। ଏହି ଆଶଙ୍କାରେ ଏବେ ଆଫଗାନୀ ସରକାରୀ ସେନାର ଯବାନମାନେ ଇରାନ ଅବା ତାଜିକିସ୍ତାନକୁ ପଳାୟନ କରିବା ଆରମ୍ଭ କରିସାରିଛନ୍ତି। କେବଳ ସେନା ନୁହଁନ୍ତି, ସେ ଦେଶର ନିରୀହ ନାଗରିକମାନଙ୍କ ମଧ୍ୟ ସେହିସବୁ ରାଷ୍ଟ୍ରଙ୍କ ସୀମାନ୍ତରେ ହଜାର ହଜାର ସଂଖ୍ୟାରେ ରୁଣ୍ଡ ହେବାରେ ଲାଗିଛନ୍ତି। ଦେଶର ଖାଦ୍ୟପଦାର୍ଥଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ତୈଳ ଓ ଜୀବନ ରକ୍ଷାକାରୀ ଔଷଧର ଅଭାବ ଦେଖାଦେଲାଣି। ଏଭଳି ସ୍ଥିତିରେ ଭାରତ ଏକ ଅନିଶ୍ଚିତ ପରିସ୍ଥିତିର ମୁକାବିଲା କରିବାକୁ ଯାଉଛି। ଗତ ଦୁଇ ଦଶନ୍ଧି ଭିତରେ ଭାରତ ଆଫଗାନିସ୍ତାନ ପୁନଃନିର୍ମାଣ ଏବଂ ସହାୟତା କାର୍ଯ୍ୟକ୍ରମରେ ଏବେସୁଦ୍ଧା ପ୍ରାୟ ୩ ବିଲିୟନ ଡଲାର ନିବେଶ କରିସାରିଛି ଏବଂ ସେସବୁ ଜାରି ରହିଛି। ଅନ୍ୟ ରାଷ୍ଟ୍ରଙ୍କ ପରି ସେଠାରୁ ହଠାତ୍ ଛାଡ଼ି ଆସିବା ଭାରତ ପାଇଁ କାଠିକର ପାଠ। କିନ୍ତୁ ସେଠାରେ କାର୍ଯ୍ୟରତ ଭାରତୀୟ ନାଗରିକଙ୍କୁ ସୁରକ୍ଷା ଦେବା ମଧ୍ୟ ଭାରତର ନିୟନ୍ତ୍ରଣ ବାହାରେ ହୋଇପଡୁଛି। ଅତୀତରେ ଭାରତୀୟ ନାଗରିକଙ୍କୁ ହତ୍ୟା, ଗୁଳିଚାଳନା, ଆକ୍ରମଣ ଓ ଅପହରଣ କରି ତାଲିବାନ୍ ତା'ର ଭାରତ ପ୍ରତି ମନୋଭାବକୁ ସ୍ପଷ୍ଟ କରିସାରିଛି। ଏବେ ଯେଉଁ ଗୁପ୍ତ ଶାନ୍ତି ଆଲୋଚନା ଜରିଆରେ ସେଠାରୁ ଆମେରିକା ତା'ର ସେନା ଅପସାରଣ କରୁଛି ତାହାକୁ ଭାରତ ଗ୍ରହଣ କରିପାରିନାହିଁ। ତେଣୁ ତାଲିବାନ ଅକ୍ତିଆରକୁ ଦେଶର ଶାସନ ବ୍ୟବସ୍ଥା ପୁଣି ଥରେ ଯିବାପରେ ଏ ସ୍ଥିତି ଉତ୍କଟ ହେବା ଏବେଠାରୁ ଜଳଜଳ ଦୃଶ୍ୟମାନ। ପୁଣି ତାଲିବାନ ଉଗ୍ରବାଦୀମାନେ ପାକିସ୍ତାନ ଡେଇଁ ଭାରତ ଭିତରକୁ ପ୍ରବେଶ କରିବା ସକାଶେ ପ୍ରୟାସ କରିପାରନ୍ତି। ଏବେ ପାକିସ୍ତାନ ଓ ତାଲିବାନ ଭିତରେ ଲାଗିଥିବା ସଂଘର୍ଷ କେବଳ ସାମୟିକ। ଅତୀତରେ ସେମାନଙ୍କ ଭିତରେ ସୁସମ୍ପର୍କ ରହିଥିଲା ଓ ତାହା ଭବିଷ୍ୟତରେ କାଏମ ରହିବା ଅସମ୍ଭବ ନୁହେଁ। ତାଲିବାନ ଗରିଲାଙ୍କୁ ପାକିସ୍ତାନ ଭାରତ ବିରୋଧରେ ବ୍ୟବହାର କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।




## ବରଷା ରାଣୀ...

### ଅମରନାଥ ବାରିକ୍

ମୌସୁମୀର ଆଗମନେ ଧରାପୃଷ୍ଠ
ହସି ହସି ନାଚି ଯାଇ
ବରଷା ରାଣୀକୁ କରେ ନିମନ୍ତ୍ରଣବ
ଦିଅ ହେ ମତେ ଭିଜେଇ ।

ବହୁ ଦିନ ଧରି ଉ ।ପ ଝାଞ୍ଜିରେ
ମହୀ ସୁଖି ଫାଟି ଥିଲା
ଧୂଳି ଧୂସରିତ ତତଲା ବାଆରେ
ବୃକ୍ଷ ବଳୀ ପଡୁଥିଲା ।

ବରଷା ରାଣୀର ଝିପିରି ଝିପିରି
ବିନ୍ଦୁରେ ମହୀ ମଣ୍ଡଳ
ବାସ ଚହଟିବ ମାଟି ମହକିବ
ପୃଷ୍ଠ ହୋଇବ ଶୀତଳ ।

ଶୁଖିଲା ବୃକ୍ଷରୁ ପତ୍ର କଅଁଳିବ
ଦିଶିବ କେଡେ ସୁନ୍ଦର
ମୟୂର ଝୁମିବ ମେଘମାଳା ଦେଖି
ବେଙ୍ଗୁଲି କରିବ ସ୍ୱର ।

ଛୋଟ ପିଲାମାନେ ହୋଇ ଆନନ୍ଦିତ
କାଗଜର ଡ଼ଙ୍ଗା କରି
ବରଷା ପାଣିରେ ଭଷାଇଣ କେତେ
ଉଠାଣି କରିବେ ପାରି ।

କାନ୍ଧରେ ଲଙ୍ଗଳ ମଥାରେ ପଗଡ଼ି
ହାତେ ପା ଣର ବାଡ଼ି
ହଳ କରିଯିବେ କ୍ଷେତକୁ ହଳିଆ
ନେଇ ବଳଦର ଯୋଡ଼ି ।

ମନ୍ଦାର, ମାଳତୀ, ଟଗର, ସେବତି
ଫୁଟିବେ ଭଳିକି ଭଳି
ଛିଟପାରା ପ୍ରଜାପତି ଉଡ଼ି ଉଡ଼ି
ଦିଶୁଥିବେ ନାଲି ନେଳି ।

ଋତୁ ପରେ ଋତୁ ଆସେ ଗଣି ଗଣି
ନେଇ ନିଜ ନିଜ ଗୁଣ
ବିଧାତା ଗଢ଼ିଛି ସବୁ ଆମ ପାଇଁ
ଯାହା ପରେ ଯିଏ ପୁଣ ।


+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫




## ଶଙ୍କରାଚାର୍ଯ୍ୟ ଓ ଗଜପତିଙ୍କ ରଥସେବା

### ଡକ୍ଟର ଶ୍ରୀହରି ପଣ୍ଡା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ଅଛି ଯେ ଗୋବର୍ଦ୍ଧନ ମଠ ସ୍ୱାମୀ ଦେଉଳର ନୀତି ବିଷୟରେ ମତ ଦେବାର ଅଧିକାର, ମୁକ୍ତି ମଣ୍ଡପର ସ୍ଥାୟୀ ସଭାପତି ଅଟନ୍ତି । ବାଇଶ ପାବଛରେ ଗୋବର୍ଦ୍ଧନ ପୀଠର ସରଘର ରହିଛି । ସେଠାରେ ଶ୍ରୀଗୁଣ୍ଡିଚା ଦିନ ଏବଂ ନୀଳାଦ୍ରି ବିଜେ ଦିନ ଶ୍ରୀଜୀଉମାନଙ୍କର ପହଣ୍ଡି ସମୟରେ ଗୋବର୍ଦ୍ଧନ ପୀଠ ତରଫରୁ ପନ୍ତି ଭୋଗ ବଢ଼ାଯାଏ । ଶ୍ରୀଗୁଣ୍ଡିଚା ଦିନ ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ଗୋବର୍ଦ୍ଧନ ପୀଠାଧିଶ୍ୱର ଜଗତଗୁରୁ ଶଙ୍କରାଚାର୍ଯ୍ୟ ପ୍ରଥମେ ଶ୍ରୀଜୀଉମାନଙ୍କୁ ତିନିରଥରେ ଦର୍ଶନ, ପୂଜନ ଓ ରଥ ପରିକ୍ରମା କରିବାର ସ୍ୱତନ୍ତ୍ର ଅଧିକାର ପ୍ରାପ୍ତ ହୋଇଛନ୍ତି । ଏହି ସେବା ନିର୍ବିଘ୍ନରେ ସଂପାଦନ ନିମନ୍ତେ ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସମସ୍ତ ଆନୁସଙ୍ଗିକ ସୁବିଧା ସୁଯୋଗ ଶଙ୍କରାଚାର୍ଯ୍ୟଙ୍କୁ ଯୋଗାଇ ଦେଇ ଥାଆନ୍ତି । ୨୦୧୪ ମସିହା ରଥଯାତ୍ରା ପର୍ଯ୍ୟନ୍ତ ଏଥିରେ କୌଣସି ଅସୁବିଧା ଆସିନଥିଲା, ମାତ୍ର ଏହି ବର୍ଷ ରଥଯାତ୍ରାରେ ଜଗତ୍‌ଗୁରୁଙ୍କୁ ମନ୍ଦିର ପ୍ରଶାସନ ତରଫରୁ ଦିଆଯାଇଥିବା ଚିଠିରୁ ବିଭ୍ରାଟ ସୃଷ୍ଟି ହୋଇଥିଲା । ଏକ ମହାନପରମ୍ପରାର ବ୍ୟାଘାତ ସୃଷ୍ଟି ହୋଇ ଜଗନ୍ନାଥ ପ୍ରେମୀ ଓ ଭକ୍ତଙ୍କ ମନରେ ଆଘାତ ଦେଇଥିଲା । ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରର ସର୍ବୋଚ୍ଚ ନିୟାମକ ହୋଇଥିବାରୁ ତାଙ୍କୁ କୌଣସି ପ୍ରକାର ନିର୍ଦ୍ଦେଶ ମନ୍ଦିର ପ୍ରଶାସନ ଦେଇ ପାରିବ ନାହିଁ, ବରଂ ଶଙ୍କରାଚାର୍ଯ୍ୟ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବାର କ୍ଷମତା ରଖନ୍ତି । ଯାହା ହେଉ ସେ ସମସ୍ୟାର ପରବର୍ତ୍ତୀ ସମୟରେ ସମାଧାନ ହୋଇ ଶଙ୍କରାଚାର୍ଯ୍ୟ ନିଜର ସେବା ପ୍ରଦାନ କରୁଛନ୍ତି ।

ଘୋଷ ଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ଗଜପତିଙ୍କର ଛେରାପହଁରା ସେବା । ପୁରୀ ଗଜପତି ମହାରାଜାଙ୍କର ତିନିରଥ ଉପରେ ଛେରା ପହଁରା ନୀତି ଦେଖିବାକୁ ଲକ୍ଷାଧିକ ଲୋକ ଅପେକ୍ଷା କରି ରହିଥାଆନ୍ତି । ଏହି ଛେରା ପହଁରା ନୀତି ବିଭିନ୍ନ ପ୍ରଚୀନଗ୍ରନ୍ଥ, କାବ୍ୟ ଇତ୍ୟାଦିରେ ଯେଉଁଭଳି ବର୍ଣ୍ଣିତ ହେଇଛି, ତାହା ଦୀର୍ଘ ଦିନଧରି ହେଉ ନଥିବାର ଦେଖାଯାଉଛି । ଏହି ଛେରାପହଁରା ନୀତି ପ୍ରାୟ କପିଳେନ୍ଦ୍ର ଦେବଙ୍କ କାଳରୁ ଆରମ୍ଭ ହୋଇଥିବା କଥା କିଛି ଗବେଷକ କହୁଥିବା ବେଳେ ଅନ୍ୟ କେତେକ ଏହାର ବହୁ ପୂର୍ବରୁ ଏହା ପ୍ରଚଳିତ ଥିବାର କଥା କହିଥାଆନ୍ତି । ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ତତ୍‌କାଳୀନ ଦେଉଳକରଣ ଗୋବିନ୍ଦ ଦାସ ବାବାଜି ନାମରେ ପରିଚିତ ହେବା ସଙ୍ଗେ ସଙ୍ଗେ ୧୪୫୬ ଶକାବ୍ଦରେ 'ଶ୍ରୀଚୈତନ୍ୟ ଚଡ଼କା ପୋଥି' ରଚନା କରି ପ୍ରତାପରୁଦ୍ର ଦେବଙ୍କୁ ପ୍ରଦାନ କରିଥିଲେ । ଉକ୍ତ ଗ୍ରନ୍ଥରେ ବର୍ଣ୍ଣିତ ହୋଇଥିବା ଛତାତଳୁ ଅର୍ଥ ସିଂହଦ୍ୱାର ନିକଟରେ ଅବସ୍ଥିତ ବଡଛତା ମଠ ଠାରୁ ରଥ ପର୍ଯ୍ୟନ୍ତ । ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ତିରୋଧାନର ୮୦ବର୍ଷ ପରେ କୃଷ୍ଣଦାସ କବିରାଜଙ୍କ ପ୍ରଣୀତ ଶ୍ରୀଚୈତନ୍ୟ ଚରିତାମୃତ ଗ୍ରନ୍ଥରେ ଛେରାପହଁରା ସମ୍ପର୍କରେ ଉଲ୍ଲେଖ ଅଛି । ଏଥିରେ ଉଲ୍ଲେଖ ଅଛି- ତବେ ପ୍ରତାପରୁଦ୍ର କରେ ଆପନ ସେବନ, ସୁବର୍ଣ୍ଣ ମାର୍ଜନୀ ଲେୟା କରେ ପଥ ସମାର୍ଜନ, ଚନ୍ଦନ ଜଲେତେ କରେନ ପଥ ନିଷିଞ୍ଚବେ, ତୁଚ୍ଛ ସେବା କରେ ବୈସେ ରାଜା ସିଂହାସନେ, ଉତ୍ତମ ହେୟା ରାଜା କରେ ତୁଚ୍ଛ ସେବନ ॥ ଏଥିରେ ଥିବା ପଥର ଅର୍ଥ ରାସ୍ତାକୁ ବୁଝାଉଛି । (କ୍ରମଶଃ)


+ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ
ମୋ୯୮୫୩୯୪୮୪୫୮




## ବିଶ୍ୱରେ ଓଡ଼ିଆ ଜାତିର ପରିଚୟ ପ୍ରଭୁ ଜଗନ୍ନାଥ

### ମୀରା ବେଉରା

ସଂସ୍କୃତି ଗୋଟିଏ ଜାତିର ପରିଚୟ ଦେଇଥାଏ। ମାନବ ସଭ୍ୟତାର ପ୍ରାଣକେନ୍ଦ୍ର ହେଉଛି ସଂସ୍କୃତି। ଓଡ଼ିଶାରେ ପ୍ରଭୁ ଜଗନ୍ନାଥଙ୍କୁ ବାଦ ଦେଲେ କୌଣସି ସଂସ୍କୃତି, ସାହିତ୍ୟ, ଐତିହ୍ୟ, ଧର୍ମବିଶ୍ୱାସ, ପ୍ରଜ୍ଞା, ଭିକ୍ଷା, ଜ୍ଞାନ, ଦୀକ୍ଷା, କୃଷି, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ପରମ୍ପରା ଆଦି ଓଡ଼ିଆ ଜାତିର କୌଣସି ପରିଚୟର କଳ୍ପନା କରାଯାଇପାରେନା। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଭାଷା, ଧନୀ, ନିର୍ଦ୍ଧନ ଏସବୁ ଚିନ୍ତନର ବହୁ ଊର୍ଦ୍ଧ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥ। ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ ମୂଲ୍ୟବୋଧ, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ବିକାଶଧାରା ହିଁ ଅଟେ ଓଡ଼ିଶାର ସଂସ୍କୃତି। ପ୍ରଭୁ ଜଗନ୍ନାଥ ସମଗ୍ର ମାନବଜାତିର ପ୍ରାଣର ଅଧିଶ୍ୱର ଠାକୁର। ସେ ମୁକ୍ତି, ସାମ୍ୟ, ମୈତ୍ରୀ ପ୍ରୀତିର ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ। ଏହି ରଥଯାତ୍ରା ଐତିହ୍ୟରେ ଶୀର୍ଷସ୍ଥାନ ଅଧିକାର କରି ବିଶ୍ୱ ସଂସ୍କୃତିକୁ ସେ ଦିନ ସ୍ପନ୍ଦିତ କରୁଥିଲା ଆଜିବି କରୁଛି। ଆଗାମୀ ଦିନରେ ମଧ କରିବ। ଏହି ଯାତ୍ରା ବିଶ୍ୱାତ୍ମା ଚେତନା ସୃଷ୍ଟି କରେ ବସୁଧୈବ କୁଟୁମ୍ବକମ୍‌ନ୍ତର ଚେତନାରେ ସମଗ୍ର ମାନବ ସମାଜକୁ ଦ୍ରବୀଭୂତ କରେ ଘୋଷଯାତ୍ରା। ତାଙ୍କର ଲୀଳା ଅବର୍ଣ୍ଣନୀୟ। କୌଣସି ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ଭିତରେ ସେ ସୀମିତ ନୁହେଁ। ଆଦିବାସୀ, ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ୍, ଈଶାଇ, ବୈଷ୍ଣବ, ଶାକ୍ତ, ଯୋଗୀ ସଭିଁଙ୍କର ଆରାଧ ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠିଯାଇ ସେ ସାମ୍ୟ, ମୈତ୍ରୀ, ଶାନ୍ତି, ପ୍ରୀତି, ସଂଘତି, ସଂପ୍ରତିର ପ୍ରତୀକ ସାଜି ସମଗ୍ର ବିଶ୍ୱରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଭାତୃତ୍ୱର ଭାବ ବଜାୟ ରଖିଛନ୍ତି। ଏ ଜଗନ୍ନାଥ ସଂସ୍କୃତି ସାର୍ବଜନୀନ ସଂସ୍କୃତି, ବିଶ୍ୱହିତୈଶୀ ସଂସ୍କୃତି। ସର୍ବପ୍ରାଚୀନ ସଂସ୍କୃତି ଯାହା ବିଭିନ୍ନତା ମଧ୍ୟରେ ମଧ ଏକତା ଆଣି ସମଗ୍ର ମାନବ ସମାଜର ମଙ୍ଗଳସାଧାନା କରି ସଂହତି ସ୍ଥାପନ କରିଥାଏ। ଏହି ଘୋଷଯାତ୍ରା ମାନବ ସମାଜକୁ ଶିକ୍ଷା ଦିଏ ବୁଦ୍ଧି ହେଉଛି ସାରଥି ମନ ହେଉଛି ଘୋଡ଼ା, ତେଣୁ ମଣିଷ ଯଦି ବୁଦ୍ଧିର ଶକ୍ତିରେ ପଞ୍ଚମନ ପଚିଶ ପ୍ରକୃତିକୁ ସ୍ୱନିୟନ୍ତ୍ରିତ କରେ, ମାନବର ଭାବ ଦୃଢ଼ ହୋଇ ଆତ୍ମବଳଶାଳୀ ହୋଇ ମାନବ ବିବେକର ଶକ୍ତିରେ ପରିଚାଳିତ ହୋଇ ସମାଜର ତଥା ରାଷ୍ଟ୍ରର ଏବଂ ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରିବାକୁ ସମର୍ଥ ହେବ।

ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ। ପ୍ରଭୁ ଜଗନ୍ନାଥ ଚାହାଁନ୍ତି ଆଜିର ମଣିଷ ତା'ର ଆତ୍ମଘାତୀ ଚିନ୍ତାଧାରାକୁ ଦୂରେଇଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ଶକ୍ତି, ଐଶ୍ୱରୀକତାକୁ ପ୍ରୟୋଗ କରି ନିଜ ଭିତରେ ସତ୍‌ଚିନ୍ତା, ସତ୍‌ଚେତନା, ସତ୍‌କର୍ମ, ସତ୍‌ଭାବନା ଉଦ୍ରେକ କରି ଆତ୍ମାର ସନ୍ଧାନ କରୁ। ଏହି ଆତ୍ମସନ୍ଧାନ ହିଁ ତା' ଆଧାତ୍ମିକ ଚତେନାର ମୂଳଭିତ୍ତି। ସେ ଆକାର, ନିରାକାର, ସୁଖ, ଦୁଃଖ, ସେ ମାୟାବି, ସେ ପୁଣି ଭାବକୁ ନିକଟ ଅଭାବକୁ ଦୂର। ସେ ଅନ୍ତର୍ଯ୍ୟାମୀ, ସେ ସର୍ବବ୍ୟାପୀ, ସେ ଅବତାରୀ ପୁରୁଷ। ସେ ପୁଣି ଶବର ଦେବତା, ତାଙ୍କ ଭାବ ଗୀତା, ଭାଗବତ, ମହାଭାରତ, ସବୁର ବହୁ ଊର୍ଦ୍ଧ୍ୱରେ। ଥରେ ଯିଏ ସେ ଭାବକୁ ବୁଝିଛି ତାଙ୍କ ଚେତନାରେ ହଜିଛି, ପ୍ରେମରେ ପଡ଼ିଛି ତା'ର ଆଉ କିଛି ଐଶ୍ୱର୍ଯ୍ୟ ସୁଖ ସମ୍ପତ୍ତି ଲୋଡ଼ା ହୁଏ ନାହିଁ। ସମଗ୍ର ପୃଥିବୀରେ ଏମିତି ଠାକୁର ବିରଳ ଯାହାର ହାତ ନାହିଁ କିନ୍ତୁ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ହାତ ବଢ଼ାଇ ନିଅନ୍ତି, ଗୋଡ଼ ନାହିଁ କିନ୍ତୁ ଚାଲି ଚାଲି ଆସି ଭକ୍ତଦ୍ୱାରା ନିର୍ମିତ ହୋଇଥିବା ବାଲି ରଥରେ ବସନ୍ତି। ସେ ଭକ୍ତ ବଳରାମ ଦାସଙ୍କ ବାଲି ରଥରେ ବସନ୍ତି। ପୁଣି ପାଟି ନଥାଇ କଥା କହନ୍ତି। କାନ ନଥାଇ ଭକ୍ତର ଗୁହାରୀ ଶୁଣନ୍ତି। ଗଜ, ମୃଗଣୀ ଏବଂ ଦ୍ରୌପଦୀର ବସ୍ତ୍ରହରଣବେଳେ କୋଟି କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରନ୍ତି। ପୁଣି ନାକ ନଥାଇ ମଲ୍ଲୀ, ହେନା, ଚମ୍ପାର ସୁଗନ୍ଧ ବାରିପାରନ୍ତି। ଏଭଳି ଠାକୁର ଭକ୍ତ ପାଇଁ ସହଜ, ସରଳ ହୋଇଥିବାବେଳେ ବିଦ୍ୱାନ ଗୁଣୀ ପାଖରେ ଅନେକ ଜଟିଳ। ତାଙ୍କ ଚିନ୍ତାଚେତନାକୁ ଓ ତତ୍ତ୍ୱକୁ ଭକ୍ତ ଅତି ସହଜରେ ବୁଝିପାରିଥାଏ। ପ୍ରିୟ ଭକ୍ତର ଆସିବା ବିଳମ୍ବ ହେଲେ ପ୍ରଭୁ ଛଳନା କରି ରଥକୁ ଅଟକାଇ ଦିଅନ୍ତି। ସତରେ ତାଙ୍କର ମହିମା ଅବର୍ଣ୍ଣନୀୟ। ସେଇଥିପାଇଁ ତ ସମ୍ରାଟ ଉପେନ୍ଦ୍ର ଭ ତାଙ୍କୁ ସୃଷ୍ଟିର ଅଲୌକିକ ଦେବତା ବୋଲି ଅବିହିତ କରିଛନ୍ତି।

ପାଦ ନାହିଁ ସେ ଯେ ଗଗନ କରଇ
କର୍ଣ୍ଣ ନାହିଁ ସବୁ ଶୁଣେ
ଜିହ୍ୱା ନାହିଁ ସ୍ୱାଦ ମଣେ।

ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ, କାବ୍ୟ, କବିତା, ମଧ ଅପୂରଣୀୟ ଏବଂ ଶ୍ରୀହୀନ। ଭକ୍ତ ସାଲବେଗଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ବନମାଳୀ ଦାସ, ବୈଷ୍ଣବ ପାଣି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, କବି କାଳିଚରଣ ପଟ୍ଟନାୟକଙ୍କ କବିତା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ। ପୁଣି ଉତ୍କଳମଣି ଗୋପବନ୍ଧୁଙ୍କୁ ଲେଖିଲେ-

ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା
ନିଜେ ନାରାୟଣ।

ଜୈନ୍ୟ ସାହିତ୍ୟରେ ମହାବୀରଙ୍କୁ ଜଗନ୍ନାଥ। ବୌଦ୍ଧ ସାହିତ୍ୟରେ ବୁଦ୍ଧଦେବଙ୍କୁ ଜଗନ୍ନାଥ ରୂପରେ, ବିଷ୍ଣୁ ପୁରାଣରେ କୃଷ୍ଣଙ୍କୁ, ମତ୍ସ୍ୟପୁରାଣରେ କାର୍ତ୍ତିକେୟଙ୍କୁ ସାରଳା ମହାଭାରତରେ କୃଷ୍ଣଙ୍କୁ ଜଗନ୍ନାଥ ରୂପରେ ବର୍ଣ୍ଣନା କରାଯାଇଛି। ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କରି ସନ୍ତାନ। ପ୍ରଭୁ ପୁଣି ମାନବୀୟ ଲୀଳା କରନ୍ତି। ଶୀତଦିନେ ଗରମ ପୋଷାକ, ଗ୍ରୀଷ୍ମଦିନେ ଜଳକେଳି କରନ୍ତି ଏବଂ ଷାଠିଏ ପଉଟି ଖାଦ୍ୟ ରାଜକୀୟ ରୀତିରେ ସେବନ କରନ୍ତି। ଭକ୍ତି ଓ ଭାବର ରଜ୍ଜୁରେ ସେ ବନ୍ଧା। ବଡ଼ ମାନୁଆ ଠାକୁର। ଜୟଦେବଙ୍କ ଗୀତଗୋବିନ୍ଦ ଶୁଣିବାକୁ ପୁଣି ବାଇଗଣ କିଆରୀରେ ପଶି ଆପଣା ପାଟବସ୍ତ୍ରକୁ ଚିରି ଗୀତ ଶୁଣନ୍ତି। ଭକ୍ତ ଅଭିମାନ କଲେ ଅବା ଗାଳି କଲେ ସେ ଚନ୍ଦନ ପ୍ରାୟେ ଗାଳିକୁ ବୋଲି ପକାନ୍ତି। ତାଙ୍କ ପାଇଁ ମହଣ ମହଣ ଘିଅ, ଧୂପଦୀପ, ଚନ୍ଦନ, ଅଗୁର, ତୁଳସୀ, ଫୁଲ ଲୋଡ଼ା ହୁଏନି। ଲୋଡ଼ା ଖାଲି ଟିକିଏ ଛଳନାହୀନ ପ୍ରେମ। ସେ ପ୍ରେମ ଭୌତିକ ନୁହେଁ ସେ ପ୍ରେମ ଚିର ଅମଳିନ, ଚିର ଶାଶ୍ୱତ, ଚିର ଜାଗ୍ରତ। ଏମିତି ଠାକୁର ସାରାବ୍ରହ୍ମାଣ୍ଡରେ ନଥିବେ ଯିଏ ରତ୍ନ ସିଂହାସନ ଛାଡ଼ି ପାଗଳ ପରି ଧାଇଁ ଆସେ ଭକ୍ତଙ୍କୁ କୋଳେଇ ନେବା ପାଇଁ। ଭକ୍ତ ସହ ଏକାକାର ହୋଇଯିବା ପାଇଁ ଭକ୍ତ ବି ଅଧିର। ଭକ୍ତ ଅଭିମାନ କରେ ପ୍ରଭୁ ପାଖରେ, ପ୍ରଭୁ କିଛି ଦେଲନାହିଁ। ପ୍ରଭୁ କିନ୍ତୁ ଯାହା ତା' ପାଇଁ ଚିର ମଙ୍ଗଳ ତାହା ହିଁ କରନ୍ତି। ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର। ବେଳେବେଳେ ଭକ୍ତକୁ ପରୀକ୍ଷା କରନ୍ତି। ସୃଷ୍ଟିରେ ବିଚିତ୍ର ଲୀଳା କରନ୍ତି। ତାଙ୍କ ଲୀଳାକୁ ସାଧାରଣ ଭକ୍ତ ବୁଝିପାରେନି। ତାଙ୍କ ଇଚ୍ଛା ସବୁବେଳେ ମଙ୍ଗଳମୟ। ତାଙ୍କ ଲୀଳା ଜାଣିବାକୁ ହେଲେ ଧୈର୍ଯ୍ୟ ଦରକାର। ଥରେ ହାତ ଟେକି ତାଙ୍କୁ ସମର୍ପିତ ହେଲେ ସବୁ ସେ କୃପା ବର୍ଷା କରିଦିଅନ୍ତି। ଜାତିରେ ମୁସଲମାନ ଭକ୍ତ ସାଲବେଗଙ୍କୁ ପ୍ରଭୁ ଆପଣେଇ ତାର କୁଷ୍ଠବ୍ୟାଧି ଭଲ



କରିଦେଇଥିଲେ। ପୁଣି ଭୋକ ଉପାସରେ ସଢୁଥିବା ବନ୍ଧୁ ମହାନ୍ତିକୁ ଭୋଗଥାଳି ଟେକି ଦେଇଥିଲେ। ବିଦୁରର ସାଗ ଭଜା ପ୍ରଭୁଙ୍କୁ ଅପାର ଆନନ୍ଦ ଦେଇଥିଲା ସେ ଦିନ। କରମାବାଇର ଦାନ୍ତାକାଠିରେ ଗୋଳାଉଥିବା ଖେଚୁଡ଼ିକୁ ପ୍ରଭୁ ମହାଆନନ୍ଦରେ ଥାଆନ୍ତି। ସୁଦାମାର ଖୁଦ ଭଜା ପ୍ରଭୁଙ୍କୁ ଅମୃତ ପରିଲାଗେ। ଶବରୀର ଅଇଁଠା କୋଳି ଖାଇ ତାକୁ ସ୍ୱର୍ଗାବାସୀ କରାଇଥିଲେ।

ଆଜିର ମଣିଷ ଆଧୁନିକୀକରଣ, ପାଶ୍ଚାତ୍ୟକରଣ, ସହରୀକରଣ ଆଳରେ ଯେତେବେଳେ ଗର୍ବ ଅହଙ୍କାରରେ ଫାଟି ପଡୁଛି ତା' ମନରେ ଶାନ୍ତି ନାହିଁ। ମନରେ ଶ୍ରଦ୍ଧା, ପ୍ରେମ, ତ୍ୟାଗ ସେ ସବୁ ଭୁଲିଯାଇ ଚନ୍ଦ୍ରପୃଷ୍ଠରେ ଘର କରିବାକୁ ସ୍ଥିର କରୁଛି। ଅତି ସୂକ୍ଷ୍ମ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଜୀବନଜୀବିକାକୁ ନେଇ ସଂଘର୍ଷ କରି ନିଇତି ମୃତ୍ୟୁ ସହ ଲଢୁଛି। ସମଗ୍ର ବିଶ୍ୱ କରୋନାବ୍ୟାଧିରେ ଆତଙ୍କିତ ହୋଇପଡ଼ିଛି, ଠିକ୍ ସେତିକିବେଳେ ସେହି ସର୍ବଶକ୍ତିମାନ ସାର୍ବଜନୀନ, ସର୍ବଧର୍ମ ସମନ୍ୱୟର ଠାକୁରଙ୍କ ପାଖେ ନିଜକୁ ଆତ୍ମସମର୍ପଣ କରିଦେଇଛି। ସେଠି ପ୍ରଭୁ ହିଁ ଏହି ବିପତ୍ତିଜନକ ମହାମାରୀରୁ ଭକ୍ତକୁ ଉଦ୍ଧାର କରିବେ, ଏଥିରେ ସନ୍ଦେହ ନାହିଁ। ନିଜକୁ ପ୍ରଭୁଙ୍କ ପାଖେ ସମର୍ପି ଦେଲେ ଆମେ ସଂକୀର୍ଣ୍ଣତାରୁ ମହାନତା, ବିଶାଳତା, ଗୌରବ, ବିଶ୍ୱାତ୍ମଭାବ, ବିଭବ, ଆଦର୍ଶ ପରିବାର, ଆଦର୍ଶବ୍ୟକ୍ତିତ୍ୱ, ସମୃଦ୍ଧ ସମାଜ ଏବଂ ଗୌରବୋଜ୍ଜ୍ୱଳ ରାଷ୍ଟ୍ର, କଲ୍ୟାଣମୟ ବିଶ୍ୱ ଗଠନ କରିବାକୁ ସମର୍ଥ ହେବୁ। ଯଦି ଅନ୍ତରାତ୍ମାରେ ପ୍ରଭୁଙ୍କ ଦର୍ଶନ କରି ସମସ୍ତ ନକାରାତ୍ମକ ମନୋଭାବକୁ ଦୂରେଇ ଦେଇ ସାତ୍ତ୍ୱିକ ଏବଂ ଆଧାତ୍ମିକଭାବେ ଜାଗ୍ରତ କରି ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ତାହା ହିଁ ହେବ ଘୋଷଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ। ପ୍ରଭୁଙ୍କୁ ଭକ୍ତର ଛୁଇଁବାର ଆବଶ୍ୟକତା ନାହିଁ। ସେହି ଅନ୍ତର୍ଯ୍ୟାମୀ ଠାକୁର ଭକ୍ତର ଆବଶ୍ୟକତାକୁ ଉତ୍ତମ ରୂପେ ବୁଝିପାରନ୍ତି। ସେହିଁ ଓଡ଼ିଶାର ଗର୍ବ, ଅଭିମାନ, ଗୌରବ ଏବଂ ଓଡ଼ିଆ ଜାତିର ଅସ୍ମିତା। ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରତି ଆମର ଶ୍ରଦ୍ଧା, ଭଲପାଇବା ଏବଂ ପ୍ରକୃତ ଭକ୍ତି।


+ ରଘୁନାଥଜୀଉ
ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪


## ଏକ୍ସ ମିନିଷ୍ଟର

### ସୁବ୍ରତ କର



ପ୍ରଧାନମନ୍ତ୍ରୀଙ୍କଠୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ଯେ ଯେଉଁ ପଦ ପଦବୀରେ ରହନ୍ତୁ ସେ ବ୍ୟକ୍ତି ଜଣକ ସେ ପଦବିରେ ନ ରହିଲେ ବା ହଟିଗଲେ ବା ହଟାଇ ଦିଆଗଲେ ସେ ଲୋକଙ୍କ ଆଗରେ ଏକ୍ସ ଲାଗିଯାଏ । ଏକ୍ସ ମିନିଷ୍ଟର, ଏକ୍ସ କଲେକ୍ଟର, ଏକ୍ସ ଡାଇରେକ୍ଟର ଇତ୍ୟାଦି । ଏହି ଏକ୍ସ ଶବ୍ଦଟି ଅତିବ ଦୁଃଖଦାୟକ କାରଣ ଆଜି ରାମ ବାବୁ ମନ୍ତ୍ରୀ ଅଛନ୍ତି କାଲି ଦେଖିଲା ବେଳକୁ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ପଦଟିକୁ ଛଡ଼ାଇ ନେଉଛନ୍ତି ଏବଂ ରାମବାବୁ ଲୋକଙ୍କ ବା ସମାଜରେ ଏକ୍ସ ମନ୍ତ୍ରୀ ହିସାବରେ କୁହାହେବେ । ମନ୍ତ୍ରୀ ମାନଙ୍କ ବା ସରକାରୀ ବାବୁ ମାନଙ୍କ ପାଖରେ ଯେଉଁ କ୍ଷମତା ଥାଏ ସେ କ୍ଷମତାକୁ ବାହାର କରି ନିଆ ଯାଇଥାଏ। ଏପରି ଅବସ୍ଥାରେ ଅତି କ୍ଷମତାରୁ କ୍ଷମତାଚ୍ୟୁତ ହୋଇ ଯାଆନ୍ତି । ସେହି ଅବସ୍ଥା ଭିଷଣ କଷ୍ଟଦାୟକ । ପୋଲିସର ଘେରା ଭିତରେ ରହି ଏବଂ ବିଭାଗର ଦାୟିତ୍ୱରେ ରହି ଅଭ୍ୟାସ ହେଲା ପରେ ଏବଂ ଯେତେବେଳେ ଜନସାଧାରଣର ଭିଡ଼ କର୍ମଯିବି ଏବଂ କେହି ପଚାରୁନଥିବେ ସେହି ଅବସ୍ଥା ଆହୁରି ଖରାପ । ଏହା ଖାଲି ଏ ମନ୍ତ୍ରୀଙ୍କ ପାଇଁ ଲାଗୁ ନୁହଁ । ଏପରିକି ଯେଉଁମାନେ ଜିଲ୍ଲାରେ କଲେକ୍ଟର ହୋଇ ରହନ୍ତି ଏବଂ ସେ ଜିଲ୍ଲାରୁ ବିଦାୟ ନେଲା ପରେ ପୁଣି ଯେତେବେଳେ ସେହି ଜିଲ୍ଲାକୁ କେହିଁ କାମରେ ଆସନ୍ତି ତାଙ୍କ ପାଇଁ ମଧ ଏହା ଲାଗୁ । କଲେକ୍ଟର ଥିଲାବେଳେ ଯେଉଁ କ୍ଷମତା ମିଳିଥାଏ ସେ କ୍ଷମତା କାହା ପାଖରେ ନଥାଏ । କ୍ଷମତା ଚାଲିଗଲା ପରେ ସେମାନେ ନିଜକୁ ପଙ୍ଗୁ ମନେ କରନ୍ତି । କ୍ଷମତାରେ ଥିଲେ ସମ୍ମାନ, ବ୍ୟସ୍ତତା ଜନସାଧାରଣଙ୍କ ଖୋସାମୋଦି ଏ ସବୁ ଗୁଡ଼ିକ ମିଶାଇଲେ କ୍ଷମତାରେ ଥିବା ଲୋକଙ୍କୁ ଖୁବ ଭଲ ଲାଗେ । ଏବେ ପ୍ରଶ୍ନ ଉଠୁଛି ଜନପ୍ରତିନିଧିମାନଙ୍କୁ ଥରେ ମନ୍ତ୍ରୀ ହେଲେ ସେମାନଙ୍କୁ କାହିଁକି ହଟାଇ ଦିଆଯାଏ ତାଙ୍କର କାର୍ଯ୍ୟକାଳ ସରିବା ପୂର୍ବରୁ ? ମୋ ମତରେ ବା ଚିନ୍ତାଧାରା କହୁଛି ହୁଏତ ଆମେ ଠିକ ପ୍ରତିନିଧିକ ବାରିବାରେ ଭୁଲ ତୃଟି କରିଛୁ, ବା ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ମଧ ଭୁଲ କରିଛନ୍ତି ସେହି ବ୍ୟକ୍ତିଟିକୁ ମନ୍ତ୍ରୀତ୍ୱ ଦେବାରେ ବା ସେ ବ୍ୟକ୍ତି ଠିକ ଭାବରେ ତାଙ୍କର କାର୍ଯ୍ୟକୁ ବା ସରକାରଙ୍କ ଆଦର୍ଶ ବା ଆଭିଶୂନ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇ ପାରି ନାହାନ୍ତି ବା ସେହି ଅଞ୍ଚଳର ଲୋକଙ୍କ ଆସ୍ଥା ହରାଇଛନ୍ତି । ଏଥିରୁ ଯେ କୌଣସି କାରଣ ଥାଇପାରେ ଏବଂ ଏହିସବୁ କାରଣରୁ ବହୁତ ମନ୍ତ୍ରୀଙ୍କୁ ମନ୍ତ୍ରୀପଦ ହରାଇବାକୁ ପଡ଼ିଛି ଏବଂ ପଡୁଛି । ଆମର ଜନ ପ୍ରତିନିଧିମାନେ ଯଦି ସଜାଗ ହୋଇ ସତର୍କତାର ସହିତ ଜନହିତ କାର୍ଯ୍ୟକୁ ହାତକୁ ନେଇ ଆଗେଇବେ ତେବେ ସେ ବ୍ୟକ୍ତି ୫ ବର୍ଷ କାହିଁକି ନ ରହିବେ ? ତେବେ ଏହା ଏକ ସତର୍କ ଘଣ୍ଟି ସମସ୍ତେ ସାବଧାନ ହୁଅନ୍ତୁ ।




## ମଙ୍ଗଳ ରାତି, ବୁଧ ପାହାନ୍ତି...

### ସୁରେନ୍ଦ୍ର ବାରି

ମଙ୍ଗଳ ରାତି ବୁଧ ପାହାନ୍ତି
ଯେଣେ ଯିବ ତେଣେ ଶୁଭ ହୁଅନ୍ତି
ଶନି ଅଟଇ ସପ୍ତାହସାତ
ମଙ୍ଗଳ ଅଟେ ତିନି
ଶନି, ମଙ୍ଗଳ ମିଶିଲେ ଦଶ..
ନିଶି ଗଲେ ଶୋଇ ଆସଇ ରବି
ରବି ଗଲେ ଚାଲି ହସଇ ଶଶୀ
କଳି ଯୁଗରେ ଆମେ ମଣିଷ
ବୁଦ୍ଧିରେ ଅଟୁ ଆମେ ଗଣେଶ
ପାଞ୍ଚ ମନକୁ ଭାଇ ଏକ କରି
ଷୋହଳ ମାସ ହେଲୁ ଦାଣ୍ଡ ଭିକାରୀ
ମୁହଁରେ ବାଳିଲୁ ଆମେ ମାଓସ
ବାବନ ଶହରୁ ଗଲା ଯେତିକି
ଆଉ ରହିଲା ଭାଇନା କେତେଶ
ଧରମ କାନ୍ଦୁଛିରେ ଧରମ କାନ୍ଦୁଛି
ମିଛ ରାଇଜର ସତ ବନ୍ଧା ପଡ଼ିଛି
ସତ୍ୟ, ଶାନ୍ତି, ଦୟା ଗଲାଟି ସରି
କ୍ଷମା ରାଇଜର ପାପଟି ଭରି
ଧନ ପଛରେ ସବୁ ଭାଇନା ଚାଲ
ଧରମ ଅଛଇ ଏକା ହିଁ ଭାଇ
ଏକରୁ ଅନେକ ଦେଖରେ ମେଣ୍ଢା
ମେଣ୍ଢା ମୁଣ୍ଡକୁ ଭାରି ସାବଧାନ
ଅରଣା ମଇଁଷି ରହିଛି ଦେଖ
ତା ପାଖେ ନଯାଅ ଦନେଇ ଭାଇ
ଦନେଇ ଦାସ କହରେ ଭାଇ
କଥା ଏ ବଡ଼ ସଚ୍ଚା
ତୋ ଗୁରୁ ତୋର ପଚାରି ବୁଝ
ହେବକି ସେ ମୋହର ଚାମଚା
ବାର ମାସର ଛଅଟି ଋତୁ
ବାରମାସରେ ତେର ପରବ
ମହଙ୍ଗା ହେଲା ରାଜ୍ୟର ସବୁ ଦରବ
ବାରମାସ ସାଥେ, ଛଅ ମିଶାଅ
ବାର, ଛଅ, ମିଶି ହୁଏ ଅଠର
ୟାସ୍ ବତାଶ ସବୁ ନାରଖାର
ଦିଅନ୍ତୁ କରୁଣା ଆହେ ଜଗନ୍ନାଥ
କରୋନା ରାକ୍ଷସୀ ହେଉ ନିପାତ
ତୁମରି ଦୟାରେ ଚାଲେ ସଂସାର
ମାଆ ସାଆନ୍ତାଣୀ ଲକ୍ଷ୍ମୀ ଭଣ୍ଡାର
ଦିଅନ୍ତୁ ଆଶିଷ ଜଗତମାତା
ଲକ୍ଷ୍ମୀ ଠାକୁରାଣୀ ଜଗତ ମାତା।


+ଦପ୍ତରୀ ସାହି, ମାଣିଖମ୍ବ,
ବାଲେଶ୍ୱର


## ଅପେକ୍ଷାର ଅନ୍ତ ପରେ...

### ତପନ କୁମାର ସାହୁ

ଆଉ କିଛି ସମୟ ରହିଯାଅନା
ଏତେ ତରତର କାହିଁକି
ତୁମେ ଯେବେ ଆସ ସ୍ୱପ୍ନ ସବୁ
ସତ ପରି ମନେହୁଏ
ତୁମେହିଁ ବୋଧେ ମୋ ମନ ତଳ ଜହ୍ନ
ଯିଏ ଅହରହ ଭିଜିଯାଏ
ତା' ଶୀତଳ ଜୋଛନାରେ ।

ତୁମେ ଆସିଲେ ସବୁ ଲାଗେ ରଙ୍ଗୋଲି
ତୁମେ ଆସିଲେ ଆସେ ଖୁସିର ଲହରୀ
ସତେକି ସପନ ନଇରେ ଯାଏ ମୁଁ ପହଁରି
ତୁମ ପାଖେ ସବୁବେଳେ
ଅଟକେ ମୋ ପାଦ
ତୁମ ପାଦର ପାଉଁଜି ଶବଦ
ଯିଏ ଅହରହ ହଜାଏ ମୋ ନିଦ ।

ତୁମେ ରୂପେଲି ରୂପବତୀ,
ତୁମେ ସଜ କୁଆଁରୀ
ତୁମ ପ୍ରେମରେ ପଡ଼ି ମୁଁ ଗଲି ଲୋ ସରି
ତୁମ ସାଥେ ପ୍ରେମ ବାଟ ସରେ ନାହିଁ
ଚାଲୁଥିଲେ ଯେତେ
ମନ ଭରେ ନାହିଁ
ତୁମ କଥା ଭାବୁଥିଲେ ସତେ ।

ଶ୍ରାବଣର ଛିଟାରେ ଭିଜି ମୁଁ
କେତେ ଥର ଶୁଖିଛି
ତୁମ ପ୍ରେମ ଛିଟା ଏମିତି
ମୋତେ ଓଦା କଲା
କେବେ ମଦିରା କେବେ ମହ୍ଲାର
ତୁମ ସ୍ପର୍ଶରେ ମୁଁ ଓଦା ସରସର !

ତୁମ ପ୍ରେମବର୍ଷାର ପ୍ରତିଟି ବୁନ୍ଦାରେ ଭର୍ତ୍ତି
ମୋ ମନର ମାନ ସରୋବର
ଖୋଜୁଛି ତୁମକୁ ରାଜହଂସୀ
ଆସ ଏ ନୀଳ ଜଳରାଶି
ଅପେକ୍ଷାରେ ତୁମ
ପ୍ରେମକ୍ରୀଡାର ମୁହୂର୍ତ୍ତକୁ
ଉପଭୋଗିବା ପାଇଁ !

ଅପେକ୍ଷାର ଅନ୍ତ ପରେ
ତୁମେ ମୋ ପାଖରେ
ଛାଡ଼ିବାକୁ ଜମା ଇଚ୍ଛା ହୁଏନି
ଅନେକ ଦିନର ଏବେ ବି
ବାକି ଅଛି ମିଠା ଭୋକ
ରହିଯାଅ କିଛି କ୍ଷଣ ରଚିଦିଏ ପ୍ରେମ ଗପ
ସରିସରି ଯାଏ ରାତି ମହମ ପରି
ସ୍ୱପ୍ନରେ ନା ତୁମ ଅକ୍ତିଆର
ନା ମୋର ନିୟନ୍ତ୍ରଣ !


+ବେଲଗାଁ, କଳାହାଣ୍ଡି
ମୋ:୯୦୧୯୩୧୧୮୬୮

## ମହାଯାତ୍ରା
### ଗିରିଜା ଶଂକର ଶର୍ମା



ପ୍ରସ୍ତୁତ ହେଲାଣି ପାଲିଙ୍କି,
ତାର ଚାରିପାଦ ନିର୍ଦ୍ଦେଶ ଦେଉଛି ଉର୍ଦ୍ଧ୍ୱକୁ
ଶୁଭାରମ୍ଭ କରିବାକୁ ହେବ
ଧୂପଦୀପ ଜାଳି ଅପେକ୍ଷା କରିବାକୁ ହେବ
ଶୁଭ ମୁହୂର୍ତ୍ତକୁ ।

ଯେ ରାସ୍ତା ବହୁତ ଲମ୍ବା
ଯୋଜନ ଯୋଜନ ପଥ
ଅତିକ୍ରମ କରିବାକୁ ହେବ
ପାଲିଙ୍କିରେ ଉର୍ଦ୍ଧ୍ୱକୁ ମୁହଁ କରି
ଶୋଇଯିବେ ଯାତ୍ରୀ
ଆକାଶର ସୂର୍ଯ୍ୟ, ଚନ୍ଦ୍ର, ତାରାଙ୍କୁ
ଲକ୍ଷ୍ୟ କରୁଥିବେ ।
ଶୀତଳ ସମୀରଣରେ ନିଦ୍ରିତ ମୁହଁଟି
ତୋଫା ତୋଫା ଲାଗୁଥିବ,
ଦୀର୍ଘଯାତ୍ରା ଆଗରୁ କିଛି ସମୟ
ବିଶ୍ରାମ ଦରକାର ।

ଯାତ୍ରା ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ହେବ
ହିମ ଶୀତଳ ରାସ୍ତାରେ ଥରି ଥରି,
ଯାତ୍ରୀ ଚାଲିବେ ଏକା ଏକା
ମନେ ପଡୁଥିବ
ଛାଡ଼ି ଆସିଥିବା ଇଲାକାର କଥା
ଆତ୍ମୀୟ ସ୍ୱଜନମାନଙ୍କର କଥା
କାହା ସହିତ ବାର୍ତ୍ତାଳାପ ମଉଜ ମଜଲିସ୍
ହସଖୁସି ଆନନ୍ଦ, ତ କେବେ
ଦୁଃଖ, କ୍ରୋଧ ବା ଦ୍ୱନ୍ଦ୍ୱ
ଏ ସବୁର ସ୍ମୃତି ରୋମନ୍ଥନ କରି
ଯାତ୍ରୀ ଚାଲିଥିବେ ।
ବେଳେ ବେଳେ ଆଗକୁ ବଢୁନଥିବା ପାହୁଣ୍ଡ
ଟାଣି ହେଉଥିବ ପଛକୁ
ତାକୁ ପୁଣି ଟାଣି ନେଇ
ଯାତ୍ରୀ ଚାଲିଥିବେ ଆଗକୁ ।
ସେ ଯାତ୍ରା ଅନ୍ତହୀନ, ଶେଷହୀନ
ଏ ପଟର ସବୁ ଯାତ୍ରୀ,
ଦିନେ ନା ଦିନେ ଯିବେ ସେ ଯାତ୍ରାରେ

ସେ ଆମର ଶେଷ ଯାତ୍ରା
ମହାନ୍ ସେ ମହାଯାତ୍ରା

+ ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

## ରାବଣ ମାତିଛନ୍ତି
### ରତ୍ନାକର ରାଉତ



ଗୁଳିଗୁଳା ବଂଧୁକ ଖେଳ
ଝଗଡ଼ା ଝାଣ୍ଟି କଳିଗୋଳ
ଯେଉଁଠି ଦେଖ ପଶୁବଳ
ଦିନୁ ଦିନ ହୁଏ ପ୍ରବଳ
ଖଣ୍ଡା ଭୁଜାଲି ଦଙ୍ଗା ଦାଉ
ଅସୁରଙ୍କର ବଢ଼େ ଭାଉ
ଆଉ ହୁଏନି ସହି,
ଆତ୍ମ ଗରବେ ସଭିଏଁ ଅଂଧ
ଦିନକୁ ଦିନ ବିଷମ କାଳ
ହେଲାଣି ଆସି ଉଭା
ପତନମୁଖୀ ସମାଜ ଦେଖି
ପରାଣଯାଏ ଦହି ।

ସଭିଙ୍କ ମନେ ବାଂଧିଛି ବସା
ଅର୍ଥଲୋଭ କ୍ଷମତା ନିଶା
କାମ କାମନା ଅଂଧଲାଳସା
ଭୋଗ ବିଳାସେ ବଢୁଛି ଆଶା
ମନ ମୂଳକେ ରାଜୁତି କରେ
ଗର୍ବ ଦମ୍ଭ ହିଂସା,
ଗଲାଣି ହଜି ମଣିଷପଣ
ମୋହ ମାଦକେ ପତିତ ଜନ
ବୁଦ୍ଧି ବିବେକ ହେଲାଣି ନାଶ
ମଣିଷ ଜାତି ରଚୁଛି ବସି
ନିଜ ହାତେ ନିଜ ବିନାଶ
ପ୍ରଳୟ ପଥ ରୋକିବ କିଏ
ମଣିଷ ଦେଖ ପାଗଳ ସମ
କରେ ନିଜର ସର୍ବନାଶ ।

ମଣିଷ ଯେବେ ସଭ୍ୟ ହେଲା
ସମାଜେ ନିତି ନିୟମ କଲା
ଜଙ୍ଗଲ ଛାଡ଼ି ବସତି ଗଢ଼ି
ଘର ଦୁଆର ବଗିଚା ବାଡ଼ି
କ୍ଷେତ ଖମାର ଗାଁ ମୁଲକ
ଗଢ଼ିଲା ନିଜେ ନିଜେ
ନୂତନ ଆଶା ଖେଳିଲା ତାର ମନେ
କହିଲେ ଲୋକେ ରାଇଜ ଯାକ
ଜନତା ହାତେ ରହିବ ଏବେ
ଶାସନ ଡୋରି
ଏକଚାଟିଆ ଶାସନ ହେବ ଅନ୍ତ,
ଲୁପ୍ତ ହେବ ପଶୁର ବଳ
ଆରମ୍ଭ ହେବ ବୁଦ୍ଧିର ଖେଳ
ଶାସକ ଯିଏ କରିବ ସିଏ
ସଭିଙ୍କର ହିତ ।

ଏସବୁ ଆଜି ଦିବା ସପନ
ଶୋଷକ ସାଜି ଶାସକ ଗଣ
ଦରଦ ହୀନ ନୀତି ବିହୀନ
ବଳି ଗଲାଣି ରାଜ କଷଣ
ମୂକ ଜନତା କେତେ ଯେ
ହନ୍ତସନ୍ତ,
କିଛି ହେଲାନି ସତ
ଶାସନ ଢାଞ୍ଚା ଯେପରି ଥିଲା
ସେପରି ସବୁ ଅଛି
ବଦଳି ନାହିଁ ସ୍ଥିତି
ରାମରାଇଜ କାହାଣୀ କହି
ସରଗ ସୁଖ ଗଦ ଶୁଙ୍ଘେଇ
ରାବଣ ମାତିଛନ୍ତି
ଦେଖ ସରବେ
ସବୁଠି ଏବେ ରାବଣ ମାତିଛନ୍ତି ।

ଏକଥା କିଆଁ ରହୁନି ମନେ
ଜନତା ଥରେ ଉଠିଲେ ମାତି
ଶାସନୁ ଗଲେ ହଟି
ନିମିଷକେ ଗରିମା ଯିବ ତୁଟି
ଚରଣ ଯିଏ ସେବୁଥିଲେ
ଏତେ ସରାଗେ ଦିନେ
ବିନା ଦ୍ୱିଧାରେ
ଧରିବେ ସିଏ ଚୁଟି ।

+ ମୋ: ୯୪୩୭୩୮୨୨୮୧

## କାହିଁଗଲ ସାଥୀ...
### ବିନୋଦ



ବିପ୍ଲବର ଆଦିପର୍ବେ କାହିଁଗଲ ହେ ସାଥୀ ଅଦିନେ
ଲାଲତାରା ଅସ୍ତମିତ ପ୍ରେକ୍ଷାପଟେ ନଯାଏ ବିଲୀନେ
ବାରୁଦର ବହ୍ନି ତେଜି ଗଢ଼ିଥିଲ ଶବ୍ଦର ମୀନାର
ଝୁରେ ଆଜି ବିଶ୍ୱ ଜାତି ନଭଶ୍ଚୁମ୍ବୀ ଆଗାମୀ ସକାଳ
ନିର୍ଦ୍ଦୟ କି ହୋଇଲା ମରଣ !
ଘେନିଗଲା ସଙ୍କଟରେ ତପ୍ତରେଖା କଠୋର ଶ୍ମଶାନ ।
ତେଜୋଦୀପ୍ତ ଅଗ୍ନିଶିଖା ଲାଭାସମ ଖେଳିଲା ପୁଲକେ
ତରୁଟିଏ ଛିଣ୍ଡିଗଲା ବିଦ୍ରୋହର କିଂଚିତ ଅତୀତେ
ପୁରପଲ୍ଲୀ କବିତାରେ ବହିଗଲା ନିମିଷେ ଚୟନ
ଜାଗରଣ ଆଗମନ ଲାଗିଲା କି ଏ ମନେ ନୟନ
ପୁଷ୍ପରେଣୁ ଦେଲି ତ ମୁଠାରେ
ଦୂରନ୍ତର ମହାଲୋକ ଦିଗ ଏକ ଶୋଭିଲା ଏଠାରେ ।
ନିଃସଂଗ ହେ ପଦାତିକ ଅମଳିନ ଶିଥିଳ ବଲ୍‌ଗା
ସୋଭିଏତ ମହାସାଥୀ ଟୀକାନ୍ତରରେ ଝେଲମ ବିଥିକା
ଶୋଷକର ତୋଫା ଭାଙ୍ଗି ସମତାର ହେ ଲାଲ ପାଗୋଡ଼ା
ବିଦୀର୍ଣ୍ଣର ଭୃଙ୍ଗ ଭାଙ୍ଗି ସୂର୍ଯ୍ୟୋଦୟେ କାବ୍ୟରେ ସଜଡ଼ା
ଭାଷଣରେ ବାହିଲ ବାରୁଣୀ
ଉଦୟରୁ ଅସ୍ତ ଯାଏ ଲୀନହୀନ ନିର୍ଣ୍ଣିତ କାହାଣୀ ।
କଟକର ଗଳିକନ୍ଦି ପାଦେ ଚାଲି ଦେଖିଲ ଧରଣୀ
ଶିକ୍ଷାହୀନ ଜୀବନରେ ବାହିନେଲ ଝଙ୍କାର ତରଣୀ
ତିମିରରେ ଉଷା ଏକ ଫୁଟାଇଲ ଶୋଣିତ ପ୍ରହରେ
ପ୍ରତିଭାର ମହାନାଦେ ବୀଣା ତାରେ ଶୋଭିଲ ଜାତିରେ
ପ୍ରଳୟର ହେ କବି ନାୟକ
ରବି ତୁମେ ଶତ ରବି ଜନ୍ମେଜୟ ଅମର ପୁରୁଷ ।
ପଥପ୍ରାନ୍ତ କବିତାରେ ଯୋଡ଼ିଥିଲ କଙ୍କାଳ କୋଟିଏ
ରତ୍ନ ତାହା ପାଲଟିଲା କାବ୍ୟ ନଥି ଗୋଟିଏ ଗୋଟିଏ
ନଥିଲା ତ ଯୌବନର ଅବାନ୍ତର ପ୍ରେମର କାହାଣୀ
ନଥିଲେ ବା କେହି ସାଥେ ଐଶ୍ୱର୍ଯ୍ୟର ସୁନ୍ଦରୀ ରମଣୀ
କୁଟୀଳ ଯେ ବ୍ୟଥାର ଦାନବ
ହାରିଥିଲା ଦାରିଦ୍ର୍ୟ ଯେ ଏକ ଥିଲା ଜୀବନ ପରବ ।
ଶତ ରଶ୍ମୀ ଆବେଗରେ ନୂଆ ଏକ ସଭ୍ୟତା ରୂପରେ
କାହିଁ କେତେ ବିଭାଜିକା ତପ୍ତବାଣୀ ବହିଲା ପ୍ରାଣରେ
ନିଗୂଢ଼ ସେ ମହାକୁ ଯା'ର ନାହିଁ ଅତୀତ, ଆଗତ
ଚିରନ୍ତନ ଭାବାବେଗେ ଝଟକେ ସେ ବିଦ୍ରୋହ ମରୁତ ।
ମୃତ୍ୟୁୟ ହେ କାବ୍ୟ ପୁରୁଷ
ଝଡ଼ିଗଲ ଅଦିନରେ ପର କରି ଶ୍ରମିକ କୃଷକ ।
ଭିକାରିର ବନ୍ଧୁ ଥିଲ, ମୂଲିଆର ମୁକତି ପାଗଳ
ସ୍ୱାର୍ଥବାଦୀ ଗୋଷ୍ଠୀ ଲାଗି ଦେଖିଥିଲ ଯୁଦ୍ଧର ଆକାର
ଜୀବନର ଏକ ପର୍ବ ବେସାଲିସ୍ ଭାବନା ଅନନ୍ତ
ଆଜି ଲାଗେ ପ୍ରତି ବୁକେ ରବି ସିଂ ରହିଛି ଜୀବନ୍ତ
ସିଂହ ତୁମେ ଏ ଧରା ପୃଷ୍ଠରେ
ତାରୁଣ୍ୟର ଶିରୋନାମା ଶାଗ ପୁଟେ ଗରିବ ପଖାଳେ ।
ଲିଭିଗଲା ଜ୍ୟୋତି ଏକ ସାକ୍ଷୀ ସେହି ପବିତ୍ର ଚଉରା
ସର୍ବହରା ଜନତାର ଶିବିର କି ହୋଇଲା ମୁକୁଳା ?
ଆସୁଅଛି ପଟୁଆର ଚିତା ଭସ୍ମ ପାଇବ ଜୀବନ
ନୂଆ ଏକ ସମାଜର ମହାସ୍ରଷ୍ଟା ନ ହେବ ବିଲୀନ
ଦୁର୍ଗମର ହେ କବି ସାରଥି
ସବୁଠାରେ ବିରାଜିତ ଭୂଗୋଳକେ ପୂର୍ବେ ବା ପ୍ରତୀଚି ।

(ବିପ୍ଲବୀ କବି ରବି ସିଂଙ୍କ ପରଲୋକ ଘଟିଥିଲା ୨.୨.୨୦୨୦ କଟକରେ । ତାଙ୍କ ଉଦ୍ଦେଶ୍ୟରେ...)

+ ଭୁବନେଶ୍ୱର
ମୋ: ୯୪୩୭୧୬୪୭୬୪

## ମହତ
### ଆନନ୍ଦ କୁମାର ମାଇତି



ତୁମ ସହଯାତ୍ରାରେ ଏତେ ସୁଖ ଥିଲା
ନିଜକୁ ପାଶୋରି ଆଣିଲା ପରେ ବୁଝିଛି
ଖାଁ ଖାଁ ଗୁମ୍ଫି ଭିତରେ କୁତିର ପ୍ରସବ
ଯନ୍ତ୍ରଣା ପରି
ମୋ ଯନ୍ତ୍ରଣା ଯେ କେତେ କଦାରକ
ଏକଥା ତମ ପାଖେ ଅଛପା ନାହିଁ
ସବୁ କଦାକାର କୁ ଲୁଚେଇ ରଖିଛି
କେବେ ଭେଟ ହେଲେ ଦେଖେଇବି
ଅଥଚ ପୃଥିବୀଟା ଏତେ ଛୋଟଯେ
ମୋ ଅମହତ ଗୁଡାକୁ ଲୁଚେଇବାକୁ ଚାହିଁ ବି
ଲୁଚେଇ ପାରୁନି
ଟିକିଏ ହକାଳି ହେବାରୁ ଦୃଶ୍ୟ ହେଇ ଯାଉଛି
ମଇଦାନରେ ।

ଏବେ ଏବେ ଅହଂକାରର ସାତକୋଶିଆ
ହସଟିଏ ହସି ଉଠିଲେ
ଅଜରା ଧୂମକେତୁ ଅତଡାଏ ଝଡ଼େଇ ପକାଏ
ମୋତେ
ପକେଇବନି ବା କେମିତି
ତୁମକୁ ଦୂର୍ ଦୂର୍ କଲା ପରେ
ମୁଁ ଆଉ ସେ ପାଖାପାଖି ହୋଇ ପରା
ସେ ହିଂସା କୁ ଜନମ ଦେଇଛୁ ।
ତମେ କଣ ଜାଣିଛ ?
ଯେଉଁ ହିଂସା ର ସହଯାତ୍ରୀ ପାଇଁ ତୁମକୁ ଦୂର
କଲି
ସେ ଆଜି ପର୍ଯ୍ୟନ୍ତ ଖୋଜି ପାଇବାରେ ବିଫଳ
ମୋ କପାଳର ଇଜ୍ଜତ ରେଖାକୁ,
ଯାହା ତମେ ନିଜ ତର୍ଜନୀରେ ଉନ୍ମୋଚନ
କରିଥିଲ
ପ୍ରଥମ ଦିନରୁ ବିଦାୟ ପର୍ଯ୍ୟନ୍ତ
ପ୍ରତିଟି ସନ୍ଧି ମୂହୁର୍ତ୍ତରେ ।

ତୁମ ଆଙ୍ଗୁଠିରେ ନିଆରା ଯାଦୁ ଅଛି ।
ଏକଥା ହୁଏତ ତମେ ଜାଣିନ
ସେ ଯାଦୁରେ ହଠାତ୍ ଗର୍ଜି ଉଠିଥିଲା
ନିକସ ଅଧରାତିରେ
ଅଚାନକ ଠିପି ଖୋଲି ଲୋତକ ଭଣ୍ଡାରୁ ବହି
ଆସୁଥିଲା ଲୁହ,
ଏ କଥା କ'ଣ ଅମହତ ବୁଝେ !
ସେ ଭାବେ ନିଆଁରେ ବି ସହନ ତରଳେ
ମୁଁ ଜାଣେ ତମେ ବି ଜାଣିଥିବ
ବରଫଠୁ ଅଧିକ ଶୀତଳ ନହେଲେ
ଉଦାର ତରଳେନି ବୋଲି,
ସେଦିନ ଏମିତି ତମେ ତରଳି ଯିବାରୁ
ମୁଁ ନିଜେ ଉଭାବନ କରିଥିଲି
ତୁମ ଛାତିରେ
ଦୟା କ୍ଷମା ଭଳି ହଳେ କୋମଳ ପୃଥିବୀକୁ
ସେ ବିଷୟରେ ଅମହତର କ'ଣ ସାମାନ୍ୟ
ଅଭିଜ୍ଞତା ଅଛି
ସେ ତ ଚିରଦିନ ଲାଗି ମହତ ଭଳି ପବିତ୍ର
ଜ୍ଞାନରୁ ମୂର୍ଖ ।

+ ସଭାପତି - ଅନ୍ତରୀକ୍ଷ ଚାରିଟେବୁଲ
ଟ୍ରଷ୍ଟ,ଏରସମା, ଜଗତସିଂହପୁର
ମୋ -୯୪୩୯୦୭୭୩୯୫

## ଆସ ସୁଖ ତୋଳିବା
### ସୁରଞ୍ଜନ ପାତ୍ର



ଝରିଯିବା ଆଗୁ ଜୀବନର ଫୁଲ
ଆସ ତୋଳିନେବା ସହୀ
କିଏ ସେ ଦେଖିଛି କାଲିର ସକାଳ
ଆସିବକି ଆଉ ନାହିଁ !!

ସମୟ ଆସିବ ସମୟତ ଯିବ
ଉଦାସ କରନା ମନ
ବଇଶାଖ ଗଲେ ଝାଞ୍ଜି ବତାସ
ମାଟିରେ ହୋଇବ ଲୀନ !

ଯେତେ କାଳ ଆମେ ଅଛେ ଏ ମରତେ
ଜିଇ ଯିବା ଗୀତଗାଇ
ଝରିଯିବା ଆଗୁ ଜୀବନର ଫୁଲ
ଆସ ତୋଳିନେବା ସହୀ !!

ଦେହ ଅଛି ମାନେ ରହିଛି ଯାତନା
ରହିଅଛି ଅବସୋସ
ସେହି କଥା ଖାଲି ଗୁଣିହେଲେ ବସି
ଶୂନ ହେବ ଭାଗଶେଷ !

ଦୁହେଁମିଶି ଆସ ମନାସିବା ସୁଖ
ଏ ସାରା ଜଗତ ପାଇଁ
କିଏ ସେ ଦେଖିଛି କାଲିର ସକାଳ
ଆସିବ କି ଆଉ ନାହିଁ !!

+ ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ,ଶିଙ୍ଗାଖୁଣ୍ଟା, ସୋର,ବାଲେଶ୍ୱର-୪୫
ମୋ- ୮୧୧୭୮୦୫୯୫୯

## ସମୁଦ୍ର କାନ୍ଦୁଛି
### ସନ୍ଧ୍ୟା ରାଣୀ ଦାଶ



ଅସରନ୍ତି ସମ୍ଭାବନାର ଗନ୍ତାଘର
ଅସୀମ ଅନନ୍ତ ତାହାର ବିସ୍ତାର
ସୌନ୍ଦର୍ଯ୍ୟର କେନ୍ଦ୍ର ବିନ୍ଦୁ
ନିବିଡ ତାହାର ସଂପର୍କ ମନୁଷ୍ୟ ସହ...
ଆଜି କିନ୍ତୁ ସ୍ୱପ୍ନରେ ଦେଖିଲି
ତାହାର ଏକ ନୂଆ ରୂପ
ଅଗଣିତ, ଅସଂଖ୍ୟ, ଅଶାନ୍ତ ଉର୍ମିମାଳା
ବିକଟାଳ ରଡି ଛାଡି
ବେଳାଭୂଇଁକୁ ଆସୁଛନ୍ତି ମାଡି...
ମୁଁ ଥିଲି ତଟସ୍ଥ, କାକୁସ୍ଥ,ଆତ୍ମସ୍ଥ
ତଥା ଭୟଭୀତ ଓ ହତାଶ...
ଆହତ ହେଉଥିଲା ବେଳାଭୂମି
ବାରମ୍ବାର ତା'ର ବିଷାକ୍ତ ଫେନଯୁକ୍ତ
ଢ଼େଉରେ, ତ୍ରସ୍ତ ଥିଲେ ସମସ୍ତେ...
ବଲଗାମ ଲହଡ଼ି
ମୃତ ଜହ୍ନ, ବିଷାକ୍ତ ମତ୍ସ୍ୟ, ବ୍ୟର୍ଥ ଜଳଜୀବ
କେହି ବି ନ ଥିଲେ କାହାରି
ସମସ୍ତେ ଥିଲେ ନିୟନ୍ତ୍ରଣବିହୀନ
ଗନ୍ତବ୍ୟ ସ୍ଥଳାଭିମୁଖୀ...
ନ୍ୟାୟ-ଅନ୍ୟାୟ, ସତ୍ୟ-ଅସତ୍ୟ,
ଲାଭ-କ୍ଷତିର ହିସାବ ଆଜି ନାହିଁ
କାହା ପାଖେ...
ବାରମ୍ବାର ଗର୍ଜୁଛି ଅଣଚାଶ ପବନ
ସୁନାମି, ବାତ୍ୟାଚକ୍ର, ଲଘୁଚାପଜନିତ
ଲୀଳାଖେଳାରେ ସମୁଦ୍ର ଆଜି ଅଶାନ୍ତ..
ସମୁଦ୍ର ଆଜି କରୁଛି ଅଶ୍ରୁପାତ
ଉଦାସିଆ ଭାବଭଙ୍ଗୀ ବିଷାଦମୟ ପରିବେଶ
ଘନଘନ ଦୀର୍ଘଶ୍ୱାସର ଜ୍ୱାଳା
ଯନ୍ତ୍ରଣା କାତର ସେ
ଲବଣାକ୍ତ ଜଳ ତା'ର ଆହୁରି ଲବଣାକ୍ତ
ଅଶ୍ରୁପାତ ଯୋଗୁଁ..
ସେ ଆଜି ଅସହାୟ, ନିରାଶମୟ
ଦୁଃଖିତ ତଥା ପ୍ରାଣହୀନ ଜଳର
ଘେରାଟିଏ ମାତ୍ର...
ମନୁଷ୍ୟର ଅମାନିଆ ନୀତି
ପ୍ରକୃତିର ଜ୍ୱାଳାରେ ଜର୍ଜରିତ ସେ
ନିଜର ଆତ୍ମାହୁତି ନିମନ୍ତେ ପ୍ରସ୍ତୁତ ସେ..
ନିଜ ନିକଟରୁ ମଧ୍ୟ ସେ ଆଜି ପରାସ୍ତ
ବଶହୀନ, ଅନାସକ୍ତ ସେ
ନାହିଁ କିଛି ତାହା ହସ୍ତରେ..
ଧୀରେଧୀରେ ଓହ୍ଲାଇ ଆସୁଛି ଅନ୍ଧକାର
ଗ୍ରାସିବାକୁ ଏ ସାରା ଜୀବଜଗତ
ଆଜି ସମୁଦ୍ର ଯେ ପରାଜିତ
ସେଥିଲାଗି ବୋଧେ ସେ କ୍ରନ୍ଦନରତ....

+ କୋରାପୁଟ

## କଳ୍ପସୀମା
### ମୀନକେତନ ପଶାୟତ



ତୁମ କଳ୍ପନାର ପରିସୀମା କେତେ କବି ?
ସେଇ ଦଶ କି ପଚାଶ ଧାଡିରେ
ତୁମେ ଫୁଟେଇ ପାର
ମାଟିଲଗ୍ନା କେରାଏ ଧାନଫୁଲ
ସେଇ ସଫେଦ ଫର୍ଦରେ ଆଙ୍କିପାର
ଚେମୀ ମା ' ର ଶୁଖିଲା ଥନରୁ
ଓହଳି ପଡ଼ିଥିବା
କ୍ଷୁଧିତ ଶୂନ୍ୟତାର ଚିତ୍ର
ତୁମ କଳ୍ପନାର କାନ ଶୁଣିପାରେ
ଗୋଟିଏ ସଭ୍ୟ ଦେଶର
ଅସଭ୍ୟ ଗୁଂଜରଣ
ହାତ ସାଉଁଟି ପାରେ
ବିଭସ୍ତ ଅନ୍ଧାର ଆଖିରୁ ସମୁଦ୍ରିଏଲୁଣ ।

ତୁମ କବିତାର ପରିସୀମା ଭିତରେ
ତୁମେ କଳ୍ପି ପାରିଛ
ପେଟ ଜ୍ୱାଳାର ଉଦଣ୍ଡ ନାଚ
ଅନ୍ତହୀନ ଦୁଃଖର ପ୍ରଲମ୍ବିତ ପ୍ରାନ୍ତର
ଚଢି ପାରିଛ ଦୈନ୍ୟର ପାହାଡ଼ ଶିଖର
ଛୁଇଁପାରିଛ ଯନ୍ତ୍ରଣାର ଅଥଳ ତଳ
ଆତ୍ମାର ହାହାକାରକୁ କୁହୁଳେଇ
ହାଡ଼ରେ ଜାଳିଛ ଅନିର୍ବାଣ ଅନଳ ।
କବି !
ମୁଁ ତ ମାପି ଚାଲିଛି
ତୁମ କଳ୍ପନାର ପରିସୀମା
କେତେ ମୁଗ୍ଧ କେତେ ବିଭୋର
ସେ ସ୍ୱପ୍ନମୟ ଦୃଶ୍ୟମାନେ
ଯାହା ଶ୍ୟାମଳ ଶଢ ହୋଇ
ଦୋଳି ଖେଳନ୍ତି ପବନରେ
କଅଁଳ ସୁରୁଯ ଟେ ହୋଇ
ବିଞ୍ଚି ଦିଅନ୍ତି ହିରଣ୍ମୟ ଆଲୋକ
କୋମଳ ହାତରେ ତୋଳି ଆଣନ୍ତି
ଆକାଶ ଅଗଣାରୁ ମେଘର ଫୁଲ
ପକ୍ଷୀର ଦେହରେ ଯୋଡି ଦିଅନ୍ତି
ହଳେ ପ୍ରେମିଳ ପକ୍ଷ
ଭାସ୍କର୍ଯ୍ୟର ନଟୀ ଦିହରେ
ଭରି ଦିଅନ୍ତି ଲାସ୍ୟ ମୟୀ ଛନ୍ଦ
ଦିଗବଳୟେ ଚିତ୍ରିତ କରନ୍ତି
ଐଶ୍ୱର୍ଯ୍ୟ ଲାଲିମାର ଆଶ୍ଚର୍ଯ୍ୟ ମୁରୁଜ ।
ହେଲେ ବି କବି !
ବେଳେବେଳେ ଲାଗେ
ତୁମ କଳ୍ପନାର ଦୀପ୍ତି ଓ ଦ୍ୟୁତି
ଅଚାନକ ଗର୍ଭପାତ ପରି ଖସିପଡେ
ଯେବେ ସକାଳର
କଅଁଳ କିରଣେ ଲେଖାହୁଏ
ମରଣର ମାର୍ମିକ ଇତିହାସ
ଫଟା ଦର୍ପଣରେ ବିମ୍ବିତ ହୁଏ
ରମଣର ବିଡ଼ମ୍ବିତ ଭାଗ୍ୟ
ବିସ୍ମୟ ପୃଥିବୀକୁ ଚାଟିନିଏ
ମହାମାରୀର କରାଳ ଜିଭ ।

କବି !
ତୁମକୁ ଯେବେ ଦହିଦିଏ
ଏକଲାପଣର ଦୁର୍ବିସହ ଦହନ
ତୁମକୁ ଯେବେ ବାଧି କରେ
ବାସ୍ତବତାର ନିର୍ମମ ନିକାଞ୍ଚନ
ଠିକ ସେତିକିବେଳେ ହିଁ ଭୁଲ ହୁଏ
ଜୀବନ ଜ୍ୟାମିତିର ସମସ୍ତ ଗଣନା
ବିଦୀର୍ଣ୍ଣ ହୁଏ
ତୁମ କୋମଳ କଳ୍ପନାର
କମନୀୟ ପରିସୀମା ।

+ କ୍ୱା. ନ.-ଏଫ. ଏଲ -୧୧
ବାସନ୍ତୀ ନଗର
ରାଉରକେଲା -୧୨
ମୋ.-୯୯୩୭୮୭୭୫୨୯

## ଏଇ ଦେଖ ମୁଁ ଆସିଛି ✼
### ତରୁଣ କୁମାର ଦାସ



ଖାଲି ଗୋଟେ ଦେଖେଇ ହବାରବାହାନାରେ
ନିଜକୁ ପ୍ରଜାପତି ବନି
ଲାଭ ବା ଆଉ କଣକୁହ ?
ନିଜକୁ ପଚାରିଛ କେବେ
ତମ ବୟସ କେତେ
ମନ ଆଇନାରେ କେବେ ମୁହଁ ପଖାଳିଚ
ସବୁ ଏଠି ସସେମିରା
ଥୁଣ୍ଟା ବରଗଛ
ଫୁଲ ଫୁଟିଲେ ଯେ ଦିଅଙ୍କ
ସେବାରେ ଲାଗିବ ତା'ଭୁଲ
ସବୁ ଭୁଲ ଭିତରେ ତମେ ଠିକ
ତମ ଆସିବା ଠିକ
ମୋଜ୍ୱୀନ ମାନଚିତ୍ରରେ
ଗୋଟେ ବିରଳ ମୁହୂର୍ତ୍ତ
ଅଳସି ଆଖିରେ ନିଦ ପରି
ବର୍ଷା ଆକାଶର ମେଘ ପରି !
ଖାଲି ସହି ଜାଣିଛି ବୋଲି
ପୃଥିବୀ କୁ ଅସ୍ୱୀକାର କରୁଛି
ବାସ୍ତବତାକୁ ଠା ରୁଚି
ସବୁରୁ ଆଖି ଫେରେଇ

ତୁମକୁ ଆପଣେଇଛି
ତୁମେ କିନ୍ତୁ ସନ୍ଧିହାନ
ଉଚିତ ଅନୁଚିତ ର କଷଟି ପଥରରେ
ସବୁ ଭୁଲି ଆସ
ରଙ୍ଗେଇ ଦିଅ ନିଜକୁ ମହୁଲି
ବାସ୍ନାରେ
ଦେଖ ମୁଁ ପରା ଫେରି ଆସିଛି
ସତରେ ତୁମ ରାଣ ମୁଁ ତୁମର
ହୋଇ ଯାଇଛି !

+ମୁକ୍ତାନିଳୟ, ପାଳୁସିଆ, ବାଲେଶ୍ୱର-୩୬

## ସଜଲ:ତୋର ରୂପ ଦେଖି
### ରାମ ଚନ୍ଦ୍ର ପ୍ରଧାନ



ତୋର ରୂପ ଦେଖି, ମୋ ମନରେ ଖେଳେ, ଅଦିନ ଜଳ ଫୁଆରା
ମଧୁ ବସନ୍ତର, ଫୁଲେଇ ଫୁଲ ତୁ, ରୂପ ତୋ ଲାଗେ ନିଆରା ।

ସାଗର ବୁକୁର, ସୁନ୍ଦରୀ ଶାମୁକା, ହସ ତୋ ଦାମିକା ହୀରା
ଅଦିନ ବର୍ଷାର, ମାଟି ବାସନା ତୁ, ନିଦ ତୋ ଚମକ ଭରା
ପ୍ରେମ ପୁସ୍ତକର, ନ ଥିବା କାହାଣୀ, ଭାବ ତୋ ହୃଦୟ ଥରା
ତୋର ରୂପ ଦେଖି, ମୋ ମନରେ ଖେଳେ, ଅଦିନ ଜଳ ଫୁଆରା ।

ହୃଦୟ କନ୍ଦର, ଅଜଣା ପୁଲକ, ସ୍ମୃତି ତୋର ଅପାସୋରା
କୁସୁମ ବନର, ମିଠା ମହକ ତୁ , ବାସୁଥାଉ ରାତିସାରା ।

ନଈ ସେପାରିର, ରୂପସୀ ନାୟିକା, ପ୍ରେମ ତୋ ସୁନେଲି ଖରା
ବେସୁରା ବୀଣାର, ସୁରିଲା ରାଗିଣୀ , କଥା ତୋ ମୁକୁତା ଝରା
ପାହାଡ଼ି ଛାତିର, ଚଗଲି ଝରଣା, ଛନ୍ଦ ତୋ ପ୍ରେମ ମନ୍ତୁରା
ମଧୁ ବସନ୍ତର, ଫୁଲେଇ ଫୁଲ ତୁ, ରୂପ ତୋ ଲାଗେ ନିଆରା ।

ମନ ଆକାଶର, ଅବୁଝା ପ୍ରେମିକା, ଆଖି ତୋ ଦିଏ ଇସାରା
ଶୀତ ସକାଳର, ରୂପେଲି କାକର, ସ୍ୱର୍ଶ ତୋ ମେଘ ଅସରା ।

+ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ଭିଜା ବରଷାର ସ୍ମୃତି..
### ରାହାସ କୁମାର ବେହେରା



କାଲି ସଂଞ୍ଜବେଳେ ଏକା ଭିଜୁଥିଲି
ମନେ ପଡିଗଲା ତୁମରି କଥା
ଗୋଟେ ଛତା ତଳେ ଲାଜ ନଇ କୂଳେ
ବତୁରା ଦେହର ଯେତେ ଅବସ୍ଥା ।

ଚଗଲା ପବନ କାନି ଟାଣୁଥିଲା
ଅସହାୟ ତନୁ ସାଜି ନଉକା
ପ୍ରତିକୂଳ ପାଗେ ସୁଖ ଆହ୍ଲାଦରେ
ଖୋଜୁଥିଲା ଯେତେ ନୂଆ ମଉକା ।

ହେଲା ଘଡଘଡି ମାରିଲା ବିଜୁଳି
ମୂଷଳ ଧାରାରେ ଝରିଲା ବାରି
ଚାତକ ତୃଷାର୍ତ୍ତେ ଟିକେ ଓଠ ଛୁଆଁ
ଡାକୁଥିଲା ପାଶେ ଦୁହିଁକି ଠାରି ।

ଦୁଇ ପ୍ରେମ ପକ୍ଷୀ ଉଡି ବୁଲୁଥିଲୁ
ଭଲ ପାଇବାର ଅଝଟ ନେଇ
ଉଡ଼ିଗଲା ଛତା ସେଇ ମୁହୂର୍ତ୍ତରେ
ଜଳୁଥିଲା ଦେହ ପୁରା ଗାଧୋଇ ।

ସେଇ ବରଷାରେ ପ୍ରଥମ ମୋ ପ୍ରେମ
ଗଢ଼ିଛି ସୁନ୍ଦର ମିଠା ସମ୍ପର୍କେ
ଝୁରିହୁଏ ତେଣୁ ବିରହ ଆବେଗେ
ସ୍ମୃତି / ବିସ୍ମୃତିରେ ଯାହା ନିତି ଝଟକେ ।

+ ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ: ୭୫୯୦୧୫
ମୋ: ୯୪୩୮୧୧୪୩୬୮

# ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ 'ଶ୍ରୀଗୁଣ୍ଡିଚା' ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୨/୭ (ନି.ପ୍ର): ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ନିକଟରେ ୧୦୦ ଜଣ ଶିଳ୍ପୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଥିବା 'ଶ୍ରୀଜଗନ୍ନାଥ ଓ ରଥଯାତ୍ରା' ଶୀର୍ଷକ ଚିତ୍ରକଳା ଶିବିରର କଳାକୃତିଗୁଡ଼ିକୁ ନେଇ ବୁଦ୍ଧ ଆର୍ଟ ଗ୍ୟାଲେରୀଠାରେ ଏକ ଭର୍ଚୁଆଲ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀର ଶୀର୍ଷକ 'ଶ୍ରୀଗୁଣ୍ଡିଚା' ରହିଥିବାବେଳେ ଏଥିରେ ଜଗନ୍ନାଥଙ୍କ କାହାଣୀ ଓ ରଥଯାତ୍ରା ସମ୍ବଳିତ ୧୦୦ଟି ଚିତ୍ର, ଭାସ୍କର୍ଯ୍ୟ ଓ ମୁଦ୍ରଣ କଳା ପ୍ରଦର୍ଶିତ ହୋଇଛି । ଓଡ଼ିଶା ଲଳିତ କଳା ଏକାଡେମୀର ଫେସ୍‌ବୁକ୍ ଓ ୟୁଟ୍ୟୁବ୍ ରେ ଏହା ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ରହିଛି । ଏହି ପ୍ରଦର୍ଶନୀକୁ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ଘାଟନ କରିବା ଅବସରରେ କୋଭିଡ୍-୧୯ ମହାମାରୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶାର ଶିଳ୍ପୀମାନଙ୍କୁ ଚଳଚଂଚଳ କରିବା ସହ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ଲଳିତ କଳା ଏକାଡେମୀର ପ୍ରୟାସକୁ ପ୍ରଶଂସା କରିଥିଲେ। ଉତ୍କଳର କଳା-ସଂସ୍କୃତିର ନିଦର୍ଶନ ତଥା ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅବସରରେ ଶିଳ୍ପୀମାନଙ୍କ କଳାକୃତି ଓଡ଼ିଶାରେ ଆଦୃତ ହେବା ସହ ଭାରତ ତଥା ବିଦେଶରେ ଏହି କଳାକୃତି ମାଧ୍ୟମରେ ଶ୍ରୀଜଗନ୍ନାଥ ଧର୍ମର ବହୁଳ ପ୍ରଚାରପ୍ରସାର ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ବିଭାଗର ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ସମସ୍ତ ଶିଳ୍ପୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶ୍ରୀଜଗନ୍ନାଥଙ୍କର ଅପାର କରୁଣା ମାନବ ଜାତିକୁ ମହାମାରୀରୁ ରକ୍ଷା କରିବା ପାଇଁ ପ୍ରାର୍ଥନା କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ କୋଭିଡ୍ ସମୟରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଭର୍ଚୁଆଲ୍ ମାଧ୍ୟମରେ ପ୍ରଦର୍ଶିତ 'ଶ୍ରୀଜଗନ୍ନାଥ ଓ ରଥଯାତ୍ରା' ଶୀର୍ଷକ ବିଷୟ ଉପରେ ଆଧାରିତ ଚିତ୍ରକଳାଗୁଡ଼ିକ ବେଶ୍ ପ୍ରଶଂସାୟ ହୋଇଥିବାବେଳେ ଏହା ମାଧ୍ୟମରେ ଜନସାଧାରଣ ଓ କଳାନୁରାଗୀମାନେ ଦେଖିବାର ସୁଯୋଗ ପାଇପାରିବେ ବୋଲି ମତପ୍ରକାଶ କରିଥିଲେ। ଏକାଡେମୀର ସଭାପତି ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକ ଏହି ଭର୍ଚୁଆଲ ଚିତ୍ରକଳା ପ୍ରଦର୍ଶନୀର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜୁନ ୩୦ରୁ ଜୁଲାଇ ୪ ତାରିଖ ପର୍ଯ୍ୟନ୍ତ ୧୦୦ ଜଣ ଶିଳ୍ପୀ ଘରେ ରହି ଭର୍ଚୁଆଲ୍ ମାଧ୍ୟମରେ ଏକ ଶିବିରରେ ଅଂଶଗ୍ରହଣ କରି ଅଙ୍କନ ତଥା ନିର୍ମାଣ କରିଥିବା କଳାକୃତିଗୁଡ଼ିକ ଏହି ଭର୍ଚୁଆଲ ପ୍ରଦର୍ଶନୀରେ ସ୍ଥାନିତ କରାଯାଇଥିବା ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ଉପସଭାପତି ଶ୍ରୀନିବାସ ପଢ଼ିହାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଂଚାନନ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଏକାଡେମୀର ଓ.ଏସ୍.ଡ଼ି ଶ୍ରୀମତୀ ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମରୁଡ଼ି ସମ୍ଭାବନାର ପ୍ରତିକାର ପାଇଁ ପିସିସି କିଷାନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର,୧୨/୭ (ନି.ପ୍ର): ପାଣିପାଗ ବିଶେଷଜ୍ଞମାନଙ୍କ ପୂର୍ବାନୁମାନ ଅନୁସାରେ ଚଳିତ ଖରିଫ ଚାଷ ପାଇଁ ଠିକଣା ସମୟରେ ମୌସୁମୀ ପ୍ରବାହିତ ହେବାର ଆକଳନ କରାଯାଇଥିଲା। କିନ୍ତୁ ସ୍ୱାଭାବିକଠାରୁ ବହୁତ କମ୍ ବର୍ଷା ହୋଇଛି। ପ୍ରାୟତଃ ୩୦ ମିଲିମିଟର ବର୍ଷା କମ୍ ହେବା ଫଳରେ ଓଡ଼ିଶାର ଅନେକ ଜିଲ୍ଲାରେ ଆସନ୍ନ ମରୁଡ଼ିପଦଧ୍ୱନୀର ସୂଚନା ମିଳୁଛି। ଫଳରେ ଏହି ଜିଲ୍ଲାଗୁଡ଼ିକରେ ନିଅଂଟିଆ ବର୍ଷା ଯୋଗୁଁ ଖରିଫ୍ ଫସଲ ଉଜୁଡ଼ି ଯିବାର ସମ୍ଭାବନା। ବର୍ତ୍ତମାନ ରୁଆ, ବେଉଷଣର ସମୟ। କିନ୍ତୁ ଅନେକ ଅଂଚଳରେ ବୁଣାବୁଣି କାମ ସରିନାହିଁ। ବହୁ ଜମି ପଡ଼ିଆ ପଡ଼ିଛି। ଅନେକ ସ୍ଥାନରେ ଗଜା ମରୁଡ଼ି ସାଙ୍ଗକୁ ଧାନ ତଳି ନଷ୍ଟ ହେବାରେ ଲାଗିଲାଣି। ଜୁନ୍ ଓ ଜୁଲାଇ ମାସରେ ସ୍ୱାଭାବିକଠାରୁ ଯଦି କମ୍ ବର୍ଷା ହୁଏ ତେବେ ଗଜା ମରୁଡ଼ି ହେବା ନିଶ୍ଚିତ। ଅପରପକ୍ଷରେ ଆଜି ପର୍ଯ୍ୟନ୍ତ ରାଜ୍ୟର ପ୍ରତି ବ୍ଲକସ୍ତରରେ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରାଗଲାନାହିଁ। ଫଳରେ ଚଳିତ ଖରିଫ୍ ଚାଷ ପାଇଁ ଚାଷୀ ଘୋର ଚିନ୍ତାର ସମ୍ମୁଖୀନ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏଭଳି ପରିସ୍ଥିତିରେ ସରକାରଙ୍କପକ୍ଷରୁ ଯୁଦ୍ଧକାଳୀନ ଭିତିରେ ଆସନ୍ନ ମରୁଡ଼ିର ପ୍ରତିକାର ପାଇଁ ଆଜି ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ୧୦ ଦଫା ସମ୍ବଳିତ ଦାବୀ ପତ୍ର ପଠାଇ ଛନ୍ତି। ଉକ୍ତ ଦାବୀଗୁଡ଼ିକ ମଧ୍ୟରେ ଆସନ୍ନ ମରୁଡ଼ିର ଦୃଢ଼ ମୁକାବିଲା ପାଇଁ କୃଷି ଅଧିକାରୀ, କୃଷି ବିଶେଷଜ୍ଞ ଓ ଚାଷୀ ପ୍ରତିନିଧିଙ୍କୁ ନେଇ ଜିଲ୍ଲା ସ୍ତରୀ ଏକ ଟାସ୍କଫୋର୍ସ କମିଟି ଗଠନ, କେନାଲରେ ଠିକଣା ସମୟରେ ଆବଶ୍ୟକ ମୁତାବକ ପାଣି ଯୋଗାଣ, ଅଚଳ ଉଠା ଜଳସେଚନ ପଏଂଟ ଗୁଡ଼ିକର ଆଶୁ ମରାମତି, ବିଦ୍ୟୁତ ସଂଯୋଗ ଓ ଆବଶ୍ୟକ ସ୍ଥଳେ ନୂତନ ଉଠା ଜଳସେଚନ ପଏଂଟ ସ୍ଥାପନ, ଚାଷୀଙ୍କୁ ୯୦ ପ୍ରତିଶତ ରିହାତିରେ ସୋଲାର ପମ୍ପ ଓ ଡିଜେଲ ପମ୍ପସେଟ୍ ପ୍ରଦାନ, ଡିଜେଲରେ ଚାଷୀଙ୍କୁ ୫୦ ପ୍ରତିଶତ ରିହାତି, ଚାଷୀଙ୍କୁ ଢିପାଳି ଜମିରେ ଧାନ ପରିବର୍ତ୍ତେ ଅଣଧାନ ଚାଷ ପାଇଁ ବୈଷୟିକ ପରାମର୍ଶ ଓ ଆର୍ଥିକ ପ୍ରୋତ୍ସାହନ, ଖାଲୁଆ ଜମି ବ୍ୟତୀତ ଢିପ ଜମିପାଇଁ ସଅଳ ଓ ମଧ୍ୟମ କିସମ ଧାନ ବିହନ ଓ ତଳି ମାଗଣାରେ ଯୋଗାଣ, ମକା, ମାଣ୍ଡିଆ, ଚିନାବାଦାମ ଓ ଡାଲିଜାତୀୟ ଚାଷ ପ୍ରତି ବିଶେଷ ଗୁରୁତ୍ୱ, ଖରିଫ୍‌ରେ ପାହାଡ଼ିଆ ଅଂଚଳରେ ବର୍ଷା ଦିନିଆ ଆଳୁ, ବିଭିନ୍ନ ପନିପରିବା ଚାଷ ପାଇଁ ଉନ୍ନତ ବିହନ ଓ ଆବଶ୍ୟକ କୃଷି ଇନପୁଟ୍ ସହାୟତା, ଖରିଫ୍ ଚାଷରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଋଣୀ ଓ ଅଣଋଣୀ ଚାଷୀମାନଙ୍କୁ ପଞ୍ଜିକୃତ ହେବାପାଇଁ ବ୍ୟାପକ ସଚେତନତା, ଫସଲବୀମାରେ ଚାଷୀଙ୍କଠାରୁ ଦୁଇ ପ୍ରତିଶତ ପ୍ରିମିୟମ ପରିବର୍ତ୍ତେ ୧ ପ୍ରତିଶତ ପ୍ରିମିୟମ ଗ୍ରହଣ ଏବଂ ଫସଲ ବୀମା କ୍ଷେତ୍ରରେ ପ୍ରତି ଗ୍ରାମ ପଂଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ରୂପେ ଗ୍ରହଣ, ସରକାରଙ୍କ ପକ୍ଷରୁ ପ୍ରତି ପଂଚାୟତସ୍ତରରେ ସିଧା ସଳଖ ସାର ଉପଲବ୍ଧ କରିବା ସହ ଗଚ୍ଛିତ ପରିମାଣ, ମୂଲ୍ୟ ଓ ବିକ୍ରେତାଙ୍କ ନାମ ସମ୍ପୃକ୍ତ ଅଂଚଳର ଚାଷୀମାନଙ୍କୁ ଡିଜିଟାଲ ମାଧ୍ୟମରେ ସୂଚୀତ କରିବା ପାଇଁ ଉଲ୍ଲେଖ କରିଛନ୍ତି।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର ନିୟମଗିରିର ଡଙ୍ଗରିଆ କନ୍ଧ

ଭୁବନେଶ୍ୱର,୧୨/୭ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ ଖୋଲି ନିୟମଗିରିର ଡଙ୍ଗରିଆ କନ୍ଧଙ୍କ ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି।

ଡଙ୍ଗରିଆ କନ୍ଧମାନେ ରାୟଗଡ଼ାର ପୂର୍ବଘାଟ ଅଂଚଳରେ ବସବାସ କରିଥାନ୍ତି। ସୂଚୀଶିଳ୍ପ, କାଠଖୋଦେଇ, ଚିତ୍ର ଅଙ୍କନ, ପାନିଆ ତିଆରି ହେଉଛି ସେମାନଙ୍କର ମୁଖ୍ୟ ପେଶା। ବୃହତ୍ କନ୍ଧ ଜନଜାତିଙ୍କର ଏକ ଅଂଶବିଶେଷ ହେଉଛନ୍ତି ନିୟମଗିରିର ଡଙ୍ଗରିଆ କନ୍ଧ। ସେମାନେ ପୋଡୁଚାଷ କରିଥାନ୍ତି ଓ ଉଦ୍ୟାନକୃଷିରେ ଦକ୍ଷ ଅଟନ୍ତି। ହଳଦୀ, ସପୁରୀ ଓ କଦଳୀ ଚାଷ ନିମନ୍ତେ ଡଙ୍ଗରିଆ କନ୍ଧ ଜନଜାତି ପ୍ରସିଦ୍ଧି ଲାଭ କରିଛନ୍ତି । ଝରଣାକୂଳରେ ରହୁଥିବାରୁ ସେମାନେ ନିଜକୁ 'ଝରଣିଆ' ବୋଲି କହିଥାନ୍ତି । ନିୟମଗିରି ପର୍ବତର କିମ୍ବଦନ୍ତୀ ନିୟମରାଜାଙ୍କ ବଂଶଧର ଭାବେ ଡଙ୍ଗରିଆ କନ୍ଧମାନେ ନିଜକୁ ଅଭିହିତ କରିଥାନ୍ତି । ଦ୍ରାବିଡ଼ ଭାଷା 'କୁଭି' ହେଉଛି ଡଙ୍ଗରିଆ କନ୍ଧମାନଙ୍କର କଥିତ ଭାଷା । ଧରିତ୍ରୀ ଦେବୀ (ଧରଣୀ ପେନୁ) ସେମାନଙ୍କର ମହାନ ଦେବୀ ଓ ସେ ଗାଁ ରାସ୍ତା ମଧ୍ୟ ଭାଗରେ ଅଧିଷ୍ଠିତା ହୋଇଥାନ୍ତି । 'ଧରଣୀ ପେନୁ'ଙ୍କୁ ପ୍ରସନ୍ନ କରିବା ପାଇଁ ଡଙ୍ଗରିଆ କନ୍ଧମାନେ ମେରିଆ ବା କେଡୁ ଉତ୍ସବ ପାଳନ କରିଥାନ୍ତି । ଡଙ୍ଗରିଆ ଜନଜାତିର ଉଭୟ ପୁରୁଷ ଓ ମହିଳାମାନେ ଲମ୍ବା କେଶ ରଖିଥା'ନ୍ତି । ଆଉ ମଧ୍ୟ ଉଭୟ କାନ ଓ ନାକକୁ ଆଭୂଷଣରେ ସଜାଇଥାନ୍ତି। ସେମାନେ ସୂଚୀଶିଳ୍ପରେ ରଙ୍ଗୀନ ଶାଲ୍ ସିଲେଇ କରିଥାନ୍ତି । ତାହାକୁ 'କପଡ଼ା ଗଣ୍ଡା' କୁହାଯାଏ।

## ଆଦିବାସୀଙ୍କୁ ଆକ୍ରମଣ ଓ ଗୃହ ଦାହ ଘଟଣା: ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

ଭୁବନେଶ୍ୱର ,୧୨/୭ (ନି.ପ୍ର): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ସାହାଜଖୋଲ ଜଙ୍ଗଲର ଗୋଟାମୁଣ୍ଡା ପାଖରେ ରହୁଥିବା ନିରୀହ ଆଦିବାସୀଙ୍କୁ ଆକ୍ରମଣ ଓ ଗୃହଦାହ ଘଟଣାରେ ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରାଜ୍ୟ ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା କମିସନଙ୍କ ନିକଟରେ ପିଟିସନ ଦାଖଲ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ଗତ ୨୦ ବର୍ଷ ଧରି ୪୦ ଆଦିବାସୀ ପରିବାର ବସବାସ କରୁଛନ୍ତି। ପଡ଼ିଆ ଜମିରେ ଚାଷ କରିବା ସହ ଜଙ୍ଗଲ ଜାତ ପଦାର୍ଥ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ବାହାର ଗ୍ରାମର କେ?ତେକ ଲୋକ ବିଭିନ୍ନ ଯାତ୍ରା କାର୍ଯ୍ୟକ୍ରମ ନାମରେ ଜବରଦସ୍ତ ଚାନ୍ଦା ଆଦାୟ କରିବା ସହ ଗତ ଜୁନ୍? ୩୦ ତାରିଖରେ ସେମାନଙ୍କୁ ଆକ୍ରମଣ କରିଛନ୍ତି। ସେମାନଙ୍କ ଘରେ ନିଆଁ ଲଗାଇ ଦେବା ସହ ଛେଳି ମେଣ୍ଢା ଓ କୁକୁଡ଼ା ନେଇ ଯାଇଛନ୍ତି। ଆକ୍ରମଣରେ ମହିଳା ଓ ଶିଶୁ ମଧ୍ୟ ଆହତ ହୋଇଛନ୍ତି। ଜୀବନ ବଞ୍ଚାଇବା ପାଇଁ ସେମାନେ ନବରଙ୍ଗପୁର ଚନ୍ଦାହାଣ୍ଡି ବ୍ଲକରେ ଆତ୍ମଗୋପନ କରିଛନ୍ତି। କଳାହାଣ୍ଡି ଜିଲ୍ଲାର ଜଣେ ଦଳୀୟ ନେତା ହେମନ୍ତ ମାଝୀ ଏହି ଆକ୍ରମଣକାରୀଙ୍କ ନେତୃତ୍ୱ ନେଇଛନ୍ତି ବୋଲି ପୀଡ଼ିତମାନେ କହିଛନ୍ତି। ଜଙ୍ଗଲରେ ବସବାସ ପାଇଁ ଜଙ୍ଗଲ ବିଭାଗ ଆପତ୍ତି ଉଠାଇଥିଲେ ମଧ୍ୟ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ କେ?ଣସି ବିଧିବଦ୍ଧ ଆଦେଶ ହୋଇ ନାହିଁ। ଏଭଳି ସ୍ଥିତିରେ ନିରୀହ ଆଦିବାସୀଙ୍କ ଉପରେ ଆକ୍ରମଣ ଓ ସେମାନଙ୍କ ସମ୍ପତି ଲୁଟ ଆଦେ? ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ସାମନ୍ତରା କହିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କମିସନଙ୍କୁ ସମ୍ପୃକ୍ତ ପିଟିସନରେ ପ୍ରାର୍ଥନା କରିଛନ୍ତି।

# ଭୁବନେଶ୍ୱର ଜିଲ୍ଲା ବିଜେପିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୨/୭ (ନି.ପ୍ର): ଭୁବନେଶ୍ୱର ସାଂଗଠନିକ ଜିଲ୍ଲାର ସାଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ନବଗଠିତ ଭୁବନେଶ୍ୱର ଜିଲ୍ଲା ବିଜେପିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଭିଡିଓ କନଫରେନ୍ସିଂରେ ଶନିବାର ଅନୁଷ୍ଠିତ ହୋଇଛି । ବୈଠକରେ ସରକାର ତଥା ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ଅପାରଗତା ଓ ନିଷ୍କ୍ରିୟତା ସଂପର୍କରେ ଆଲୋଚନା ହେବା ସହ ଆଗାମୀ ଦିନରେ ବିଜେପିର ରୋଡ ମ୍ୟାପକୁ ନେଇ ବ୍ୟାପକ ଆଲୋଚନା ହୋଇଥିଲା । ଜିଲ୍ଲା ସଭାପତି ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ଜିଲ୍ଲା ପ୍ରଭାରୀ ଭୁବନ ମୋହନ ଜେନା, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଓ ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ପଦାଧିକାରୀ, ସମସ୍ତ ମୋର୍ଚ୍ଚା ସଭାପତି ଓ ପ୍ରଭାରୀ, ମଣ୍ଡଳ ସଭାପତି ଓ ପ୍ରଭାରୀ, ସମସ୍ତ ସେଲ୍‌ର ସଂଯୋଜକ ଓ ସହ ସଂଯୋଜକ ଏବଂ ସମସ୍ତ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ ।

ଆଜି ସକାଳେ କାର୍ଯ୍ୟକାରିଣୀ ଉଦଘାଟନ ଅବସରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ବନ୍ଦେ ମାତରଂ ଗାନ କରାଯାଇଥିଲା । ଜିଲ୍ଲା ସାଧାରଣ ସଂପାଦକ ଦିଲୀପ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶ୍ରୀ ବେହେରା ଶୋକ ପ୍ରସ୍ତାବ ଆଗତ କରିଥିଲେ । ଜିଲ୍ଲା ସଭାପତି ଶ୍ରୀ ସିଂ କହିଛନ୍ତି ଯେ,କରୋନା ସଂକ୍ରମଣର ୧ମ ପର୍ଯ୍ୟାୟରୁ ବିଜେପି କାର୍ଯ୍ୟକର୍ତ୍ତାମାନେ ସେବା ହିଁ ସଂଗଠନ କୁ ଆଧାର କରି ବିଭିନ୍ନ ପ୍ରକାରର ସେବା କାର୍ଯ୍ୟ ନିରନ୍ତର ଭାବେ କରି ଆସୁଛନ୍ତି । ଏଥି ସହ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟ ବିରୁଦ୍ଧରେ ଜିଲ୍ଲାର ବିଜେପି କାର୍ଯ୍ୟକର୍ତ୍ତାମାନେ ଆନ୍ଦୋଳନ କରିଛନ୍ତି । ମନ୍ଦିରମାଳିନୀ ସହରର ସୌନ୍ଦର୍ଯ୍ୟୀକରଣ ଆଳରେ ରାଜଧାନୀକୁ ଶ୍ରୀହୀନ କରିବାର ରାଜ୍ୟ ସରକାରଙ୍କ କୁଚକ୍ରାନ୍ତ, ମାଷ୍ଟର କ୍ୟାଂଟିନ ଛକସ୍ଥିତ ସ୍ଥପତି କଳାର ସ୍ଥାନାନ୍ତରକୁ ଜିଲ୍ଲା ବିଜେପି ତରଫରୁ ବାରମ୍ବାର ବିରୋଧ କରାଯାଇଛି । ରାଜ୍ୟ ସରକାର ଓ ବିଏମସିର ଅପାରଗତା କାରଣରୁ ବହୁ ଆକାଂକ୍ଷିତ ସ୍ମାର୍ଟ ସିଟି ପ୍ରକଳ୍ପ ମାତ୍ର ୭ଟି ୱାର୍ଡରେ ସୀମିତ ହୋଇ ରହିଯାଇଛି । ସେହିପରି ବର୍ଦ୍ଧିତ ବିଜୁଳି ଶୁଳ୍କ ଓ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ଦାବୀରେ ଭାରତୀୟ ଜନତା ପାର୍ଟୀ ଭୁବନେଶ୍ୱର ସାଂଗଠନିକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିଛି ଏବଂ ଭୁବନେଶ୍ୱରବାସୀଙ୍କୁ ନ୍ୟାୟ ଦେବା ପାଇଁ ବିଜେପି ଲଢେଇ ଜାରୀ ରଖିବ ବୋଲି ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ।

ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ପୂର୍ବ ଭାରତରେ ଓଡିଶାକୁ ଏକ ନମ୍ବର ରାଜ୍ୟ ଭାବେ ଗଢି ତୋଳିବା ପାଇଁ ମୋଦି ସରକାର ବଦ୍ଧପରିକର । ମୋଦି ସରକାରରେ ଓଡିଶା ସର୍ବଦା ଫୋକସରେ ରହି ଆସିଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଗରୀବ କଲ୍ୟାଣ ଯୋଜନାର ପ୍ରୟୋଗଶାଳା । ସଦ୍ୟ ସଂପ୍ରସାରିତ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡିଶାର ପ୍ରତିନିଧିତ୍ୱ ଆମ ସମସ୍ତଙ୍କୁ ଗୌରାବନ୍ୱିତ କରିବା ସହ ଓଡିଆ ଅସ୍ମିତାକୁ ସମ୍ମାନ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକାରିଣୀରେ ବଳିଷ୍ଠ କାର୍ଯ୍ୟ ଚିଠା ପ୍ରସ୍ତୁତ କରି ରାଜଧାନୀବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ପାଇଁ ଶ୍ରୀ ମହାନ୍ତି ଅପିଲ୍ କରିଛନ୍ତି ।

ସ୍ମାର୍ଟ ସିଟି-ଭୁବନେଶ୍ୱର ସହରର ବିପର୍ଯ୍ୟସ୍ତ ଅବସ୍ଥା; ଡ୍ରେନେଜ ସମସ୍ୟା; ବିପର୍ଯ୍ୟସ୍ତ ସ୍ୱେରେଜ ଓ ସଡକ ସମସ୍ୟା; ବେଆଇନ ଭାବେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ; ବସ୍ତିବାସିନ୍ଦାଙ୍କ ଥଇଥାନ ଓ ସୁରକ୍ଷା; ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା; କରୋନା କାଳରେ ବୋଝ ଉପରେ ନଳିତା ବିଡା ସଦୃଶ ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ; ପଂଚାୟତରେ ବାସଗୃହ, ପାନୀୟ ଜଳ ସମସ୍ୟା, ସଡକ, ବିବାହ ମଣ୍ଡପ, ପୁଷ୍କରିଣୀ ଓ ପରିମଳ ଅବ୍ୟବସ୍ଥା; ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା; ଓଡିଶା ସରକାରଙ୍କ ଜମି ଦଲାଲି କାରବାରରେ ସଂପୃକ୍ତି ଆଦି ପ୍ରସଙ୍ଗରେ କାର୍ଯ୍ୟକାରିଣୀ ଚିନ୍ତାପ୍ରକଟ କରିବା ସହ ନିନ୍ଦା କରିଛି । ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ ରାଜନୈତିକ ଚିଠା ଆଗତ କରିଥିବାବେଳେ ବରିଷ୍ଠ ଜିଲ୍ଲା ଉପସଭାପତି ବିଭାଷ ସେନଗୁପ୍ତ ସମର୍ଥନ ଜଣାଇଥିଲେ । ରାଜ୍ୟ ମୁଖପାତ୍ର ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମହାନ୍ତି ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଆସନ୍ତା ୨୦୨୨ ମସିହାରେ ରାଜ୍ୟରେ ପଂଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହେବ । ପଂଚାୟତ ଓ ପୌର ନିର୍ବାଚନ ସମ୍ବନ୍ଧୀୟ ଆଲୋଚନାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ତଥା ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଏବଂ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ବିସ୍ତୃତ ଆଲୋଚନା କରିଥିଲେ ।

# ଜୁଲାଇ ୧୫ରୁ ଅଗଷ୍ଟ ୧୬ ଯାଏଁ ଖରିଫର ଧାନସଂଗ୍ରହ ପାଇଁ ପଂଜୀକରଣ

ଭୁବନେଶ୍ୱର,୧୨/୭ (ନି.ପ୍ର): ଚଳିତ ଖରିଫରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାନସଂଗ୍ରହ ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଚାଷୀମାନଙ୍କର ନାମ ପଂଜୀକରଣ କାର୍ଯ୍ୟ ଜୁଲାଇ ୧୫ ତାରିଖରୁ ଆରମ୍ଭ ହେବ। ଏହା ଅଗଷ୍ଟ ମାସ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଖରିଫ ଧାନ ବିକ୍ରି ନିମନ୍ତେ ଇଚ୍ଛୁକ ସମସ୍ତ ଚାଷୀଙ୍କୁ ସାନି ନାମ ପଂଜୀକରଣ କରିବାକୁ ପଡ଼ିବ। ପୂର୍ବ ପଂଜୀକରଣ ନବୀକରଣ ହେବ ନାହିଁ। ଚାଷୀମାନଙ୍କୁ ସେମାନଙ୍କର ଜମିଜମା, ବ୍ୟାଙ୍କ ଆକାଉଂଟ, ଆଧାର କାର୍ଡ, ମୋବାଇଲ୍ ନମ୍ବର ଆଦି ସମସ୍ତ ତଥ୍ୟ ଦାଖଲ କରବାକୁ ପଡ଼ିବ। ଯେଉଁ ଚାଷୀମାନେ ଚଳିତ ଖରିଫରେ ସେମାନଙ୍କର ବଳକା ଧାନ ସରକାରଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିବାକୁ ଇଚ୍ଛୁକ ସେମାନଙ୍କୁ ନିକଟବର୍ତ୍ତୀ ସୋସାଇଟିରେ ନାମ ପଂଜୀକରଣ କରିବାକୁ ପଡ଼ିବ। ଅଧିସ୍ୱୀକୃତ ପ୍ୟାକ୍ସ/ଲ୍ୟାମ୍ପସ୍, ମହିଳା ସହାୟକ ଗୋଷ୍ଠୀ, ପାଣି ପଂଚାୟତ ରେ ନିଜ ନିଜ ଅଂଚଳ ନିମନ୍ତେ ଚାଷୀଙ୍କ ନାମ ରେ ଜିଷ୍ଟ୍ରେସନ୍ କରାଯିବ। ସୋସାଇଟିରେ ଧାନ ବିକ୍ରି କରିବା ନିମନ୍ତେ ପୂର୍ବରୁ ନାମ ରେଜିଷ୍ଟ୍ରେସନ୍ କରାଇବା ବାଧ୍ୟତାମୂଳକ। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏହି ମର୍ମରେ ଏକ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇ ସମସ୍ତ ଜିଲ୍ଲାପାଳମାନଙ୍କୁ ପଠାଯାଇଛି। ସମସ୍ତ ୩୦ଟି ଜିଲ୍ଲାରେ ଚାଷୀ ନାମପଂଜୀକରଣ କରାଯିବ।

ଏହି ପରିପ୍ରେକ୍ଷୀରେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଏକ ନିର୍ଭୁଲ ଓ ଯୋଗ୍ୟ ଚାଷୀ ନାମ ପଂଜୀକରଣ ତାଲିକା ପ୍ରସ୍ତୁତ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀମାନେ ଯେପରି ସୁବିଧାରେ ଫର୍ମ ପୂରଣ କରିପାରିବେ ସେଥି ନିମନ୍ତେ ପ୍ରତ୍ୟେକ ସୋସାଇଟିରେ ଏକ ହେଲ୍ପ ଡେସ୍କ ରହିବ। ନାମ ପଂଜୀକରଣ ତଥ୍ୟ ସମ୍ବନ୍ଧୀୟ କୌଣସି ଆପତି-ଅଭିଯୋଗ ଆସିଲେ ତାହାର ତୁରନ୍ତ ଶୁଣାଣି କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥି ସହିତ ଯାଂଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ପ୍ରତ୍ୟେକ ସୋସାଇଟିରେ ଚାଷୀ ପଂଜୀକରଣ ଫର୍ମ ଚାଷୀମାନଙ୍କୁ ବିନାମୂଲ୍ୟରେ ଯୋଗାଇ ଦିଆଯିବ। ଚାଷୀମାନେ ଫର୍ମରେ ନିର୍ଭୁଲ ତଥ୍ୟ ପ୍ରଦାନ କରିବେ । କେହି ଭୁଲ ତଥ୍ୟ ପ୍ରଦାନ କଲେ ଧାନସଂଗ୍ରହ ପ୍ରକ୍ରିୟାରୁ ବାଦ ପଡ଼ିବେ ଏବଂ ଏହାକୁ ଅପଲୋଡ୍ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚାଷୀମାନେ ଫର୍ମ ପୂରଣ କରିବା ପରେ ଫର୍ମ ସହିତ ଜମିପଟ୍ଟାର ନକଲ, ବ୍ୟାଙ୍କ ପାସ୍ ବହିର ପ୍ରଥମ ପୃଷ୍ଠା କପି, ଆଧାର କାର୍ଡର ନକଲ ଦାଖଲ କରିବେ। ଏଥି ସହିତ ଚାଷୀଙ୍କୁ ନିଜର କିମ୍ବା ପରିବାରର ଯେକୌଣସି ସଦସ୍ୟଙ୍କ ମୋବାଇଲ ଫୋନ୍ ନମ୍ବର ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଅବୈଧ ଆଧାର କାର୍ଡ ନମ୍ବର ଥିବା ଚାଷୀ ରେଜିଷ୍ଟ୍ରେସନ୍ ଫର୍ମକୁ ନାମ ପଂଜୀକରଣ ନିମନ୍ତେ ବିବେଚନା କରାଯିବ ନାହିଁ। ଏଥି ସହିତ ଚାଷୀ ଚଳିତ ଖରିଫରେ କେତେ ଜମିରେ ଧାନ କରିଛନ୍ତି ତାହାର ପ୍ରକୃତ ତଥ୍ୟ ଦେବାକୁ ପଡ଼ିବ। ଚାଷୀ କେବେ ମଣ୍ଡିକୁ ଧାନ ଆଣିବେ, ତାହାର ସମୟ ମଧ୍ୟ ଉଲ୍ଲେଖ କରିବେ। ଭାଗଚାଷୀଙ୍କୁ ରେଜିଷ୍ଟ୍ରେସନ୍ ଫର୍ମ ସହିତ ଜମି ମାଲିକଙ୍କର ସମ୍ମତି ପତ୍ର ଦାଖଲ କରିବାକୁ ପଡ଼ିବ। ଏଥି ସହିତ ଭାଗଚାଷୀଙ୍କୁ ଜମି ମାଲିକ ଙ୍କ ଆଧାର କାର୍ଡ଼ର ନକଲ ଏବଂ ମୋବାଇଲ ନମ୍ବର ଦାଖଲ କରିବାକୁ ପଡ଼ିବ । ଜମି ମାଲିକମାନଙ୍କ ସମ୍ମତି ପତ୍ର ବିନା ଭାଗଚାଷୀଙ୍କ ନାମ ପଂଜୀକୃତ ହୋଇପାରିବ ନାହିଁ।

ସୋସାଇଟି ସଂପାଦକମାନେ ରେଜିଷ୍ଟ୍ରେସନ୍ ଫର୍ମରେ ଦିଆଯାଇଥିବା ତଥ୍ୟ ଏବଂ ଦାଖଲ କରାଯାଇଥିବା ତଥ୍ୟ ଯାଂଚ କରିସାରିବା ପରେ ଏହାକୁ ସୋସାଇଟିରେ ଡିଜିଟାଇଜ କରାଯିବ। ସମସ୍ତ ରେଜିଷ୍ଟ୍ରେସନ୍ ଫର୍ମର ଡିଜିଟାଇଜେସନ୍ କାର୍ଯ୍ୟ ଜୁଲାଇ ୧୮ ତାରିଖରୁ ଆଗଷ୍ଟ ୨୨ ତାରିଖ ମଧ୍ୟରେ ଶେଷ ହେବ। ନିର୍ଭୁଲ ନାମ ପଂଜୀକରଣ କରିବା ନିମନ୍ତେ ସୋସାଇଟି ଏବଂ ପର୍ଯ୍ୟବେକ୍ଷଣ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ରେଜିଷ୍ଟ୍ରେସନ୍ କାର୍ଯ୍ୟକୁ ତ୍ୱରାନ୍ୱିତ ଏବଂ ତଦାରଖ କରିବା ନିମନ୍ତେ ଡିଆରସିଏସ୍,ଏଆରସିଏସ୍, ଡିଏସ୍‌ଡବ୍ଲ୍ୟୁ, ମିଶନ ଶକ୍ତି କୋଅର୍ଡିନେଟର, ସିଏସ୍‌ଓ, ଏସିଏସ୍‌ଓ, ଯୋଗାଣ ନିରୀକ୍ଷକ ପ୍ରମୁଖ ତଦାରଖ ଦାୟିତ୍ୱରେ ରହିବେ।

ଭୂଲେଖରେ ଉଲ୍ଲିଖିତ ହୋଇନଥିବା ଜମିଜମାର ତଥ୍ୟ, ବ୍ୟାଙ୍କ ଆକାଉଂଟ, ଜଳସେଚିତ ଜମି ଏବଂ ଭାଗଚାଷୀ ସମ୍ବନ୍ଧୀୟ ସମସ୍ତ ତଥ୍ୟର ଯାଂଚ ପ୍ରକ୍ରିୟା ଆଦି କାର୍ଯ୍ୟ ସେପେଟମ୍ବର ୭ ତାରିଖ ସୁଦ୍ଧା ଶେଷ ହେବ ଏବଂ ସେପେଟମ୍ବର ୩୦ ତାରିଖ ସୁଦ୍ଧା ଚାଷୀ ନାମପଂଜୀକରଣର ଚୂଡ଼ାନ୍ତ ମାଷ୍ଟର ତାଲିକା ପ୍ରସ୍ତୁତ କରାଯିବ । ରେଜିଷ୍ଟ୍ରେସନ୍ କାର୍ଯ୍ୟ ସମୟରେ ସୋସାଇଟିରେ କୋଭିଡ୍ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଓ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଟ୍ରଷ୍ଟର ୬ଷ୍ଠ ସ୍ୱନକ୍ଷତ୍ର ଦିବସ ଓ ୭୨ତମ ବନମହୋତ୍ସବ ପାଳନ ଉତ୍ସବ

ଭୁବନେଶ୍ୱର,୧୨/୭ (ନି.ପ୍ର): ଆଜି ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନର ସ୍ୱନକ୍ଷତ୍ର ଦିବସ ପାଳନ ସହ ୭୨ତମ ବନମହୋତ୍ସ୍ୱ, ଖାରବେଳ ନଗରସ୍ଥିତ ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ପଞ୍ଚାନନ କାନୁନଗୋ (ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ) । ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା-(ପୂର୍ବତନ ମେୟର ତଥା ବିଧାୟକ) , ଓ ଶ୍ରୀମତି ସଂଗୀତା ଦାସ(ଶିକ୍ଷୟିତ୍ରୀ ତଥା ଧର୍ମପତ୍ନୀ ଗଣଶିକ୍ଷାମନ୍ତ୍ରୀ), ମୁଖ୍ୟବକ୍ତା ପ୍ରଫେସର ପ୍ରସନ୍ନ ପାଟ୍ଟଶାଣୀ(ପ୍ରାକ୍ତନ ସାଂସଦ ତଥା ବିଶିଷ୍ଟ କବି ଓ ସମାଜସେବୀ) , ଡଃ ରଜନୀ ରଞ୍ଜନ ଦାଶ(ସଭାପତି,ନିଶିଗନ୍ଧା ସାହିତ୍ୟ ସଂସଦ ଓ ଚଳଚିତ୍ର ଲେଖକ)ନିଶିଗନ୍ଧା ପଥପ୍ରଦର୍ଶକ ଶ୍ରୀଯୁକ୍ତ ପଦ୍ମନାଭ ତ୍ରିପାଠୀ(ପ୍ରଧାନ ଶିକ୍ଷକ,ସୁବକ୍ତା ତଥା ସାହିତ୍ୟାନୁରାଗୀ), ଇତ୍ୟାଦି ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସାଫଲ୍ୟମଣ୍ଡିତ କରିଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ସ୍ୱାଗତ ସଂଗୀତ ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା । ପରେ ପରେ ଅତିଥି ଆମନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନାରୀ ସଶକ୍ତିକରଣ ସଂଗଠନ ର ସଭାପତି କୌଶଲ୍ୟା ବେଉରିଆ ଅତିଥି ମାନଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ । ତତପରେ ଆଜି ସଭାର ସଭାପତି ଶିକ୍ଷକ ଶ୍ରୀଯୁକ୍ତ ଚକ୍ରଧର ତ୍ରିପାଠୀ(ବିଶିଷ୍ଟ ସମାଜସେବୀ) ମହୋଦୟ ସଂଗଠନ ର ସଭାପତିତ୍ୱ କରିଥିଲେ । ସଭା ଆରମ୍ଭରେ ଶ୍ରୀଯୁକ୍ତ ଚକ୍ରଧର ସାର ମହୋଦୟ ସଭାର ଆଭିମୁଖ୍ୟ କୁ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଞ୍ଚାନନ କାନୁନଗୋ ମହୋଦୟ ନିଶିଗନ୍ଧାର ଉତରୋତ୍ତର ଉନ୍ନତି କାମନା କରିବା ସହିତ ଆଜିର ଦିନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏକ ମହତ କାର୍ଯ୍ୟ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତିଷ୍ଠାନ ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ବଳରାମ ତରାଇ ମହୋଦୟ କାର୍ଯ୍ୟକ୍ରମ ର ମହତ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ଆଲୋକପାତ କରିଥିଲେ । ନିଶିଗନ୍ଧା ପ୍ରତିଷ୍ଠାନ ପରିବାରର ମୁଖ୍ୟ ସମ୍ପାଦିକା ନିଶିଗନ୍ଧା ଖବର କାଗଜ ର ସମ୍ପାଦିକା ଶ୍ରୀମତୀ ସରସ୍ୱତୀ ନାୟକ, ରାଜ୍ୟ ମୁଖ୍ୟ ପୃଷ୍ଠପୋଷକ କରୁଣାକର ମଲ୍ଲିକ ,ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନର ଉପସଭାପତି ଗୋବିନ୍ଦ ଚନ୍ଦ୍ର ଫାରକ ,ନିଶିଗନ୍ଧା ଖବର ସହ ସମ୍ପାଦକ ସନ୍ତୋଷ କୁମାର ପାଢୀ,ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଉପସଭାପତି-ଚକ୍ରଧର ତ୍ରିପାଠୀ, ରାଜ୍ୟ ପୃଷ୍ଠପୋଷକ ଇଂ ଶ୍ରୀମତି ଅର୍ଚ୍ଚନା ଦାଶ , ଶ୍ରୀଯୁକ୍ତ ଦୁଷ୍ମନ୍ତ ସାହୁ(କବି) ଇତ୍ୟାଦି ବ୍ୟକ୍ତିବିଶେଷ ଉପସ୍ଥିତ ରହି ସେମାନଙ୍କର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଗୋଟିଏ ଗଛ କୋଟିଏ ଜୀବନ କୁ ଆଧାର କରି ଅତିଥିମାନଙ୍କ ସହଯୋଗରେ ବୃକ୍ଷରୋପଣ ପରି ମହତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଯାହା ସମସ୍ତଙ୍କ ମନରେ ଉଲ୍ଲାସ ଆଣିଦେଇଥିଲା । ସର୍ବଶେଷରେ ରେ ସଭାପତି ମହୋଦୟ ଧନ୍ୟବାଦ ପୂର୍ବକ ସଭାକାର୍ଯ୍ୟକୁ ସାଙ୍ଗ କରାଇଥିଲେ ।

# ଦାରୁକ୍ଷେତ୍ରରେ ରଥ ଉପରେ ପୂଜା ପାଇଲେ

ଭୁବନେଶ୍ୱର,୧୨/୭ (ନି.ପ୍ର): ଶ୍ରୀଜଗନାଥଙ୍କ ଦାରୁ ପ୍ରାପ୍ତି ହୋଇଥିବା ସ୍ଥାନ ଦଧିମାଛ ଗାଡ଼ିଆ ତଥା ଦାରୁ କ୍ଷେତ୍ରରେ ଶ୍ରୀଜଗନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବେଢ଼ା ଭିତରେ କୋଭିଡ୍ କଟକଣାରେ ରଥଯାତ୍ରା ହୋଇଥିଲା । ଶ୍ରୀଜଗନ୍ନାଥ ମନ୍ଦିରରୁ ପହଣ୍ଡି କରି ରଥରେ ବିରାଜମାନ କରାଯାଇଥିଲା । ପରେ ମାନସ ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଛେରା ପହଁରା ସମ୍ପାଦନା କରିଥିଲେ । ପରେ ଠାକୁରଙ୍କୁ ବିଧ ଅନୁଯାୟୀ ପୂଜା ପରେ ମନ୍ଦିର ବେଢ଼ାରେ ରଥ ଗଡଡ଼ିବା ପରେ ମନ୍ଦିର ପରିସରରେ ଏକ ଠାକୁର ଘରକୁ ଠାକୁରଙ୍କୁ ନିଆଯାଇଥିଲା । ଏହାକୁ ମଧୁସୂଦନ ବିଶ୍ୱାଳ, ଜୀବନଜ୍ୟୋତି ମିଶ୍ର, ସୁଧୀର କୁମାର ମାନସିଂହ, ମହେଶ ପଟ୍ଟନାୟକ, ନୃସିଂହ ପଟ୍ଟନାୟକ ଓ ସଭ୍ୟମାନେ ପରିଚାଳଣା କରିଥିଲେ ।



## କରୋନାରୁ ସାମାନ୍ୟ ଆଶ୍ୱସ୍ତି: ରାଜ୍ୟରେ ଆଜି ୧୯୯୩ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୨/୭ (ନି.ପ୍ର): କରୋନା ନେଇ ରାଜ୍ୟବାସୀଙ୍କୁ ଆଜି ସାମାନ୍ୟ ଆଶ୍ୱସ୍ତିକର ଖବର ମିଳିଛି । ରାଜ୍ୟରେ ଆଜି ୧୯୯୩ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଚନ୍ତି । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ଆଜି ଚିହ୍ନଟ ହୋଇଥିବା ପଜିଟଭ ମଧ୍ୟରୁ ସଂଗରୋଧରୁ ୧୧୫୪ ଓ ସ୍ଥାନୀୟ ଅଂଚଳରୁ ୮୩୯ ଜଣ ଆକ୍ରାନ୍ତ ଅଛନ୍ତି । ରାଜ୍ୟ ସରକାରଙ୍କ କହିବା ଅନୁସାରେ ଆଜି ମୟୂରଭଂଜରୁ ୧୧୦, ନବରଂଗପୁରରୁ ୧୫, ନୟାଗଡ଼ରୁ ୭୮, ନୂଆପଡ଼ାରୁ ୬, ପୁରୀରୁ ୧୪୪, ରାୟଗଡ଼ାରୁ ୨୪, ସମ୍ବଲପୁରରୁ ୧୪, ସୁବର୍ଣ୍ଣପୁରରୁ ୧୭, ରାଜ୍ୟପୁଲରୁ ୫୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ବୌଦ୍ଧ ଜିଲ୍ଲାରୁ ୧୦, କଟକରୁ ୨୯୭, ଦେବଗଡ଼ରୁ ୫, ଢେଙ୍କାନାଳରୁ ୪୪, ଗଜପତିରୁ ୫, ଗଂଜାମରୁ ୧୩, ଜଗତସିଂହପୁରରୁ ୮୯, ଯାଜପୁରରୁ ୧୪୧, ଝାରସୁଗୁଡ଼ାରୁ ୧୦, କଳାହାଣ୍ଡିରୁ ୮, କନ୍ଧମାଳରୁ ୧୩, କେନ୍ଦ୍ରାପଡ଼ାରୁ ୨୯, କେନ୍ଦୁଝରରୁ ୩୫, ଖୋର୍ଦ୍ଧାରୁ ୩୨୨, କୋରାପୁଟରୁ ୩୧, ମାଲକାନଗିରିରୁ ୪୨, ଅନୁଗୁଳରୁ ୫୮, ବାଲେଶ୍ୱରରୁ ୧୮୧, ବରଗଡ଼ରୁ ୧୯, ଭଦ୍ରକରୁ ୮୬ ଓ ବଲାଙ୍ଗୀରରୁ ୧୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସୂଚନାଯୋଗ୍ୟ, ରାଜ୍ୟରେ ଏପର୍ଯ୍ୟନ୍ତ ୧ କୋଟି ୪୬ ଲକ୍ଷ ୪୧ ହଜାର ୨୪୧ ଜଣଙ୍କର ନମୁନା ପରୀକ୍ଷା କରାଯାଇଛି । ଏଥିରୁ ୯ ଲକ୍ଷ ୪୧ ହଜାର ୭୪୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୯ ଲକ୍ଷ ୧୨ ହଜାର ୪୬୩ ଜଣ ଲୋକ ସୁସ୍ଥ ହୋଇଥିବା ବେଳେ ୨୪ ହଜାର ୫୬୭ ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି।

# ସେବାୟତଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟ ପ୍ରଶାସକ

ପୁରୀ,୧୨/୦୭ (ନି.ପ୍ର): ସେବାୟତ ମାନଙ୍କ ସହଯୋଗ ଯୋଗୁଁ ଚଳିତ ବର୍ଷ ର ରଥଯାତ୍ରା ସୁରୁଖୁରୁ ରେ ସଂପର୍ଣ୍ଣ ହୋଇଥିବାରୁ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଶ୍ରୀମନ୍ଦିର ସେବାୟତ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ପୁଲିସ ମହାନିର୍ଦ୍ଦେଶକ ଅଭୟ ରଥଯାତ୍ରା ରେ ନିୟୋଜିତ ପୁଲିସ କର୍ମଚାରୀ ମାନଙ୍କ କର୍ତବ୍ୟ ନିଷ୍ଠା କୁ ପ୍ରଶଂସା କରିଛନ୍ତି। କୋଭିଡ୍ କଟକଣା ପାଳନ କରି ରଥଯାତ୍ରା କୁ ସୁରୁଖୁରୁରେ ସଂପର୍ଣ୍ଣ କରିବା ଲାଗି ରାଜ୍ୟବାସୀ ଓ ବିଶେଷ କରି ପୁରୀ ସହରବାସୀ ଯେଉଁ ସହଯୋଗ କରିଛନ୍ତି ସେଥିଲାଗି ଶ୍ରୀଅଭୟ ସମସ୍ତ ଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେବକ ମାନଙ୍କ ଯୋଗୁଁ ଚଳିତ ବର୍ଷ ରଥଯାତ୍ରା ସୁରୁଖୁରୁ ରେ ସଂପର୍ଣ୍ଣ ହୋଇଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥି ସହିତ ରଥ ନିର୍ମାଣ ରେ ନିୟୋଜିତ ସେବାୟତ , ପୁଲିସ ପ୍ରଶାସନିକ ଅଧିକାରୀ ଓ ରଥଯାତ୍ରା ସହିତ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀ ଙ୍କ ସମେତ ପୁରୀ ସହରବାସୀ ଙ୍କ ସହଯୋଗ ଲାଗି ମୁଖ୍ୟ ପ୍ରଶାସକ କୃତଜ୍ଞତା ଜଣାଇଛନ୍ତି।

# ସ୍ୱର୍ଗତ ବୈଷ୍ଣବ ଚରଣ ମହାନ୍ତିଙ୍କ ଏକାଦଶାହ ଅନୁଷ୍ଠିତ




ପାରାଦୀପ ତା୧୨/୦୭ ଦୈନିକ ଖବର କାଗଜ "ସମାଜ" ପାରାଦୀପର ବ୍ୟବସାୟିକ ଦାୟୀତ୍ୱ ସହ ଦୀର୍ଘ ଚାରୀ ଦଶନ୍ଧି ଧରି ଜଡିତ ଥିବା ସ୍ୱର୍ଗତ ବୈଷ୍ଣବ ଚରଣ ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ବଡପଡିଆ ଠାରେ ଆୟୋଜିତ ହୋଇଥିଲା । ପାରାଦୀପ ଖବର କାଗଜ ବିତରକ ସଂଘର ସଂପାଦକ ବାଳକୃଷ୍ଣ ସୂତାର, ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କର ସ୍ମୃତିଚାରଣ କରିଥିଲେ । ଏହି ପରିପ୍ରେକ୍ଷୀରେ ମହାପ୍ରସାଦ ବିତରଣ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଜେଡ଼ି ....

ଛାତ୍ର ଶ୍ରମଦାନ କରି ନିଜ ଘରର କାମ ଭାବି ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ଏହା ମାଧମରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ସେବା ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଆହ୍ୱାନ କରୁଛି। ଏହି ଶୁଭ ଅବସରରେ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତିଙ୍କ ପଦକ୍ଷେପକୁ ଦଳର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ସ୍ୱାଗତ କରିଛନ୍ତି । ସେ କହିଛନ୍ତି ଯେ ପ୍ରତ୍ୟେକ ବିଜେଡ଼ି ସଦସ୍ୟ ଏବଂ ପ୍ରେମୀଙ୍କ ତରଫରୁ ମୁଁ କୃତଜ୍ଞତା ଓ ଅଭିନନ୍ଦନ ଜଣାଉଛି । ଦଳର ଯୁବ ଓ ଛାତ୍ର ଶ୍ରମ ଦାନ କରି ନିଜ ଘରର କାମ ଭାବି ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବେ । ଏହା ମାଧମରେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସେବା କରିବାକୁ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତା ନିଜକୁ ସମର୍ପିତ କରିବେ ।

## ପିଲାମାନଙ୍କ ପାଇଁ କୋଭିଡ ଟିକା....

ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଛି । ଯଦି ଏହି ଟିକାକୁ ଭାରତରେ ଜରୁରୀକାଳୀନ ବ୍ୟବହାର ପାଇଁ ମଞ୍ଜୁରୀ ମିଳୁଛି ତେବେ ଏହା ବିଶ୍ୱର ପ୍ରଥମ ଡିଏନଏ ଆଧାରିତ ଟିକା ଓ ଭାରତରେ ୫ମ ଟିକା ଭାବେ ଲୋକମାନଙ୍କ ଠାରେ ବ୍ୟବହାର ହେବ । ଜାଇଡସ ପକ୍ଷରୁ କୁହାଯାଇଛି କି କୋଭିଡର ନୂଆ ସ୍ୱରୂପ ଉପରେ ଏହା ବେସ୍ ପ୍ରଭାବଶାଳୀ ରହିବ । କୋଭାକ୍ସିନ ପରେ ଜାଇକୋଭି-ଡି ଭାରତରେ ଦ୍ୱିତୀୟ ବିକଶିତ ଟିକା । ଜାଇକୋଭି-ଡି ଟିକା ଲୋକଙ୍କ ଠାରେ ୩ ଟି ପର୍ଯ୍ୟାୟରେ ଦିଆଯିବ । ଏହି ଟିକାର ପ୍ରଥମ ଖୋରାକ ନେବାର ୨୮ ଦିନ ପରେ ଦ୍ୱିତୀୟ ଓ ୫୬ ଦିନ ପରେ ତୃତୀୟ ଖୋରାକ ନେବାକୁ ହେବ । ଡିସିଜିଆଇ ୨୦୨୦ ଜୁଲାଇମାସରେ ଜଇଡସ କାଡିଲାର ଟିକାକୁ ମାନବ ପରୀକ୍ଷଣ ପାଇଁ ଅନୁମତି ଦେଇଥିଲା । ସେହି ସମୟରେ କମ୍ପାନୀ ପକ୍ଷରୁ କୁହାଯାଇଥିଲା କି ଜାଇକୋଭି-ଡି ୨୦୨୧ ଜୁନ ମାସ ସୁଦ୍ଧା ବଜାରରେ ଉପଲବ୍ଧ ହେବ ।

# କୋଭିଡ୍ ଗାଇଡ୍ ଲାଇନ୍ ମଧ୍ୟରେ ଗୁଣ୍ଡିଚା ନୀତି ସମ୍ପନ୍ନ

ପାରାଦୀପ,୧୨/୦୭ (ନି.ପ୍ର): କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରି ପାରାଦୀପ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜିୟୁ ମାନଙ୍କର ଗୁଣ୍ଡିଚା ନୀତି ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ସମାଜର ଅଧକ୍ଷ ତଥା ପାରାଦୀପ ବନ୍ଦରର ଅଧକ୍ଷ ବିନୀତ୍ କୁମାର ଶ୍ରୀଜିୟୁ ମାନଙ୍କର ଗୁଣ୍ଡିଚା ନୀତି କରିଥିଲେ । ଜଗନ୍ନାଥ ମନ୍ଦିର ଭିତରେ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କର ଯଥାବିଧି ପୂଜା ସମ୍ପନ୍ନ ହୋଇଥିଲା । ସ୍ୱଳ୍ପ ସଂଖ୍ୟକ ସେବାୟତ ଯୋଗ ଦେଇ ବିଧି ରକ୍ଷା ପୂର୍ବକ ନୀତିକାନ୍ତି ସମାପନ କରିଥିଲେ ।

# ପ୍ରସାଶନିକ ଅବହେଳା ପାଇଁ ରଙ୍ଗ ହୋଇପାରିଲାନି ବାରିପଦା ଜଗନ୍ନାଥ ମନ୍ଦିର

## ସ୍ଥାନୀୟ ଭକ୍ତ ଓ ଜନତା ରାସ୍ତାରୋକ କରି ଜଣାଇଲେ ପ୍ରତିବାଦ




ବାରିପଦା,୧୨/୦୭ (ନି.ପ୍ର): ରଥଯାତ୍ରା ରେ ଖାଁ ଖାଁ ଲାଗୁଛି ୨ୟ ଶ୍ରୀକ୍ଷେତ୍ର ବାରିପଦାର ପ୍ରସିଦ୍ଧ ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ମନ୍ଦିର । ଏନେଇ ବାରିପଦା ବାସୀ ତଥା ଭକ୍ତ ସମାଜଙ୍କ ଭିତରେ ଅଶାନ୍ତିକର ପରିବେଶ ଖେଳି ଯାଇଛି । ଜିଲ୍ଲା ପ୍ରସାଶନ ତଥା ବାରିପଦା ଉପଜିଲ୍ଲାପାଳଙ୍କ ଅଧିନରେ ଥିବା ଦେବତ୍ତୋର ବିଭାଗର ଖାମଖିଆଲି ତଥା ବେପରୁଆ ମନଭାବ ପାଇଁ ଏଭଳି ଅନୀୟମିତତା ହୋଇଥିବାର ଅଭିଯୋଗ କରି ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି ବାରିପଦାର ଭକ୍ତ ସମାଜ ଓ ବୁଦ୍ଧିଜିବୀ । ଆଜି ସଂଧ୍ୟାରେ ବାରିପଦା ବଡଦାଣ୍ଡରେ ସ୍ଥାନୀୟ ଭକ୍ତ ତଥା ମହିଳା କଂଗ୍ରେସର ଜିଲ୍ଲା ସଭାନେତ୍ରୀ ସୁସ୍ମିତା ଘୋଷାଲ, ନଗର କଂଗ୍ରେସ ସଭାପତି ଶାନ୍ତନୁପାଲ ପ୍ରମୁଖଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀମାନେ ରାସ୍ତା ରୋକ କରି ପ୍ରତିବାଦ ମଧ ଜଣାଇଛନ୍ତି । ଅନ୍ୟପଟେ ଏଭଳି ଅବ୍ୟବସ୍ଥା ଭିତରେ ରଥଯାତ୍ରା ବିଧି ପାଳନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବାରିପଦା ବିଧାୟକଙ୍କ ସମେତ ବହୁ ଭକ୍ତ ଓ ବୁଦ୍ଧିଜିବୀ ।

# ସେବାୟତଙ୍କ ବେଶରେ କଡନ ଭିତରେ ବାହାର ଲୋକ

ପୁରୀ,୧୨/୦୭ (ନି.ପ୍ର): ପୁଲିସର ବ୍ୟାପକ ସୁରକ୍ଷା ବଳୟ ସତ୍ୱେ କେତେକ ଅଣସେବାୟତ ସେବାୟତ ଙ୍କ ବେଶରେ ପହଣ୍ଡି ସମୟରେ କଡନ ମଧକୁ ପ୍ରବେଶ କରିଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେକ ଙ୍କୁ ପୁଲିସ କଡନ ମଧ୍ୟରୁ ବାହାର କରିଥିବା ମଧ ଦେଖିବାକୁ ମିଳିଥିଲା।

# ନାଭି ମୁମ୍ବାଇରେ ରଥଯାତ୍ରା

ମୁମ୍ବାଇ/ଭୁବନେଶ୍ୱର,୧୨/୦୭ (ନି.ପ୍ର): ନାଭି ମୁମ୍ବାଇର ସେକ୍ଟର ୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ କୋଭିଡ୍ କଟକଣାରେ ମନ୍ଦିର ବେଢ଼ାରେ ରଥରେ ପୂଜା ହୋଇଥିଲା। ଏହି ଅବସରରେ ଠାକୁରଙ୍କ ନୀତି ପୂଜା କରାଯିବା ସହ ଶ୍ରୀଜିଉଙ୍କ ନିକଟରେ ଓଡ଼ିଆ ପୁଅ ରାମ ପ୍ରସାଦ ମୁଦୁଲିଙ୍କ ଦ୍ୱାରା ଛେରା ପହଁରା ସଂପାଦିତ ହୋଇଥିଲା । ଏହି ସ୍ଥାନରେ ଠାକୁରଙ୍କୁ ଦେଖିବାକୁ ବହୁ କଟକଣା କରାଯାଇଥିଲା । କେବଳ ପାରମ୍ପରିକ ଘଂଟ ବାଦ୍ୟରେ ପୂଜା କରାଯାଇଥିଲା । ଏଥିରେ ସତ୍ୟବ୍ରତ ପଟ୍ଟନାୟକ, ରତନ ପଟ୍ଟନାୟକ, ଓ ବସନ୍ତ ପଣ୍ଡା ଆଦି ପରିଚାଳନା କରିଥିଲେ ।

# ରାଜଧାନୀରେ ୨୪ ଘଂଟାରେ ୨୭୧ ପଜିଟିଭ୍

ଭୁବନେଶ୍ୱର,୧୨/୦୭ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ସାମାନ୍ୟ ହ୍ରାସ ପାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ସୋମବାର ଦିନ ଆଉ ୨୭୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୬୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୦୩ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୮୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଓଲ୍ଡଟାଉନ୍ ରୁ ସର୍ବାଧିକ ୧୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରି ଓ ନୟାପଲ୍ଲୀ ରୁ ୧୨ ଜଣ ଲେଖାଏଁ , ପଟିଆ ରୁ ୧୦ ଜଣ ,କଳିଙ୍ଗନଗରରୁ ୯ ଜଣ, ୟୁନିଟ୍ ୯ ,ହଂସପାଳ ଓ ଆଇଆରସି ଭିଲେଜରୁ ୮ ଜଣ ଲେଖାଏଁ , ରସୁଲଗଡ , ମଂଚେଶ୍ୱର ଓ ସାମନ୍ତରାପୁରରୁ ୭ ଜଣ ଲେଖାଏଁ, ଚନ୍ଦ୍ରଶେଖରପୁର ଓ ଡୁମଡୁମାରୁ ୬ ଜଣ ଲେଖାଏଁ, ଝାରପଡା, ପାତ୍ରପଡା, ପୋଖରିପୁଟ, ବରମୁଣ୍ଡା, ନିଳାଦ୍ରୀବିହାର, ୟୁନିଟ୍ ୮ ଓ ବାଣୀବିହାରରୁ ୫ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

# ଗୋଟିଏ ଦିନରେ ୧୯୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୨/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୪୧୭୪୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୧୨୪୬୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୪୫୬୭ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୯୩ ଜଣଙ୍କ ମଧ୍ୟରୁ ୧୧୫୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୩୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୨୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୮୧ ଜଣ, ବରଗଡ଼ରୁ ୧୯ ଜଣ, ଭଦ୍ରକରୁ ୮୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୦, କଟକରୁ ୨୯୭, ଦେବଗଡ ଜିଲ୍ଲାରୁ ୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୪ ଜଣ, ଗଜପତି ଜିଲ୍ଲାରୁ ୫ , ଗଞ୍ଜାମରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୮୯ ଜଣ, ଯାଜପୁରରୁ ୧୪୧ ଜଣ, ଝାରସୁଗୁଡ଼ାରୁ ୧୦ ଜଣ, କଳାହାଣ୍ଡିରୁ ୧୩ ଜଣ, କନ୍ଧମାଳ ଜିଲ୍ଲାରୁ ୧୩ ଜଣ. କେନ୍ଦ୍ରାପଡ଼ାରୁ ୨୯ ଜଣ, କେନ୍ଦୁଝରରୁ ୩୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୩୨୨ ଜଣ, କୋରାପୁଟରୁ ୩୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୧୦ ଜଣ, ନବରଙ୍ଗପୁରରୁ ୧୫ ଜଣ, ନୟାଗଡ଼ରୁ ୭୮ ଜଣ, ନୂଆପଡ଼ାରୁ ୦୬ ଜଣ, ପୁରୀରୁ ୧୪୪ ଜଣ, ରାୟଗଡ଼ାରୁ ୨୪ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୪ ଜଣ, ସୋନପୁରରୁ ୧୭ ଜଣ, ସୁନ୍ଦରଗଡ଼ରୁ ୭୫ ଜଣ ଓ ଷ୍ଟେଟ୍‌ପୁଲରୁ ୫୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଦିନକରେ ୧୮୧ ନୂଆ କରୋନା ସଂକ୍ରମିତ ଓ ୨୦୬ ସୁସ୍ଥ

ବାଲେଶ୍ୱର,୧୨/୦୭ (ନି.ପ୍ର): ସମଗ୍ର ରାଜ୍ୟରେ କରୋନା ସଂକ୍ରମଣ ହାର ହ୍ରାସ ପାଇ ୨ହଜାରର ନିମ୍ନରେ ପହଞ୍ଚିଥିଲେ ବି ବାଲେଶ୍ୱରରେ ପୁଣି ଉପରମୁହାଁ ହେଉଥିବା ଲକ୍ଷ୍ୟ କରାଯାଇଛି। କିଛିଦିନ ଧରି ଦୈନିକ ଦେଢ଼ଶହରୁ ତଳକୁ ରହୁଥିବା ସଂକ୍ରମଣ ହାର ଗତ ୨୪ଘଣ୍ଟା ମଧ୍ୟରେ ୧୮୧ଛୁଇଁଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୮୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରେ ୧୨ଜଣଙ୍କ ସମେତ ୧୨ ଗୋଟି ବ୍ଲକ ଓ ଅନ୍ୟ ୩ ଗୋଟି ସହରାଞ୍ଚଳରୁ ମୋଟ ୧୬୯ ଜଣ ଅଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୫,୮୪୪ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧରେ ୨୦୬ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ ୩୩,୮୮୭ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧରେ କରୋନା ଆକ୍ରାନ୍ତ ୫୩ ଓ ୩୬ ବର୍ଷୀୟ ଦୁଇ ଜଣ ପୁରୁଷ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଏବେ ୧୩୭ରେ ପହଞ୍ଚିଛି।

# ଟିଭିରେ ଘୋଷଯାତ୍ରା ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨/୦୭ (ନି.ପ୍ର): କୋଭିଡ୍ କଟକଣା ଯୋଗୁଁ ଗତବର୍ଷ ଭଳି ଚିତ ବର୍ଷ ମଧ୍ୟ ବିନା ଭକ୍ତରେ ପୁରୀରେ ଚତୁର୍ଦ୍ଧାମୂର୍ତିଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘରେ ବସି ଟେଲିଭିଜନ ପରଦାରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ସହ ଫାଇଭ୍ ଟି ସଚିବ ଭି.କେ ପାଣ୍ଡିଆନ୍ ମଧ ଟିଭି ମାଧ୍ୟମରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

# ବିଦ୍ୟୁତ ଆଘାତରେ ବଡପୁଅ ମୃତ, ସାନପୁଅ ଓ ରାଜମିସ୍ତ୍ରୀ ଗୁରୁତର



ବାଲିଆପାଳ,୧୨/୦୭ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ମଧୁପୁରା ଗ୍ରାମପ ।ୟତ ଚରବସ୍ତ କାଳରୂଇ ଗ୍ରାମରେ ଆଜି ଏକ ଅଭାବନୀୟ ଘଙ୍କବନା ଘଟିଯାଇଛି ।ନବ ନିର୍ମିତ ପକାଁଘରେ ରାଜମିସ୍ତ୍ରୀ ସହ ଦୁଇଭାଇ ମିଶି ଏକ ଲୁହା ଗ୍ରୀଲ ବସାଉଇଥିବା ବେଳେ ବିଦ୍ୟୁତ ଆଘାତରେ ବଡପୁଅ ଦୀପକ(୨୩)ଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ସାନପୁଅ ଓ ରାଜମିସ୍ତ୍ରୀ ଗୁରୁତର ଆହାତ ହୋଇ ଡାକ୍ତରଖାନାରେ ଭର୍ତୀ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ ଚରବସ୍ତ କାଳରୂଇ ଗ୍ରାମର ରାଜେନ୍ଦ୍ର ବେହେରାଙ୍କ ବଡପୁଅ ଦୀପକ ଏବଂ ସାନପୁଅ ରବୀନ୍ଦ୍ର ସେହିଗ୍ରାମର ରାଜମୁସ୍ତ୍ରୀ ଅଦୈତ ସାହୁଙ୍କ ସହ ମିଶି ତାଙ୍କ ଘରେ ଏକ ଗ୍ରୀଲ ବସାଉଥିଲେ । ଏହି ସମୟରେ ଗ୍ରୀଲ ପାଖ ଦେଇ ଯାଇଥିବା ଏକ ବିଦ୍ୟୁତ ତାର କଟିଯାଇ ଗ୍ରୀଲରେ ଲାଗିଯାଇଥିଲା । ଘଟଣାସ୍ଥଳରେ ତିନିଜଣ ଯାକ ଶକ୍ତ ବିଦ୍ୟୁତ ଆଘାତ ପାଇଥିଲେ । ଏହା ଦେଖି ଘର ଲୋକେ ବାହାରେ ଥିବା ଅଦୈଥ ଏବଂ ରବୀନ୍ଦ୍ରଙ୍କୁ ଘୋଷାରିପକାଇଥିବା ବେଳେ ବଡପୁଅ ଦୀପକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ରବିନ୍ଦ୍ର ଏବଂ ଅଦୈତକୁ ବାଲିଆପାଳ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତୀ କରାଯାଇଥିଲା । ତେବେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମାଲା ରୁଜ୍ଜୁ କରି ଶବ ବ୍ୟବ ଛେଦ କରିଛି । ଏହି ଘଟଣାକୁ କେନ୍ଦ୍ରକରି ଶୋକର ଛାୟା ଖେଳିଯାଇଛି ।

# ୧୦ ହଜାର ବର୍ଗଫୁଟର ମୁରୁଜ ଆଙ୍କି ଚର୍ଚ୍ଚାରେ ବାଲୁକାଶିଳ୍ପୀ ଅଜୟ ଘୋଷ



ଜଳେଶ୍ୱର ୧୨/୭(ନିପ୍ର) : ରାଜ୍ୟର ଶ୍ରେଷ୍ଠ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଅତୀତରେ ୮ହଜାର ବର୍ଗଫୁ ଟର ମୁରୁଜ ଚିତ୍ର ଆଙ୍କି ଚର୍ଚ୍ଚାର ପରିଧି ମଧ୍ୟକୁ ଆସିଥିବା ବେଳେ ଆଜି ଐତିହାସିକ ରାଇବଣିଆ ମାଟିର ପୁଅ ଅଜୟ କୁମାର ଘୋଷ ୧୦ ହଜାର ବର୍ଗଫୁଟର ପରିମିତ ସ୍ଥାନରେ ଜଗନ୍ନାଥ, ବଳଭଦ୍ର, ଶୁଭଦ୍ରା ଓ ୩ରଥ ଚିତ୍ର ଆଙ୍କି ଇତିହାସ ସୃଷ୍ଟି କରିଛନ୍ତି । ଆଜି ଅଜୟ କୁମାର ଘୋଷ ଭକ୍ତକବି ଦିନକୃଷ୍ଣ ଦାସଙ୍କ ଜନ୍ମପୀଠ ମୁଣୁତୁଣିଆ ଗାଁର ଦୀନକୃଷ୍ଣ ନୋଡାଲ ସ୍କୁଲ ପଡିଆରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ୩ ରଥ ଆଙ୍କିଥିବା ବେଳେ ଏହାକୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଛନ୍ତି। ପ୍ରତିକୂଳ ପାଗ ସତ୍ୱେ ଶ୍ରୀ ଘୋଷ ବାଲୁକା ଶିଳ୍ପୀ ଏପରିଏକ କାର୍ଯ୍ୟକ୍ରମରୁ ବଂଚିତ ହୋଇ ମୁରୁଜ ଆଙ୍କି ବେଶ୍ ପ୍ରଶଂସା ସାଉଁଟୁଛନ୍ତି। ଗ୍ରାମର ଯୁବକମାନେ ତଥା ମିନାଇ ଘୋଷ ଓ ଶ୍ରୀତମ ପାତ୍ରଙ୍କ ସହାୟତାରେ ଶ୍ରୀ ଘୋଷ ଏପରି ଇତିହାସ ସୃଷ୍ଟି କରିଥିବା ବେଳେ ଆୟୋଜିତ ସଭାରେ ରହିମ୍ ରଂଜନ ଦେ ସଭାପତିତ୍ୱ କରିଥିଲେ। ବିଧାୟକ ଅଶ୍ୱିନୀ ପାତ୍ର ଉଦ୍‌ଘାଟନ ଅବସରରେ ଏପରି କଳାତ୍ମକ ଶିକ୍ଷାକୁ ଆଗାମୀ ଦିନରେ ପ୍ରତ୍ସାହନ ଦିଆଯିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଂଚ ସତ୍ୟଶୁଭମ୍ ମିଶ୍ର, ସମିତି ସଦସ୍ୟ ପ୍ରତିନିଧି ପ୍ରବୋଧ ବାରିକ, ଓଷ୍ଟାର ପୂର୍ବତନ ଯୁଗ୍ମ ସଂପାଦକ ଅକ୍ଷୟ କୁମାର ମିଶ୍ର, ହିମାଂଶୁ ଘୋଷ, ସଂଜୟ ପାଳ, ଦୀପକ ବେହେରା, ଶତୃଘ୍ନ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଆଜି ଓଡିଶା, ପଶ୍ଚିମବଂଗର ବହୁ କଳାପ୍ରେମୀ ସେଠାରେ ଯୋଗ ଦେଇଥିଲାବେଳେ ଏହାକୁ ଦେଖିବାଲାଗି ପ୍ରବଳ ଜନଗହଳି ହେଉଥିବା ଦେଖିବାକୁ ମିଳିଛି ।

# ବର୍ଦ୍ଧିତ ତୈଳ, ରନ୍ଧନଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୨/୦୭(ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସୀର ନୱାଜଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅନୁଲେଖା ବୋଷାଙ୍କୁ ବିମାନ ବନ୍ଦର ଠାରେ ସ୍ୱାଗତ କରାଯିବା ସହ ବର୍ଦ୍ଧିତ ତୈଳ, ରନ୍ଧନ ଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥର ଦର ବୃଦ୍ଧି ପ୍ରତିବାଦରେ ଏୟାରପୋର୍ଟ ଛକରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଏକ ବିକ୍ଷୋଭ ପଦଯାତ୍ରା ହୋଇଥିଲା। ହସ୍ପିଟାଲ ଛକରେ ଛାତ୍ର କଂଗ୍ରେସ ନେତୃବୃନ୍ଦ ପୋଲିସ୍ ବ୍ୟାରିକେଡ଼ ଭାଙ୍ଗି ରାସ୍ତାରେ ବସି ବିକ୍ଷୋଭ କରିଥିଲେ। ଏହି ପରିପ୍ରେକ୍ଷୀରେ ୟାସୀର ନୱାଜ କହିଥିଲେ ଯେ ମୋଦିଙ୍କ 'ଆଚ୍ଛାଦିନ' ଓ ନବୀନଙ୍କ 'ବିଜୁବାବୁଙ୍କ ସ୍ୱପ୍ନ'ର ବାସ୍ତବ ରୂପ ଏବେ ଦେଶ ଓ ରାଜ୍ୟବାସୀ ଦେଖୁଛନ୍ତି। ହାଣ୍ଡିଶାଳରେ ମହାଙ୍ଗା ମାଡ଼। ପେଟ୍ରୋଲ, ଡ଼ିଜେଲ, ରନ୍ଧନ ଗ୍ୟାସର ଦରରେ ହିଟଲର ଶାସନର ପ୍ରତିଫଳନ ହୋଇଛି। ମୋଦି ଓ ନବୀନ ସାଧାରଣ ଜନତାଙ୍କ ରକ୍ତ ଶୋଷଣ କରୁଛନ୍ତି। ମୋଦି ଓ ନବୀନଙ୍କ ଅମଳରେ ଓଡ଼ିଶାବାସୀଙ୍କ ଅବସ୍ଥା ରସାତଳଗାମୀ ହୋଇଛି। ଏତଦ୍‌ଭିନ୍ନ ଶ୍ରୀ ନୱାଜ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ତୁରନ୍ତ ଟୀକାକରଣ ପାଇଁ ଦାବି କରିଛନ୍ତି। ସୁଶ୍ରୀ ଅନୁଲେଖା ବୋଷା କହିଛନ୍ତି ଯେ ମୋଦି ଓ ନବୀନଙ୍କ ରାଜତ୍ୱରେ ଓଡ଼ିଶାର ଜନସାଧାରଣ ଅତିଷ୍ଠ। ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନଗ୍ୟାସର ଦର ବୃଦ୍ଧି ବିରୁଦ୍ଧରେ ନବୀନ ବାବୁ ମୁହଁ ଖୋଲୁ ନାହାଁନ୍ତି। ତେଲ ଦର ଲିଟର ପିଛା ୪୦ ଟଙ୍କା ହେବା ଉଚିତ୍ ବୋଲି ବିଜେପି ସାଂସଦ ସୁବ୍ରମନ୍ୟମ ସ୍ୱାମୀ ଗଣମାଧ୍ୟମକୁ କହିଛନ୍ତି। କଂଗ୍ରେସ ଅମଳରେ ତେଲ ଦର ଟଙ୍କାଟେ ବଢ଼ିଲେ ବିଜେଡ଼ି ରାଜରାସ୍ତାରେ ଚିତ୍କାର କରେ, ଆଜି ଚୁପ୍ କାହିଁକି ବିଜୁ ଛାତ୍ର ଜନତା ଗରୀବ ଜନସାଧାରଣଙ୍କ ପ୍ରତି ହେଉଥିବା ଅନ୍ୟାୟର ପ୍ରତିବାଦ କରେନି। କରୋନା ସମୟରେ ଲୋକ ବରୋଜଗାର ହେଉଥିବା ବେଳେ ନବୀନ-ମୋଦି ଦର ଦାମ୍ ବୃଦ୍ଧି କରି ଲୋକଙ୍କୁ ଲୁଟୁଛନ୍ତି। ଛାତ୍ର କଂଗ୍ରେସ ଏହା ବିରୁଦ୍ଧରେ ଧାରାବାହିକ ଆନ୍ଦୋଳନ କରିବ। ଏହି କାର୍ଯ୍ୟକ୍ରମରେ ଜାତୀୟ ସଂଯୋଜକ ଆଦିତ୍ୟ ଚୌଧୁରୀ, ନିହାର ବେହେରା, ସୁନିଲ ମାଟିଆ, ପ୍ରୀତମ ପରିଜା, ନିରଞ୍ଜନ ଦାସ, ସାଗର ପଟ୍ଟନାୟକ, ପ୍ରତ୍ୟୁଷରଞ୍ଜନ ପ୍ରଧାନ, ଶିବଶକ୍ତି ଡ଼ିଗାଲ, ସମିଉଲ ହକ୍ ଓ ସନ୍ଦିପ ରାଉତରାୟ ପ୍ରମୁଖ ବହୁ ଛାତ୍ରନେତା ଅଂଶଗ୍ରହଣ କରିଥିଲେ।


e-Procurement Notice for Building Work Identification No.
04/ EERW/ BLS / 2021-22

1. Name of the Work :- Buildings
2. Total No. of Works :- 50 Nos
3. Estimated Cost :- Estimated Cost Rs 0.88 Lakh to Rs 4.42 Lakh
4. Class of Contractor :- 'D' & 'C' Class
5. Time of Completion :- 1 Month ( One Calendar Month )
6. Other Detaijls :-

| Procurement Officer | Bid Identification No | Avaliability of tender On-line for bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer Rural Works Division: Balasore | 04/ EERW/ BLS / 2021-22 | 19.07.2021 at 11.00 A.M.. | 26.07.2021 up to 5.00 P.M | 26.07.2021 up to 1.00 P.M. | 27.07.2021 at 10.00 A.M |

Further details can be seen from the web site- www.tendersodisha.gov.in

Executive Engineeer
R.W. Division, Balasore

OIPR : 25108/11/0004/2122

ବାଲେଶ୍ୱର ମଙ୍ଗଳବାର, ୧୩ ଜୁଲାଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ମହାପ୍ରଭୁ ସମଗ୍ର ମାନବଜାତିକୁ ସୁସ୍ଥ, ସୁରକ୍ଷିତ ଓ ଖୁସିରେ ରଖନ୍ତୁ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୨/୦୭ (ନି.ପ୍ର): ପବିତ୍ର ରଥଯାତ୍ରା ଉପଲକ୍ଷେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦିଲ୍ଲୀର ହଜଖାସ୍ ସ୍ଥିତ ଜଗନ୍ନାଥ ମନ୍ଦିରରେ ପରିବାର ସଦସ୍ୟଙ୍କ ସହ ରଥାରୁଢ଼ ମହାପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ନିଜକୁ କୃତାର୍ଥ ମଣିବା ସହ ଭିଡ଼ିଓ ବାର୍ତା ଜରିଆରେ ୧୩୦ କୋଟି ଭାରତୀୟ, ସାଢେ ୪ କୋଟି ଓଡିଆ ତଥା ବିଶ୍ୱର ଅଗଣିତ ଭକ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ରଥଯାତ୍ରାର ଶୁଭକାମନା ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାପ୍ରଭୁ ସମଗ୍ର ମାନବଜାତିକୁ ସୁସ୍ଥ, ସୁରକ୍ଷିତ ଓ ଖୁସିରେ ରଖନ୍ତୁ । ରଥଯାତ୍ରା କେବଳ ଗୋଟିଏ ଉତ୍ସବ ନୁହେଁ ବରଂ ଓଡ଼ିଆଙ୍କ ଭାବାବେଗର ଅବିଚ୍ଛେଦ୍ୟ ଅଙ୍ଗ । ବଡ ଦେଉଳର ରତ୍ନ ସିଂହାସନକୁ ଛାଡି ବଡଦାଣ୍ଡକୁ ବାହାରି ଆସି ଲକ୍ଷ ଲକ୍ଷ ଭକ୍ତଙ୍କ ସହିତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସହ ଏକାକାର ହେବାର ଅନନ୍ୟ ଯାତ୍ରା ହେଉଛି ପବିତ୍ର ରଥଯାତ୍ରା । କୋଭିଡ୍ ମହାମାରୀ କାରଣରୁ ଆମ ରାଜ୍ୟର ପୁରୀ ବ୍ୟତିତ ଅନ୍ୟ କେଉଁ ଠାରେ ମନ୍ଦିର ବାହାରେ ରଥଯାତ୍ରା ଅନୁଷ୍ଠିତ ହେଉନାହିଁ । ଭକ୍ତଶୂନ୍ୟ ରଥଯାତ୍ରାରେ ମଧ୍ୟ ଅଗଣିତ ଭକ୍ତ ଟିଭି ଓ ଇଂଟରନେଟ୍ ମାଧ୍ୟମରେ ମହାପ୍ରଭୁଙ୍କ ଦର୍ଶନ କରି ଆତ୍ମସନ୍ତୋଷ ପାଉଛନ୍ତି । ୧୩୦ କୋଟି ଭାରତୀୟ, ସାଢେ ୪ କୋଟି ଓଡିଆ ତଥା ବିଶ୍ୱର ଅଗଣିତ ଭକ୍ତଙ୍କ ଉପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଆଶୀର୍ବାଦ ଅଛି ଓ ଆଗକୁ ମଧ୍ୟ ରହିବ । ଏହି ପବିତ୍ର ଅବସରରେ ଓଡିଆ ଜାତିର ଇଷ୍ଟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଡ ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ଆମ ରାଜ୍ୟ, ଦେଶ ଓ ସାରା ବିଶ୍ୱବାସୀଙ୍କ ଉପରେ ଆଶୀର୍ବାଦର ବର୍ଷା କରନ୍ତୁ ଏବଂ ମହାପ୍ରଭୁ ସମଗ୍ର ମାନବଜାତିକୁ ସୁସ୍ଥ, ସୁରକ୍ଷିତ ଓ ଖୁସିରେ ରଖନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମହାପ୍ରଭୁଙ୍କ ପାଖରେ କାମନା କରିଛନ୍ତି ।

# ବାଲେଶ୍ୱରରେ ଗଡ଼ିଲାନି ଗୋଟଏ ବି ରଥ

## କେବଳ ନୀତିକାନ୍ତିରେ ସୀମିତ ରହିଲା ଘୋଷଯାତ୍ରା, ଟିଭି ପରଦାରେ ବଡ଼ଦାଣ୍ଡର ରଥଟଣା ଦେଖିଲେ ସମସ୍ତେ



ବାଲେଶ୍ୱର,୧୨/୦୭ (ନି.ପ୍ର): ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ସାଙ୍ଗକୁ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ପୁରୀ ଶ୍ରୀକ୍ଷେତ୍ର ବ୍ୟତୀତ ସମଗ୍ର ରାଜ୍ୟରେ ଘୋଷଯାତ୍ରା ବନ୍ଦ ରହିଥିବା ବେଳେ ବାଲେଶ୍ୱରରେ ବି ଏହି ନିୟମକୁ କଡ଼ାକଡ଼ି ପାଳନ କରାଯାଇଛି । ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଭଳି ବାଲେଶ୍ୱରରେ ମଧ୍ୟ କୌଣସି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଆୟୋଜିତ ହୋଇନଥିଲା । ଛୋଟବଡ଼ ରଥର ସମାହାରରେ ଜଗନ୍ନାଥମୟ ହୋଇ ଯାଉଥିବା ବାଲେଶ୍ୱର ଜିଲା ଆଜି ସମ୍ପୂର୍ଣ୍ଣ ଫାଙ୍କା ଲାଗୁଥିଲା । ପ୍ରତିବର୍ଷ ବାଲେଶ୍ୱର ସହରର ବାଣିଆ ଜଗନ୍ନାଥ ମନ୍ଦିର, ପୁଲିସଲାଇନ, ଆଜିମାବାଦ , ମଣ୍ଡଳବଜାର ସମେତ ଶୋଭାରାମପୁର, ନୂଆସାହି ଓ ଇମାମୀ ଶ୍ରୀଜଗନ୍ନାଥ ମନ୍ଦିରର ଘୋଷଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥାଏ । ପହଣ୍ଡି ବିଜେଠାରୁ ମାଉସୀମା ମନ୍ଦିରରେ ରଥ ପହଞ୍ଚିବା ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗି ରହିଥାଏ । ଏଥି ସହିତ ମାଉସୀମା ମନ୍ଦିରରେ ମହାପ୍ରଭୁଙ୍କ ୯ ଦିନ ବ୍ୟାପୀ ଦିବ୍ୟ ଉତ୍ସବରେ ସାମିଲ ହୋଇଥାନ୍ତି ଶହ ଶହ ଭକ୍ତ । ରଥଯାତ୍ରାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ତିନି ଦିଅଁଙ୍କ ଲୀଳାରେ କେବଳ ବାଲେଶ୍ୱର ସହର ନୁହେଁ ବରଂ ସମ୍ପୂର୍ଣ୍ଣ ଜିଲା ଉତ୍ସବମୁଖର ହୋଇଥାଏ । ମାତ୍ର ମହାମାରୀ କରୋନା କଟକଣା ପାଇଁ ବାଲେଶ୍ୱରବାସୀ ରାଜ୍ୟ ସରକାର ଏବଂ ଉଚ୍ଚତମ ନ୍ୟାୟାଳୟକୁ ସମ୍ମାନ ଜଣାଇ ରଥଯାତ୍ରାରୁ ନିବୃତ ହୋଇଛନ୍ତି । ରଥଯାତ୍ରା ବନ୍ଦ ହୋଇଥିଲେ ବି ଜିଲାର ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରର ସେବାୟତ ଓ ପରିଚାଳନା କମିଟି ସଦସ୍ୟମାନେ ମହାପ୍ରଭୁଙ୍କ ରୀତିନୀତି ପାଳନ କରିଥିବା ଲକ୍ଷ୍ୟ କରାଯାଇଛି । ଅନ୍ୟପକ୍ଷରେ ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ସମେତ ସାଧାରଣ ଲୋକେ ଦୂରଦର୍ଶନ ମାଧ୍ୟମରେ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଉପଭୋଗ କରିଥିଲେ ।

# ବିନାଭକ୍ତରେ ପାଳିତହେଲା ରଥଯାତ୍ରା



ବାଲିଆପାଳ,୧୨/୦୭ (ନି.ପ୍ର): କୋଭିଡ-୧୯ କଟକଣା ଯୋଗୁଁ ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ଗଡିଲାନି ତିନି ଠାକୁରଙ୍କ ରଥ । ବାଲିଆପାଳ ବଡଦାଣ୍ଡରେ ଶୁଭିଲାନି ଭକ୍ତଙ୍କ ଜୟଜଗନ୍ନାଥ ଡାକ କେବଳ ବିଧି ରକ୍ଷାପାଇଁ ମହାପ୍ରଭୁ ମନ୍ଦିର ବାହାରକୁ ଆସି ମନ୍ଦିରପରିସରରେଥିବା ଏକ ଗୃହରେ ଅବସ୍ଥାନ କଲେ । ଦେବସ୍ନାନ ନିତୀ କଟକଣା ଭିତରେ ପାଳନ ପରେ ଆଜି ରଥଯାତ୍ରାକୁ ମଧ ସେହିଭଳିଭାବେ ପାଳନ କରାଯାଇଛି । ପ୍ରଚଳିତ ରିତିନିତୀ ଅନୁସାରେ ପ୍ରତ୍ୟୁଷରୁ ଶ୍ରୀଜିଓ ମାନଙ୍କର ସମସ୍ତ ରିତିନିତୀ ସହିତ ମଙ୍ଗଳ ଆଳତୀ ସୂର୍ଯ୍ୟପୂଜା ଆଦି ଯଥା ସମୟରେ ସଂପନ୍ନ ହୋଇଥିଲା । ପରେ ଶ୍ରୀଜିଓ ମାନଙ୍କର ସ୍ୱତନ୍ତ୍ର ବେଶ କରାଯାଇ ଖେଚୁଡିଭୋଗ ଓ ଧୁପଲାଗି ସଂପନ୍ନ ହୋଇଥିଲା । ଅପରାହ୍ନ ୫ଟାରେ ସ୍ୱଳ୍ପ ସଂଖ୍ୟକ ସେବାୟତ ଏବଂ ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟମାନଙ୍କ ସହାୟତାରେ ଖଗଡାପାଳସ୍ଥିତ ଶ୍ରଦ୍ଧାକ୍ଷେତ୍ର ମନ୍ଦିରରୁ ଶଂଙ୍ଖ, ଘଣ୍ଟା, ହରିବୋଲ, ହୁଳୁହୁଳି ମଧରେ ପହଣ୍ଡିବିଜେ କରାଯାଇ ମନ୍ଦିରପରିସରରେ ଏକ ଆସ୍ଥାନରେ ଆସୀନ କରାଯାଇଥିଲା । ମନ୍ଦିରପ୍ରତିଷ୍ଠାତା ତଥା ଟ୍ରଷ୍ଟ ବୋର୍ଡର ସଭାପତି ପୂର୍ବତନ ବିଧାୟକ ଜୟନାରାୟାଣ ମହାନ୍ତି ଠାକୁର ମାନଙ୍କ ଆଗରେ ଛେରାପହଁରା କରିଥିଲେ । ପରେ ସେବାୟତମାନେ ଚଚ୍ଛୁର୍ଦ୍ଧାମୁରତୀଙ୍କୁ ଗୋଟି ପହଣ୍ଡିରେ ମନ୍ଦିର ପରିସରରେ ତିଆରି ହୋଇଥିବା ଅସ୍ଥାୟୀ ରତ୍ନବେଦୀକୁ ନେଇଥିଲେ । ବାଲିଆପାଳ ରଥଯାତ୍ରାର୪୦ ବର୍ଷରେ ପଦାର୍ପଣ କରିଛି । ଚଳିତବର୍ଷ ରଥଯାତ୍ରା ଅନୁଷ୍ଠିତ ହୋଇ ନଥିବାରୁ ଭକ୍ତଙ୍କ ମଧର ନିରାଶାଭାବ ଖେଳିଯାଇଛି ।

# ନକଲି ଏମ୍.ଭି.ଆଇ ଆର୍‌ଟିଓଙ୍କ ଚାନ୍ଦା ଆଦାୟ : ୨ ଅଟକ

ଜଳେଶ୍ୱର ୧୨/୭(ନିପ୍ର) : ୬୦ନଂ ଜାତୀୟ ରାଜପଥର ଟୁଲପ୍ଲାଜା ନିକଟରେ ବାରମ୍ବାର ଚାନ୍ଦା ଆଦାୟକୁ କେନ୍ଦ୍ର କରି ବିଭିନ୍ନ ଅଭିଯୋଗ ହେଉଥିବା ବେଳେ ନିଜକୁ ଆର୍‌ଟିଓ ଓ ଏମ୍‌ଭିଆଇ କହି ଚାନ୍ଦା ଆଦାୟ କରୁଥିବା ଯୁବକ ମାନଙ୍କ ମଧ୍ୟରୁ ପୁଲିସ୍ ଆଜି ୨ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଘଟଣାରୁ ପ୍ରକାଶ, ଗତ ରବିବାର ରାତିରେ ଓଡି୦୫ଭି୬୩୪୧ ଟ୍ରକ୍‌ରେ ବିହାରର ମହୁରାଇ ଅଂଚଳର ଡ୍ରାଇଭର ଶିବକୁମାର କଲେଡି ସାର ଧରି ପାରାଦୀପରୁ କୋଲକତା ଯାଉଥିଲେ । ଟୁଲ ପ୍ଲାଜା ନିକଟରେ ୨ ଜଣ ଯୁବକ ଡ୍ରାଇଭରକୁ ଆବଶ୍ୟକ କାଗଜପତ୍ର ମାଗିଥିଲେ । ସେଠାରେ ଥିବା ଏକ ଗାଡିରେ ଆର୍.ଟି.ଓ ଓ ଏମ୍‌ଭିଆଇ ଥିବାର ଶୁଣି ଡ୍ରାଇଭର ସମସ୍ତ କାଗଜପତ୍ର ଦେଇଥିଲା । କିନ୍ତୁ ଯୁବକମାନେ କାଗଜପତ୍ରରେ ବିଭିନ୍ନ ଅସୁବିଧା ଦର୍ଶାଇ ବିପୁଳ ଚାନ୍ଦା ମାଗିଥିଲେ । ଡ୍ରାଇଭର ଶିବକୁମାର କଲେଡିଙ୍କ ନିକଟରେ ଅଧିକ ଅର୍ଥ ନ ଥିବାରୁ ତାଙ୍କୁ ମାରଧର କରିଥିଲେ । ଶେଷରେ ତା ନିକଟରେ ଥିବା ୭ଶହ ଟଙ୍କା ଜବରଦସ୍ତ ନେଇଯାଇଥିଲେ । ସେମାନଙ୍କ ନାମ ସଂଗ୍ରହ କରି ଆଜି ଡ୍ରାଇଭର ଶ୍ରୀ କଲେଡି ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ଅନୁସନ୍ଧାନରେ ପୁଲିସ୍ ତେଘରୀ ଗାଁର ବାବି ଓରଫ ରାହୁଲ ଗିରି ଓ ସାହାଡାପଡାର ପାପା ଓରଫ ବିକ୍ରମ ଗିରିଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏହି ୨ଜଣ ବ୍ୟକ୍ତିଙ୍କ ନାମରେ ପୂର୍ବରୁ ସେଠାକାର ବିଭିନ୍ନ ଘଟଣାରେ ମାମଲା ଥିବା ପୁଲିସ୍ ସୂତ୍ରରୁ ପ୍ରକାଶ । ପ୍ରକାଶଯୋଗ୍ୟ ୬୦ନଂ ଜାତୀୟ ରାଜପଥର ଫୁଲାଡିଠାରୁ ରାଧାନଗର ଯାଏ ବିଭିନ୍ନ ବ୍ୟାପକ ଚାନ୍ଦା ଆଦାୟ ହୋଇ ଆସୁଛି । ଏଥିପ୍ରତି ଆର୍‌ଟିଓ, ପୁଲିସ୍, ଉର୍ଦ୍ଧ୍ୱତନ କର୍ମକର୍ତ୍ତାଙ୍କର ନଜର ନ ଥିବା କୁହାଯାଉଛି । ଜଳେଶ୍ୱର ଏକ ଉପାନ୍ତ ଅଂଚଳ ହୋଇଥିବାରୁ ୬୦ନଂ ଜାତୀୟ ରାଜପଥର ରାଜଘାଟଠାରୁ ବୋର୍ଡର ଯାଏ ଏକ ପିସିଆର୍ ଭେନ୍ ପେଟ୍ରୋଲିଂ ଓ ଏକ ଫାଣ୍ଡି ବସାଇବାକୁ ଦାବି ହେଉଛି ।

# ଛଅ ଘଣ୍ଟିଆ ଓଡ଼ିଶା ବନ୍ଦକୁ ବାଲେଶ୍ୱରରେ ସଫଳ କରିବାକୁ ପ୍ରସ୍ତୁତି



ବାଲେଶ୍ୱର,୧୨/୦୭ (ନି.ପ୍ର): ପେଟ୍ରୋଲ ଓ ଡିଜେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଆନ୍ଦୋଳନମୁଖୀ ହୋଇଛନ୍ତି ବାମପନ୍ଥୀ ଦଳମାନେ । ଆସନ୍ତା ୧୫ ତାରିଖରେ ଛଅ ଘଣ୍ଟିଆ ଓଡିଶା ବନ୍ଦ ପାଇଁ ମିଳିତ ଡାକରା ଦେଇଥିବା ରାଜ୍ୟର ପାଞ୍ଚଗୋଟି ବାମପନ୍ଥୀ ଦଳଙ୍କ ନିଷ୍ପତ୍ତିକୁ ବାଲେଶ୍ୱରରେ ସଫଳ କରିବାକୁ ପ୍ରସ୍ତୁତି ଜୋରଦାର ହୋଇଛି । ଏହି ବନ୍ଦ ଡାକରାକୁ କଂଗ୍ରେସ ମଧ ସମର୍ଥନ ପ୍ରଦାନ କରିଛି । ଏହି ପରିପ୍ରେକ୍ଷୀରେ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି, ସିପିଆଇ ଜିଲା ସମ୍ପାଦକ ନିରଞ୍ଜନ ବାରିକ, ସିପିଆଇ(ଏମ)ର ଜିଲା ସମ୍ପାଦକ ଶିଶିର ହୁଇ, ଫରୱାର୍ଡ଼ ବ୍ଲକର ମୁଖ୍ୟ ସର୍ବେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ପେଟ୍ରୋଲ ଓ ଡିଜେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ନିୟନ୍ତ୍ରଣରେ କେନ୍ଦ୍ର ସରକାରଙ୍କ ବିଫଳତାକୁ ତୀବ୍ର ସମାଲୋଚନା କରିଥିଲେ । ଆନ୍ତର୍ଜାତିକ ସ୍ତରରେ ତୈଳଦର ହ୍ରାସ ପାଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ବୃଦ୍ଧିର ପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି ବୋଲି ସେମାନେ କହିଥିଲେ । ତୈଳ ଦରବୃଦ୍ଧି ସହିତ ମୋଦି ସରକାର ୧୯୯୫ ମସିହାର ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଆଇନ ସଂଶୋଧନ କରିବା ଫଳରେ ଡାଲି, ତେଲ, ଲୁଣ ପ୍ରଭୃତିର ଦରବୃଦ୍ଧି ଘଟୁଛି ବୋଲି ମିଳିତ ଭାବେ ବାମପନ୍ଥୀ ଦଳ ଓ କଂଗ୍ରେସ ଦଳର କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ । କରୋନା ମହାମାରୀ ସମୟରେ ସବୁବର୍ଗର ଲୋକଙ୍କ ଆୟ ହ୍ରାସ ପାଇଥିବାବେଳେ ଦରବୃଦ୍ଧି ଉପରେ ସରକାର ନିୟନ୍ତ୍ରଣ ହରାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଥିଲେ । ଏହାର ପ୍ରତିବାଦ ସହ ଜନସାଧାରଣଙ୍କୁ ଆର୍ଥିକ ସହାୟତା ଯୋଗାଇବା ଦାବିରେ ଆସନ୍ତା ୧୫ ତାରିଖ ଗୁରୁବାର ସକାଳ ୬ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ହବାକୁ ଥିବା ୬ଘଣ୍ଟିଆ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଏହି ବୈଠକରେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି । ଏହି ବନ୍ଦ ପାଳନ ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟସ୍ତରୀୟ ସରକାରୀ ଅଫିସ, ବ୍ୟାଙ୍କ, ବୀମା, ପ୍ରତିରକ୍ଷା, ରେଳ, ଡାକ ଏବଂ ସମସ୍ତ ବେସରକାରୀ ପ୍ରତିଷ୍ଠାନ ବନ୍ଦ ରଖିବାକୁ ମିଳିତ ବୈଠକରେ ଆହ୍ୱାନ ଦିଆଯାଇଛି । ଅନ୍ୟମାନଙ୍କ ମଧରେ ନିର୍ମଳ ନାୟକ, ଭାଗବତ ପ୍ରତିହାରୀ, ପ୍ରେମରଂଜନ ପାତ୍ର, ନିରଞ୍ଜନ ପାତ୍ର, ନିକୁଞ୍ଜ ବସନ୍ତ ରାୟ, ବନ୍ଦନା ବିଶ୍ୱାସ, ରାଜକିଶୋର ଲେଙ୍କା, ବିଜୟ ସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ଶ୍ୟାମସୁନ୍ଦର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଓଡ଼ିଶା ଅଭିଭାବକ ମହାସଂଘର ଜିଲ୍ଲା ଅଧିବେଶନ




ଭଦ୍ରକ,୧୨/୦୭ (ନି.ପ୍ର): ରାଜ୍ୟରେ ଚାଲିଥିବା ଶିକ୍ଷାର ଘରୋଇକରଣ ଏବଂ ଅଭିଭାବକ ମାରଣନୀତିକୁ ତୀବ୍ର ବିରୋଧ ମଧ୍ୟରେ ଓଡ଼ିଶା ଅଭିଭାବକ ମହାସଂଘର ଭଦ୍ରକ ଜିଲ୍ଲା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଆଜି ସହରର ନୂଆବଜାର ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ କରୋନା କଟକଣା ମଧ୍ୟରେ ସୀମିତ ଅଭିଭାବକଙ୍କୁ ନେଇ ମହାସଂଘର ଜିଲ୍ଲା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଅଧକ୍ଷ ବାସୁଦେବ ଭଟ୍ଟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ମହାସଂଘ ଗଠନର ଆବଶ୍ୟକତା, ଶିକ୍ଷାନୀତିର ବ୍ୟବସ୍ଥା, ଶିକ୍ଷା ଅଧିକାର ସମ୍ପର୍କରେ ଉଦବୋଧନ ଦେଇଥିଲେ । ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ସାମ୍ବାଦିକ ଶଶୀ ଭୂଷଣ ସ୍ୱାମୀ ବିଭିନ୍ନ ବିଦ୍ୟାଳୟରେ ଦୃଷ୍ଟି ଗୋଚର ହେଉଥିବା ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ । ଶିକ୍ଷକ କମଳା କାନ୍ତ ସାହୁ ସରକାରୀ ବିଦ୍ୟାଳୟ ମାନଙ୍କର ପ୍ରଚଳିତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ଯୁବ ସମାଜସେବୀ ସନ୍ତୋଷ ସାହୁ ମଞ୍ଚରେ ଉପସ୍ଥିତ ରହିଥିଲେ । ସମାଜସେବୀ ଶରତ ପଡ଼ିଆରୀ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ । ଅଧିବେଶନ ଆରମ୍ଭରେ ଅଭିଭାବକ ମାନେ ନିଜ ନିଜ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଶୋଷଣ ନୀତି ସମ୍ପର୍କରେ ସୂଚନା ଦେଇଥିଲେ । ଆଗାମୀ ଦିନରେ ସେହି ସମସ୍ୟାର ସମାଧାନ ନିମନ୍ତେ ବଡ଼ ଧରଣର ଆନ୍ଦୋଳନ ଡକାଯିବ ବୋଲି ଶ୍ରୀଯୁକ୍ତ ଭଟ୍ଟ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଅଭିଭାବକ ରାଜେଶ କୁମାର ପଣ୍ଡା, ସମୀର ଜେନା, ଭଗବାନ ପଣ୍ଡା, ପ୍ରବୀଣ କୁମାର ଜେନା, ନବନିତା ନାୟକ, ମନୋଜ କୁମାର ପଣ୍ଡା, ଶଙ୍କର୍ଷଣ ପଣ୍ଡା, ପରେଶ ଚନ୍ଦ୍ର ଧଡ଼ା ପ୍ରମୁଖ ଉପସ୍ଥିତ ଥିବାବେଳେ ଯୁବ ସଂଗଠକ ସ୍ୱାଧୀନ ସୁନ୍ଦର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଥଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣାଇଲେ ଶୁଭେଚ୍ଛା

ଭୁବନେଶ୍ୱର,୧୨/୦୭ (ନି.ପ୍ର): ରଥ ଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭକାମନା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପବିତ୍ର ରଥଯାତ୍ରାର ଶୁଭ ଅବସରରେ ମହାପ୍ରଭୁଙ୍କୁ ମୋର କୋଟି କୋଟି ପ୍ରଣାମ ଏବଂ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା । ଭକ୍ତଶୂନ୍ୟ ରଥଯାତ୍ରାରେ ମଧ ଅଗଣିତ ଭକ୍ତ ଟିଭି ଓ ଇଂଟରନେଟ୍ ମାଧମରେ ମହାପ୍ରଭୁଙ୍କ ଦର୍ଶନ କରି ଆତ୍ମସନ୍ତୋଷ ପାଉଛନ୍ତି । ମହାପ୍ରଭୁଙ୍କ ଅପାର କରୁଣାରୁ ଜଗତର କଲ୍ୟାଣ ହେଉ । ଜୟ ଜଗନ୍ନାଥ ।

# ପ୍ରଭାସ ସାହୁ ହେଲେ ୟୁଥ ଫୋର ଏକ୍ସନର ଜିଲ୍ଲା ସଭାପତି



ବାରିପଦା,୧୨/୦୭ (ନି.ପ୍ର): ଓଡିଶା ପ୍ରଦେଶର ୟୁଥ ଫୋର ଏକ୍ସନ ତରଫରୁ ଗୁରୁବାର ଦିନ ଭୁବନେଶ୍ୱର ଠାରେ ଏକ ରାଜ୍ୟ ସ୍ତରୀୟ ବୈଠକରେ ପ୍ରଭାସ ସାହୁଙ୍କୁ ସଂଗଠନର ଜିଲ୍ଲା ସଭାପତି ଭାବରେ ମନୋନୀତ କରାଯାଇ ଥିବାର ଜଣା ଯାଇଛି । ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ କର୍ମୀ ଉପସ୍ଥିତ ଥିବା ବେଳେ, ବୈଠକରେ ରାଜ୍ୟର ପ୍ରତ୍ୟକ ଜିଲ୍ଲା ଓ ରାଜ୍ୟ ଦାୟୀତ୍ୱରେ କର୍ମୀଙ୍କୁ ନିୟଜିତ କରାଯାଇଛି । ଉତ୍ତର ଓଡ଼ିଶା ଜୋନର ବିପ୍ଳବ ଦାସଙ୍କୁ ଜୋନ ସଭାପତି ଭାବରେ ନିୟୋଜିତ କରାଯାଇଥିବା ବେଳେ, ଭୁବନେଶ୍ୱର ସାଂସଦ ମାନନୀୟା ଅପରାଜିତା ଷଡଙ୍ଗୀ ନୂତନ ମନୋନୀତ କର୍ମକର୍ତା ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଛନ୍ତି । ବୈଠକରେ ରାଜ୍ୟ ସଂଯୋଜକ ଦେବାଶିଷ ନାୟକ ଓ ସହ ସଂଯୋଜକ ସୁଜିତ ସିଂ ଙ୍କ ଉପସ୍ଥିତ ରହି ରାଜ୍ୟ ତଥା ଜିଲ୍ଲା ଗୁଡିକରେ କିଭଳି ସଂଗଠନ ମାଧମରେ ଲୋକଙ୍କୁ ସେବା ପ୍ରଦାନ କରାଯାଇ ପାରିବ ସେ ବିଷୟରେ ବିଷଦ ଆଲୋଚନା କରାଯାଇଥିଲା ।

# ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଓ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଟ୍ରଷ୍ଟର ୬ଷ୍ଠ ସ୍ୱନକ୍ଷତ୍ର ଦିବସ ଓ ୭୨ତମ ବନମହୋତ୍ସବ ପାଳିତ

ଭୁବନେଶ୍ୱର,୧୨/୦୭ (ନି.ପ୍ର): ଆଜି ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନର ସ୍ୱନକ୍ଷତ୍ର ଦିବସ ପାଳନ ସହ ୭୨ତମ ବନମହୋତ୍ସ୍ୱ, ଖାରବେଳ ନଗରସ୍ଥିତ ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ପଞ୍ଚାନନ କାନୁନଗୋ (ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ) । ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା-(ପୂର୍ବତନ ମେୟର ତଥା ବିଧାୟକ), ଓ ଶ୍ରୀମତି ସଂଗୀତା ଦାସ(ଶିକ୍ଷୟିତ୍ରୀ ତଥା ଧର୍ମପତ୍ନୀ ଗଣଶିକ୍ଷାମନ୍ତ୍ରୀ), ମୁଖ୍ୟବକ୍ତା ପ୍ରଫେସର ପ୍ରସନ୍ନ ପାଟଶାଣୀ(ପ୍ରାକ୍ତନ ସାଂସଦ ତଥା ବିଶିଷ୍ଟ କବି ଓ ସମାଜସେବୀ), ଡଃ ରଜନୀ ରଞ୍ଜନ ଦାଶ(ସଭାପତି, ନିଶିଗନ୍ଧା ସାହିତ୍ୟ ସଂସଦ ଓ ଚଳଚିତ୍ର ଲେଖକ)ନିଶିଗନ୍ଧା ପଥପ୍ରଦର୍ଶକ ଶ୍ରୀଯୁକ୍ତ ପଦ୍ମନାଭ ତ୍ରିପାଠୀ(ପ୍ରଧାନ ଶିକ୍ଷକ,ସୁବକ୍ତା ତଥା ସାହିତ୍ୟାନୁରାଗୀ), ଇତ୍ୟାଦି ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସାଫଲ୍ୟମଣ୍ଡିତ କରିଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ସ୍ୱାଗତ ସଂଗୀତ ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା । ପରେ ପରେ ଅତିଥି ଆମନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ନାରୀ ସଶକ୍ତିକରଣ ସଂଗଠନ ର ସଭାପତି କୌଶଲ୍ୟା ବେଉରିଆ ଅତିଥି ମାନଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ । ତତପରେ ଆଜି ସଭାର ସଭାପତି ଶିକ୍ଷକ ଶ୍ରୀଯୁକ୍ତ ଚକ୍ରଧର ତ୍ରିପାଠୀ(ବିଶିଷ୍ଟ ସମାଜସେବୀ) ମହୋଦୟ ସଂଗଠନ ର ସଭାପତିତ୍ୱ କରିଥିଲେ । ସଭା ଆରମ୍ଭରେ ଶ୍ରୀଯୁକ୍ତ ଚକ୍ରଧର ସାର ମହୋଦୟ ସଭାର ଆଭିମୁଖ୍ୟ କୁ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଞ୍ଚାନନ କାନୁନଗୋ ମହୋଦୟ ନିଶିଗନ୍ଧାର ଉତରୋତ୍ତର ଉନ୍ନତି କାମନା କରିବା ସହିତ ଆଜିର ଦିନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏକ ମହତ କାର୍ଯ୍ୟ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତିଷ୍ଠାନ ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ବଳରାମ ତରାଇ ମହୋଦୟ କାର୍ଯ୍ୟକ୍ରମ ର ମହତ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ଆଲୋକପାତ କରିଥିଲେ । ନିଶିଗନ୍ଧା ପ୍ରତିଷ୍ଠାନ ପରିବାରର ମୁଖ୍ୟ ସମ୍ପାଦିକା ନିଶିଗନ୍ଧା ଖବର କାଗଜ ର ସମ୍ପାଦିକା ଶ୍ରୀମତୀ ସରସ୍ୱତୀ ନାୟକ, ରାଜ୍ୟ ମୁଖ୍ୟ ପୃଷ୍ଠପୋଷକ କରୁଣାକର ମଲ୍ଲିକ, ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନର ଉପସଭାପତି ଗୋବିନ୍ଦ ଚନ୍ଦ୍ର ଫାରକ, ନିଶିଗନ୍ଧା ଖବର ସହ ସମ୍ପାଦକ ସନ୍ତୋଷ କୁମାର ପାଢୀ, ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଉପସଭାପତି-ଚକ୍ରଧର ତ୍ରିପାଠୀ, ରାଜ୍ୟ ପୃଷ୍ଠପୋଷକ ଇଂ ଶ୍ରୀମତି ଅର୍ଚ୍ଚନା ଦାଶ, ଶ୍ରୀଯୁକ୍ତ ଦୁଷ୍ମନ୍ତ ସାହୁ(କବି) ଇତ୍ୟାଦି ବ୍ୟକ୍ତିବିଶେଷ ଉପସ୍ଥିତ ରହି ସେମାନଙ୍କର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଗୋଟିଏ ଗଛ କୋଟିଏ ଜୀବନ କୁ ଆଧାର କରି ଅତିଥିମାନଙ୍କ ସହଯୋଗ ରେ ବୃକ୍ଷରୋପଣ ପରି ମହତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଯାହା ସମସ୍ତଙ୍କ ମନରେ ଉଲ୍ଲାସ ଆଣିଦେଇଥିଲା । ସର୍ବଶେଷରେ ରେ ସଭାପତି ମହୋଦୟ ଧନ୍ୟବାଦ ପୂର୍ବକ ସଭାକାର୍ଯ୍ୟକୁ ସାଙ୍ଗ କରାଇଥିଲେ ।

# ଅଶ୍ଳୀଳ ସଂଗୀତକୁ ନେଇ ଥାନାରେ ମାମଲା : ଦାଖଲକଲା ହେଲ୍ପ ଫର ୟୁ ଫାଉଣ୍ଡେସନ



ଜଳେଶ୍ୱର ୧୨/୭(ନିପ୍ର) : ଗତ କିଛିଦିନ ଧରି ସାମାଜିକ ଗଣମାଧ୍ୟମରେ ଓଡିଆ ଭାଷାରେ ଏକ ଅଶ୍ଳୀଳ ସଂଗୀତ ଘୁରିବୁଲୁଥିବା ନେଇ ଆଜି ହେଲ୍ପ ଫର ୟୁ ଫାଉଣ୍ଡେସନ ପକ୍ଷରୁ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ଓଡିଆ ଭାଷାକୁ ବ୍ୟାସକବି ଫକୀର ମୋହନ ଦାସ ଅଧିକ ବିକଶିତ କରିଥିବା ବେଳେ ସେହି ଜିଲାର ସଂଗୀତକାର ବାପୁ ପଣ୍ଡା ଓଡିଆ ଭାଷାକୁ ଅଶ୍ଳୀଳ ଶବ୍ଦ ବ୍ୟବହାର କରି ଗାନ କରିଥିବାରୁ ସଂଗଠନ ପକ୍ଷରୁ ଏହାକୁ ବିରୋଧ ହୋଇଛି । ଏହି ସଂଗୀତର ନିର୍ଦ୍ଦେଶକ ଗୋପିନାଥ ପାଣିଗ୍ରାହୀ ଏବଂ ଏହାକୁ ପ୍ରସ୍ତୁତ କରିଥିବା ଏସ୍.ଏସ୍ ମ୍ୟୁଜିକ୍ କମ୍ପାନୀ ବିରୋଧରେ ମଧ୍ୟ ଅଭିଯୋଗ ହୋଇଛି । ଏଭଳି ସଂଗୀତ ଛାତ୍ରଛାତ୍ରୀଙ୍କ ଉପରେ କୁ ପ୍ରଭାବ ସଂପର୍କରେ ଏତାଲାରେ ଦର୍ଶାଯାଇଛି । ସଂଗଠନର ସଭାପତି ମାନସ ଧଳ, ସୁଜିତ କାମିଲା, ତନ୍ମୟ ଚନ୍ଦ, ମହାପ୍ରସାଦ ପାତ୍ର, ନଗେନ୍ଦ୍ର ବାରିକ, ତପନ ଦେ, ସୁଶାନ୍ତ ସାହୁ, ଗୌରଶଂକର ସିଟ, ଚିନ୍ମୟ ରାଉଳ, ବିଶ୍ୱଜିତ୍ କରଣ, କାଳିଚରଣ ଦାସ, ହରିଶ ଦତ୍ତ ପ୍ରମୁଖ ଏପରି ସଂଗୀତକୁ ତିବ୍ର ବିରୋଧ କରି ଥାନାରେ ଅଭିଯୋଗ କରିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo